ବର୍ଷ-୨୪, ସଂଖ୍ୟା-୨୧୨
ଭୁବନେଶ୍ୱର
୧ ସେପ୍ଟେମ୍ବର, ୨୦୨୪ ରବିବାର
ପୃଷ୍ଠା-୦୮, ମୂଲ୍ୟ : ୨ଟଙ୍କା

Vol.-24, Issue No. 212
Bhubaneswar
1 September, 2024, Sunday
Page-08, Rs.: 2.00

# ମହାଭାରତ

RNI Regd. No.: ODIODI2000/03863
Website : www.mahabharataepaper.com

Mahabharat

### ପିଏମ୍ -ଉଷା କାର୍ଯ୍ୟକ୍ରମ ପାଇଁ ରାଜ୍ୟ ସରକାର ଓ କେନ୍ଦ୍ର ସରକାରଙ୍କ ମଧ୍ୟରେ ବୁଝାମଣା ପତ୍ର ସ୍ୱାକ୍ଷରିତ

## ଶିକ୍ଷାନୁଷ୍ଠାନ ଭିତିଭୂମି ସହିତ ଗୁଣାତ୍ମକ ଶିକ୍ଷାର ବିକାଶ ହେବ

**ଭୁବନେଶ୍ୱର,୩୧।୮(ମହାଭାରତ):** ରାଜ୍ୟ କୃଷି ଭବନରେ ଶନିବାର ଓଡିଶାର ଉଚ୍ଚ ଶିକ୍ଷା ବିଭାଗ ଓ କେନ୍ଦ୍ର ଶିକ୍ଷା ମନ୍ତ୍ରାଳୟ ମଧ୍ୟରେ ରାଜ୍ୟରେ ପିଏମ୍ -ଉଷା କାର୍ଯ୍ୟକ୍ରମ ଲାଗୁ କରିବା ପାଇଁ ଏକ ବୁଝାମଣା ପତ୍ର ସ୍ୱାକ୍ଷରିତ ହୋଇଛି। ୨୦୨୫-୨୬ ମଧ୍ୟରେ ଏହା କାର୍ଯ୍ୟକାରୀ କରାଯିବ। କାର୍ଯ୍ୟକ୍ରମରେ ଯୋଗ ଦେଇ ମୁଖ୍ୟମନ୍ତ୍ରୀ ଶ୍ରୀ ମୋହନ ଚରଣ ମାଝୀ କହିଥିଲେ ଯେ, ରାଜ୍ୟର ଛାତ୍ରଛାତ୍ରୀମାନଙ୍କ ବୃହତର ସ୍ୱାର୍ଥକୁ ଦୃଷ୍ଟିରେ ରଖି, ଆମ ସରକାରଙ୍କ ୮୧ତମ ଦିନରେ ପିଏମ୍ -ଉଷା କାର୍ଯ୍ୟକ୍ରମର ଶୁଭାରମ୍ଭ ହେଲା। ଏହା ହେଉଛି ଡବଲ୍ ଇଞ୍ଜିନ ସରକାରର ସଫଳତା। ପ୍ରଧାନମନ୍ତ୍ରୀ ଶ୍ରୀ ନରେନ୍ଦ୍ର ମୋଦୀଙ୍କ ଦୂରଦୃଷ୍ଟି ଓ ତତ୍ତ୍ୱାବଧାନରେ ଏହି ଯୋଜନା କାର୍ଯ୍ୟକାରୀ କରାଯାଉଛି।

ମୁଖ୍ୟମନ୍ତ୍ରୀ କହିଥିଲେ ଯେ ଶିକ୍ଷାର ପରିସର ବ୍ୟାପକ। ଏହାକୁ ରାଜନୀତିର ସଂକୀର୍ଣ୍ଣତା ମଧ୍ୟରେ ରଖିବା ଉଚିତ୍ ନୁହେଁ । ପିଏମ୍ -ଉଷା କାର୍ଯ୍ୟକ୍ରମ ଛାତ୍ରଛାତ୍ରୀଙ୍କ ଉତମ ଭବିଷ୍ୟତ ଗଠନ ଲକ୍ଷ୍ୟରେ ଆରମ୍ଭ ହୋଇଥିବା ସତ୍ତ୍ୱେ, ଆଗରୁ ଏହାକୁ କାର୍ଯ୍ୟକାରୀ କରାଯାଇ ନଥିଲା। ଏହି ଯୋଜନାକୁ ରାଜ୍ୟରେ ସଫଳତାର ସହ କରାଯିବ ବୋଲି ପ୍ରକାଶ କରି ମୁଖ୍ୟମନ୍ତ୍ରୀ କହିଥିଲେ ଯେ ଏହା ଦ୍ୱାରା ଶିକ୍ଷାର ନୂତନ ଭିତିଭୂମି ଓ ମନବ ସମ୍ବଳର ବିକାଶ ହେବ। ଏହି ଯୋଜନା ଦକ୍ଷତା ବିକାଶ, ଗବେଷଣା, ନିଯୁକ୍ତିଯୋଗ୍ୟ ଶିକ୍ଷାର ବିକାଶରେ ସହାୟକ ହେବ। ଏହା ଆମର ଶିକ୍ଷା ପରିବେଶକୁ ବିଶ୍ୱସ୍ତରୀୟ କରିବ।

ମୁଖ୍ୟମନ୍ତ୍ରୀ ପୁଣି କହିଥିଲେ ଯେ, ଆମର ସଂକଳ୍ପ ପତ୍ର ଅନୁଯାୟୀ ଆମର ବିଶ୍ୱବିଦ୍ୟାଳୟ ଗୁଡିକୁ ସ୍ୱାୟତତା ପ୍ରଦାନ କରାଯିବ। ଏ ପର୍ଯ୍ୟନ୍ତ ରାଜ୍ୟର ଦୂରଦୁରାନ୍ତ ଅଂଚଳରେ



୧୮ଟି ନୂଆ ସରକାରୀ ମହାବିଦ୍ୟାଳୟ ଖୋଲା ଯାଇଛି। ଏହା ସହିତ ଓଡିଶାର ଆଦିବାସୀ ଭାଷାର ସୁରକ୍ଷା ଓ ପ୍ରଚାର ପାଇଁ ୨୬ଟି ଭାଷା ପରୀକ୍ଷାଗାର ନିର୍ମାଣ ପାଇଁ ପଦକ୍ଷେପ ନିଆ ଯାଉଛି। ଜାତୀୟ ଶିକ୍ଷା ନୀତି-୨୦୨୦ ଦେଶର ଶିକ୍ଷା ବ୍ୟବସ୍ଥାରେ ବ୍ୟାପକ ପରିବର୍ତନ ଆଣିବାକୁ ଯାଉଛି। ପୂର୍ବ ସରକାରଙ୍କ ଦୂରଦୃଷ୍ଟିର ଅଭାବ ତଥା ରାଜନୈତିକ ସଂକୀର୍ଣ୍ଣତା ଯୋଗୁ ଆମ ରାଜ୍ୟରେ ଏହା ଆଜି ପର୍ଯ୍ୟନ୍ତ ଲାଗୁ କରାଯାଇ ନଥିଲା ବୋଲି ସେ କହିଥିଲେ।

କେନ୍ଦ୍ର ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କ ଦିଗ୍‌ଦର୍ଶନରେ ଆମ ସରକାର ଜାତୀୟ ଶିକ୍ଷା ନୀତି-୨୦୨୦କୁ ଲାଗୁ କରିବା ପାଇଁ ସମସ୍ତ ପଦକ୍ଷେପ ନେଉଛନ୍ତି ବୋଲି ସେ କହିଥିଲେ। ମୁଖ୍ୟମନ୍ତ୍ରୀ କହିଥିଲେ ଯେ ପିଏମ୍ -ଉଷା କାର୍ଯ୍ୟକ୍ରମରେ ଜାତୀୟ ଶିକ୍ଷାନୀତି-୨୦୨୦ର ପାଞ୍ଚଟି ସ୍ତମ୍ଭକୁ ସୁଦୃଢ କରାଯିବ। ଏହା ହେଲା ସୁଗମ୍ୟ ଶିକ୍ଷା, ଗୁଣାତ୍ମକ ମାନ, ସମାନତା, ଉତରଦାୟିତ୍ୱ ଓ ସାମର୍ଥ୍ୟ। ଶିକ୍ଷା କ୍ଷେତ୍ରରେ ସବୁଠାରୁ ବଡ ସମସ୍ୟା ହେଉଛି ଯୁବବର୍ଗ ମଧ୍ୟରେ ଦକ୍ଷତାର ବିକାଶ। ପ୍ରଯୁକ୍ତି ବିଦ୍ୟାର ଅଭୂତପୂର୍ବ ବିକାଶ ସହିତ ଆମର ଶିକ୍ଷା ପ୍ରଣାଳୀକୁ ସମାନ୍ତରାଳ ଭାବରେ ଉନ୍ନତ କରିବାକୁ ହେବ। ପ୍ରଯୁକ୍ତି ବିଦ୍ୟାରେ ଶିକ୍ଷା ହାସଲ କରିଥିବା ଯୁବବର୍ଗକୁ ନିଯୁକ୍ତି ଯୋଗ୍ୟ କରିବା ପାଇଁ କେନ୍ଦ୍ର ସରକାର ଚଳିତ ବର୍ଷ ଦେଶର ବଜେଟରେ ୧ କୋଟି ଯୁବକ ଯୁବତୀଙ୍କୁ ୫୦୦ ଉଦ୍ୟୋଗରେ ଇଂଟରନସିପ୍ ପ୍ରଦାନ କରିବା ପାଇଁ ବ୍ୟବସ୍ଥା କରିଛନ୍ତି।

ମୁଖ୍ୟମନ୍ତ୍ରୀ କହିଥିଲେ ଯେ, ଏହା ଦ୍ୱାରା ସ୍ଥାୟୀ ବିକାଶ ଲକ୍ଷ୍ୟ (ଏସଡିଜି) ପୂରଣ ଦିଗରେ ଏହା ସହାୟକ ହେବ। ଶିକ୍ଷା କ୍ଷେତ୍ରରେ ବୈଷମ୍ୟତା ଓ ଅସମାନତା ଦୂର କରାଯାଇ ଏସଡିଜି-୪ ର ଲକ୍ଷ୍ୟ ପୂରଣ ହୋଇପାରିବ। ସେ କହିଥିଲେ ଯେ ଆଗାମୀ ଦିନରେ ସାମଗ୍ରୀକ ଶିକ୍ଷା କ୍ଷେତ୍ରରେ ବୈପ୍ଳବିକ ପରିବର୍ତ୍ତନ ଆଣିବା ପାଇଁ ଓଡିଶା ସରକାର ପ୍ରାଥମିକ ଶିକ୍ଷାରୁ ଆରମ୍ଭ କରି ବିଶ୍ୱବିଦ୍ୟାଳୟ ପର୍ଯ୍ୟନ୍ତ ଆନ୍ତର୍ଜାତିକ ମାନର ଶିକ୍ଷା ଓଡିଶାର ଛାତ୍ରଛାତ୍ରୀଙ୍କୁ ପ୍ରଦାନ କରିବା ପାଇଁ ପଦକ୍ଷେପ ନିଆଯିବ। ଏହା ଦ୍ୱାରା ଉଚ୍ଚ ଶିକ୍ଷା କ୍ଷେତ୍ରରେ ୨୦୩୬ ସୁଦ୍ଧା ଓଡିଶାକୁ ଏକ ବିକଶିତ ରାଜ୍ୟରେ ପରିଣତ କରାଯାଇ ପାରିବ ଏବଂ ବିକଶିତ ଭାରତ ଓ ବିକଶିତ ଓଡିଶାର ଲକ୍ଷ୍ୟ ପୂରଣ ହେବ।

କାର୍ଯ୍ୟକ୍ରମରେ ଯୋଗଦେଇ କେନ୍ଦ୍ର ଶିକ୍ଷା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ କହିଲେ ଯେ ରାଜ୍ୟରେ ସ୍କୁଲ, କଲେଜ ପିଲାଙ୍କୁ ନେଇ ପ୍ରାୟ ୧ କୋଟି ଛାତ୍ରଛାତ୍ରୀ ଅଛନ୍ତି। ରାଜ୍ୟ ଜନସଂଖ୍ୟାର ଏହା ହେଉଛି ଏକ ଚତୁର୍ଥାଂଶ। ତେଣୁ ଏହି ପିଲାମାନଙ୍କର ଠିକ୍ ଭାବରେ ଦାୟିତ୍ୱ ନିଆଯାଇ ପାରିଲେ ରାଜ୍ୟର ବିକାଶ ବିଶ୍ୱସ୍ତରୀୟ ହୋଇପାରିବ। ସେ କହିଲେ ଯେ ଏକ ବିଂଶ ଶତାବ୍ଦୀ ହେଉଛି ଜ୍ଞାନର ଶତାବ୍ଦୀ। ଜ୍ଞାନ ଓ ପ୍ରତିଭା ହେଉଛି ଓଡିଆ ପିଲାଙ୍କ ମୂଳ ଆଧାର। ଏହାର ବିକାଶ ହୋଇପାରିଲେ ଆମ ପିଲାମାନେ ମଧ୍ୟ ବିଶ୍ୱ ସ୍ତରରେ ନିଜର ଦକ୍ଷତା ପ୍ରଦର୍ଶନ କରିପାରିବେ। ଏହି କାର୍ଯ୍ୟକ୍ରମରେ ରାଜ୍ୟର ବିଭିନ୍ନ କଲେଜ ଓ ୟୁନିଭ ?ସିଟିର ବିକାଶ ପାଇଁ ୫୦୦ କୋଟି ଟଙ୍କା ଦିଆଯିବ ବୋଲି ସେ ପ୍ରକାଶ କରିଥିଲେ। ଏହା ଯୋଗୁ ଆମ ରାଜ୍ୟର ୧ କୋଟି ପିଲା ବିଶ୍ୱସ୍ତରୀୟ ଶିକ୍ଷା ପାଇପାରିବେ। ଏହି କାର୍ଯ୍ୟକ୍ରମ ୩ ବର୍ଷ ଆଗରୁ ହେବାର ଥିଲା। କିନ୍ତୁ ରାଜନୀତି ଯୋଗୁ ଓଡିଆ ପିଲାମାନେ ବଞ୍ଚିତ ହୋଇଥିଲେ। ଓଡିଶାରେ ଖୁବ୍ ଶୀଘ୍ର ଶିକ୍ଷାରେ ସ୍ୱାୟତତା ଆସିବ ବୋଲି ସେ କହିଥିଲେ। ଟ'ଏଉର ନିୟମ ଅନୁଯାୟୀ ବିଶ୍ୱବିଦ୍ୟାଳୟଗୁଡିକୁ ସ୍ୱାୟତତା ଦିଆଯିବ ବୋଲି ସେ କହିଥିଲେ। ରାଜ୍ୟ ଉଚ୍ଚ ଶିକ୍ଷା, କ୍ରୀଡା ଓ ଯୁବସେବା ତଥା ଓଡିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ମନ୍ତ୍ରୀ ସୂର୍ଯ୍ୟବଂଶୀ ସୁରଜ କହିଥିଲେ ଯେ ପି.ଏମ୍. ଉଚ୍ଚତର ଶିକ୍ଷା ଅଭିଯାନ ଦ୍ୱାରା ରାଜ୍ୟର ଶିକ୍ଷା ବ୍ୟବସ୍ଥାରେ ସକରାତ୍ମକ ପ୍ରଭାବ ପଡିବ। ଶିକ୍ଷାନୁଷ୍ଠାନ ଗୁଡିକର ଭିତିଭୂମି ସୁଦୃଢ ହେବା ସହିତ ପିଲାମାନେ ଗୁଣାତ୍ମକ ଶିକ୍ଷା ପାଇପାରିବେ। ମୁଖ୍ୟମନ୍ତ୍ରୀ ମାହନ ଚରଣ ମାଝୀ, କେନ୍ଦ୍ର ଶିକ୍ଷା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଏବଂ ରାଜ୍ୟ ଉଚ୍ଚ ଶିକ୍ଷା, କ୍ରୀଡା ଓ ଯୁବସେବା ତଥା ଓଡିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ମନ୍ତ୍ରୀ ସୂର୍ଯ୍ୟବଂଶୀ ସୁରଜ ଓ ମୁଖ୍ୟ ଶାସନ ସଚିବ ମନୋଜ ଆହୁଜାଙ୍କ ଉପସ୍ଥିତିରେ ରାଜ୍ୟ ଉଚ୍ଚ ଶିକ୍ଷା ବିଭାଗର କମିଶନର ତଥା ଶାସନ ସଚିବ ଅରବିନ୍ଦ ଅଗ୍ରୱାଲ ଏବଂ କେନ୍ଦ୍ର ଶିକ୍ଷା ମନ୍ତ୍ରାଳୟର ଅତିରିକ୍ତ ଶାସନ ସଚିବ ସୁନିଲ କୁମାର ବର୍ଣ୍ଣୱାଲ ଏହି ବୁଝାମଣା ପତ୍ରରେ ସ୍ୱାକ୍ଷର କରିଥିଲେ।

## ଆଜିଠୁ ସୁଭଦ୍ରା ଯୋଜନା ପଂଜୀକରଣ



**ଭୁବନେଶ୍ୱର,୩୧।୮ (ମହାଭାରତ):** ଆସନ୍ତାକାଲି (ରବିବାର) ଠାରୁ ଆରମ୍ଭ ହେବ ସୁଭଦ୍ରା ଯୋଜନା ପାଇଁ ପଂଜୀକରଣ ପ୍ରକ୍ରିୟା। ଉପ ମୁଖ୍ୟମନ୍ତ୍ରୀ ଶ୍ରୀମତୀ ପ୍ରଭାତୀ ପରିଡା ଏହି ସୂଚନା ଦେଇଛନ୍ତି। ମହିଳାମାନଙ୍କର ସାମାଜିକ ଓ ଅର୍ଥନୈତିକ ସ୍ଥିତିକୁ ମଜବୁତ କରିବା ପାଇଁ ମହିଳା ଓ ଶିଶୁ ବିକାଶ ବିଭାଗ 'ସୁଭଦ୍ରା' ଯୋଜନା ଆରମ୍ଭ କରିଛନ୍ତି। ଏଥି ନିମନ୍ତେ ବିଭାଗ ପକ୍ଷରୁ ମାର୍ଗଦର୍ଶିକା ଜାରି ହୋଇସାରିଛି। ଏହି ଯୋଜନା ଅଧୀନରେ ଓଡ଼ିଶାର ଏକ କୋଟିରୁ ଉର୍ଦ୍ଧ୍ୱ ମହିଳା ଉପକୃତ ହୋଇପାରିବେ ବୋଲି ଉପମୁଖ୍ୟମନ୍ତ୍ରୀ ଶ୍ରୀମତୀ ପ୍ରଭାତୀ ପରିଡ଼ା କହିଛନ୍ତି ।

ମହିଳା ଓ ଶିଶୁ ବିକାଶ ବିଭାଗ ପକ୍ଷରୁ ସମସ୍ତ ଜିଲ୍ଲାକୁ ପର୍ଯ୍ୟାପ୍ତ ପରିମାଣର ଆବେଦନ ଫର୍ମ ପଠାଯାଇଛି । ସମସ୍ତ ଜିଲ୍ଲାରେ ହିତାଧିକାରୀଙ୍କ ନିମନ୍ତେ ଆଜିଠାରୁ ଏହି ଫର୍ମ ଉପଲବ୍ଧ ହେବା ସହ ଆସନ୍ତାକାଲିଠାରୁ ପଞ୍ଜିକରଣ ପ୍ରକ୍ରିୟା ଆରମ୍ଭ ହେବ । ଏ ସମସ୍ତ ପ୍ରକ୍ରିୟା ଦେୟମୁକ୍ତ ହେବ ବୋଲି ବିଭାଗ ପକ୍ଷରୁ ସ୍ପଷ୍ଟ କରାଯାଇଛି । ଜିଲ୍ଲାର ସମସ୍ତ ଅଙ୍ଗନବାଡ଼ି କେନ୍ଦ୍ର, ବ୍ଲକ୍ କାର୍ଯ୍ୟାଳୟ, ପୌରାଂଚଳ କାର୍ଯ୍ୟାଳୟ, ମୋ ସେବା କେନ୍ଦ୍ର ଓ ସାଧାରଣ ସେବା କେନ୍ଦ୍ରରେ ଏହି ଆବେଦନ ଫର୍ମ ପର୍ଯ୍ୟାପ୍ତ ପରିମାଣରେ ଉପଲବ୍ଧ ହେବ।

## ଖୋଲିବ ୨୫ ନୂଆ ଅବକାରୀ ଥାନା

**ଭୁବନେଶ୍ୱର,୩୧।୮ (ମହାଭାରତ):** ରାଜ୍ୟରେ ଖୋଲିବ ୨୫ଟି ନୂଆ ଅବକାରୀ ଥାନା। ଅବକାରୀ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ ଏହି ସୂଚନା ଦେଇଛନ୍ତି। ସେ କହିଛନ୍ତି, ଓଡ଼ିଶାର ୧୬ଟି ସ୍ଥାନରେ ଏହି ଅବକାରୀ ଥାନା ଖୋଲାଯିବ। ଅବକାରୀ ନିର୍ଦ୍ଦେଶାଳୟ ପକ୍ଷରୁ ସବୁ ଅବକାରୀ ଅଧୀକ୍ଷକଙ୍କୁ ଚିଠି ଲେଖାଯାଇଛି। କେବଳ ଗଞ୍ଜାମରେ ୬ଟି ନୂଆ ଅବକାରୀ ଥାନା ଖୋଲିବ। ଗଞ୍ଜାମରେ ୩, ବ୍ରହ୍ମପୁରରେ ୩ଟି ନୂଆ ଅବକାରୀ ଥାନା ପ୍ରତିଷ୍ଠା ହେବ। ଚିକିଟି ମଦ ମୃତ୍ୟୁ ପରେ ଗଞ୍ଜାମ ଜିଲ୍ଲାରେ ୬ଟି ଅବକାରୀ ଥାନା ପ୍ରତିଷ୍ଠା ନେଇ ନିଷ୍ପତି ହୋଇଛି। ସେପ୍ଟେମ୍ବର ୪ ତାରିଖରେ ଅବକାରୀ ଥାନା ସମ୍ପର୍କିତ ଏକ ବୈଠକ ଅନୁଷ୍ଠିତ ହେବ ବୋଲି ମନ୍ତ୍ରୀ କହିଛନ୍ତି।

## ହରିଦାସପୁର- ପାରାଦ୍ୱୀପ ଦ୍ୱିତୀୟ ରେଳ ଲାଇନ ପାଇଁ ବୈଜୟନ୍ତ ପଣ୍ଡାଙ୍କ ପ୍ରସ୍ତାବ

**ଭୁବନେଶ୍ୱର,୩୧।୮(ମହାଭାରତ):** ବରିଷ୍ଠ ବିଜେପି ନେତା ତଥା ରାଷ୍ଟ୍ରୀୟ ଉପ-ସଭାପତି ଏବଂ କେନ୍ଦ୍ରାପଡ଼ା ସାଂସଦ ବୈଜୟନ୍ତ ପଣ୍ଡା ହରିଦାସପୁର-ପାରାଦୀପ ରେଳ ପ୍ରକଳ୍ପର ଦ୍ୱିତୀୟ ରେଳ ଲାଇନ ପ୍ରକଳ୍ପ ପାଇଁ ଗତକାଲି ରେଳ ମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବଙ୍କୁ ଏକ ପତ୍ର ଜରିଆରେ ପ୍ରସ୍ତାବ ଦେଇଛନ୍ତି।

ସୂଚନାଯୋଗ୍ୟ ଯେ ୧୯୯୬ ମସିହାରେ ପୂର୍ବ-ତଟ ରେଳର ଅଂଶ ଭାବେ ୮୨.୫ କି.ମି. ଦୀର୍ଘ ହରିଦାସପୁର-ପାରାଦୀପ ପ୍ରକଳ୍ପକୁ ମଞ୍ଜୁରି ମିଳିଥିଲା ୧୯୯୯ ମସିହାରେ ତତ୍କାଳୀନ ରେଳ ମନ୍ତ୍ରୀ ନୀତିଶ କୁମାର ମାର୍ଶାଘାଇଠାରେ ଏହାର ଭିତିପ୍ରସ୍ତର ସ୍ଥାପନ କରିଥିଲେ ଓ ୨୦୦୪ ସୁଦ୍ଧା ଏହା ଶେଷ ହେବ ବୋଲି ପ୍ରତିଶୃତି ଦେଇଥିଲେ। ମାତ୍ର ରାଜନୈତିକ ଇଚ୍ଛାଶକ୍ତି ଅଭାବରୁ ପ୍ରକଳ୍ପ କାର୍ଯ୍ୟ ଆରମ୍ଭ ହୋଇ ପାରୁନଥିଲା ଓ କାଗଜକଲମରେ ଅଟକି ଯାଇଥିଲା। ଶ୍ରୀ ପଣ୍ଡା ୨୦୦୯ରେ କେନ୍ଦ୍ରାପଡାରୁ ନିର୍ବାଚିତ ହେବା ପରେ ନିରନ୍ତର ଭାବେ ଏହି ପ୍ରକଳ୍ପ କାର୍ଯ୍ୟ ତ୍ୱରାନ୍ୱିତ କରିବା ଦିଗରେ ଉଭୟ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ସହ ନିୟମିତ ଯୋଗାଯୋଗ ରକ୍ଷା କରିବା ସହ ଅଧିକାରୀମାନଙ୍କ ସହ ସମୀକ୍ଷା କରି କାର୍ଯ୍ୟକୁ ଆଗେଇ ନେଇଥିଲେ। ସହଭାଗିତା ଭିତ୍ତିରେ ଏହି ପ୍ରକଳ୍ପର



ନିର୍ମାଣ ଦାୟିତ୍ୱ ରେଳ ବିକାଶ ନିଗମ ଲିମିଟେଡ (ଆର.ଭି.ଏନ.ଏଲ), ଓଡ଼ିଶା ସରକାର, ଓଡ଼ିଶା ଖଣି ନିଗମ ଓ ପାରାଦୀପ ପୋର୍ଟ ଟ୍ରଷ୍ଟକୁ ଦିଆଯାଇଥିଲା। ଆନୁମାନିକ ୨୦୮୩.୯ କୋଟି ଟଙ୍କାର ଏହି ପ୍ରକଳ୍ପ ଲାଗି ଆବଶ୍ୟକ କିଛି ଜମି ଜଙ୍ଗଲ କ୍ଷେତ୍ରରେ ପଡୁଥିବାରୁ ତାହାର ଅଧିଗ୍ରହଣ ଦୀର୍ଘ ଦିନ ଧରି ପଡିରହିଥିଲା। ଏଥିପାଇଁ ସେ ୨୦୧୪, ଅକ୍ଟୋବର ୧୪ ତାରିଖରେ ତତ୍କାଳୀନ କେନ୍ଦ୍ର ପରିବେଶ ମନ୍ତ୍ରୀ ପ୍ରକାଶ ଜାଭାଡେକରଙ୍କୁ ସାକ୍ଷାତ କରି ପ୍ରଥମ ପର୍ଯ୍ୟାୟ ପରିବେଶ ମଞ୍ଜୁରି ଆଣିଥିଲେ। ଏହାପରେ ୨୦୧୫ ଅଗଷ୍ଟ ୨୭ ତାରିଖରେ ଶ୍ରୀ ପଣ୍ଡା ତତ୍କାଳୀନ ରେଳ ମନ୍ତ୍ରୀ ସୁରେଶ ପ୍ରଭୁଙ୍କୁ ସାକ୍ଷାତ କରି ପ୍ରକଳ୍ପ କାର୍ଯ୍ୟ ତ୍ୱରାନ୍ୱିତ କରିବା ଲାଗି ଓ ରେଳ ବଜେଟରେ ସ୍ୱତନ୍ତ୍ର ଭାବେ ବ୍ୟୟବରାଦ ଦେବା ଲାଗି ଦାବି କରିଥିଲେ। ହରିଦାସପୁର-ପାରାଦୀପ ରେଳ ଲାଇନ ଉପକୂଳ ଓଡ଼ିଶାର ଏକ ଗୁରୁତ୍ୱପୂର୍ଣ୍ଣ ପ୍ରକଳ୍ପ, ଯାହା ୩ଟି ଜିଲ୍ଲା ଯାଜପୁର, କେନ୍ଦ୍ରାପଡ଼ା ଓ ଜଗତସିଂପୁରକୁ ସଂଯୋଗ କରୁଛି। ବିଶେଷକରି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କର ଓଡ଼ିଶା ପ୍ରତି ସ୍ନେହ ଓ ପ୍ରୋତ୍ସାହନ ପାଇଁ ଏହି ପ୍ରକଳ୍ପଟି ଶେଷ ହୋଇପାରିଥିଲା ଦ୍ୱିତୀୟ ରେଳ ଲାଇନ ହେଲେ କେନ୍ଦ୍ରାପଡା ଜିଲ୍ଲାରେ ଇଣ୍ଡଷ୍ଟ୍ରିଆଲ କରିଡୋର, ଶିଳ୍ପାୟନ ପାଇଁ ପଥ ପରିଷ୍କାର ହେବା ସଙ୍ଗେ ସଙ୍ଗେ ନିଯୁକ୍ତି ସୁଯୋଗ ସୃଷ୍ଟି ହୋଇପାରିବ।

### ରାଜ୍ୟସ୍ତରୀୟ ସ୍ୱାୟତ ଶାସନ ଦିବସ ସମାରୋହ

## ୨୭ ପୌରପ୍ରଶାସନିକ ସେବା ଅଧିକାରୀଙ୍କୁ ନିଯୁକ୍ତି ପତ୍ର

**ଭୁବନେଶ୍ୱର,୩୧।୮(ମହାଭାରତ):** ଲୋକସେବା ଭବନ କନ୍‌ଭେନ୍‌ସନ୍ ସେଂଟରଠାରେ ଶନିବାର ରାଜ୍ୟସ୍ତରୀୟ ସ୍ୱାୟତ ଶାସନ ଦିବସ ସମାରୋହ ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥିଭାବେ ଯୋଗଦେଇ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ରାଜ୍ୟର ୩୦ଟି ଜିଲ୍ଲାରେ ୧୧୫୧ କୋଟି ଟଙ୍କାର ୪୮୧ଟି ବିଭିନ୍ନ ଉନ୍ନତି ମୂଳକ ପ୍ରକଳ୍ପର ଲୋକାର୍ପଣ ଓ ଭିତିପ୍ରସ୍ତର ସ୍ଥାପନ କରିଛନ୍ତି। ଏଥି ସହିତ ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ ୨୭ଜଣ ନବନିଯୁକ୍ତ ପୌରପ୍ରଶାସନିକ ସେବା ଅଧିକାରୀଙ୍କୁ ନିଯୁକ୍ତି ପତ୍ର ପ୍ରଦାନ କରିଛନ୍ତି।

ଏହି କାର୍ଯ୍ୟକ୍ରମରେ ମୁଖ୍ୟମନ୍ତ୍ରୀ କହିଥିଲେ ଯେ ଏକ ଗଣତାନ୍ତ୍ରିକ ରାଷ୍ଟ୍ରରେ ନାଗରିକ ମାନଙ୍କୁ ସ୍ୱାୟତ ଶାସନ ମାଧ୍ୟମରେ ମୌଳିକ ସୁବିଧା ଯୋଗାଇ ଦେବା ପାଇଁ ଶାସନଗତ ବ୍ୟବସ୍ଥା ରହିଛି। ଏହି ସ୍ୱାୟତ ଶାସନ ବ୍ୟବସ୍ଥା ଦେଶରେ ସ୍ୱାଧିନତା ପ୍ରାପ୍ତିର ବହୁ ପୂର୍ବରୁ ଲର୍ଡ ରିପନଙ୍କ ସମୟରୁ



ଆରମ୍ଭ ହୋଇଥିଲା।

ସେ ଆହୁରି ମଧ୍ୟ କହିଥିଲେ ପଂଚାୟତି ରାଜ ଓ ସହରାଂଚଳରେ କାର୍ଯ୍ୟରତ ସ୍ୱାୟତ ଶାସନ ବ୍ୟବସ୍ଥାର କାର୍ଯ୍ୟଭାର ନିର୍ବାଚିତ ଜନ ପ୍ରତିନିଧିମାନଙ୍କୁ ନିଜ କାନ୍ଧରେ ଉଠାଇବାକୁ ପଡିବ। ସେ କହିଥିଲେ ଏ ସରକାର ହେଉଛି ଲୋକଙ୍କ ସରକାର, ପୌରପ୍ରଶାସନ ସହ ଯୋଡି ହୋଇ ଜନପ୍ରତିନିଧି ଭାବେ ନିର୍ବାଚିତ ସମସ୍ତ କାଉନ୍‌ସିଲର, ଉପାଧ୍ୟକ୍ଷ ଓ ଅଧ୍ୟକ୍ଷ ମାନେ ରାଜନୀତିରୁ ଉର୍ଦ୍ଧ୍ୱରେ ରହି ଲୋକଙ୍କ ଆଶା ପୂରଣ କରିବା ଦିଗରେ କାର୍ଯ୍ୟ କରିବା ଉଚିତ୍। ଜନ ସାଧାରଣଙ୍କୁ ଉପଯୁକ୍ତ ସେବା ପ୍ରଦାନ ପାଇଁ ଏ ଦିଗରେ ସମସ୍ତ ସ୍ୱାୟତ ଶାସନ ସଂସ୍ଥାର ଅଧିକାରୀ ତଥା ଜନପ୍ରତିନିଧିମାନେ ନିଜ ନିଜର ଦାୟିତ୍ୱ ତୁଲାଇବା ଉଚିତ୍। ଶାସନ ବ୍ୟବସ୍ଥାର ବିକେନ୍ଦ୍ରୀକରଣ ଓ ପୌରପାଳିକା ଗୁଡିକୁ ସଶକ୍ତ ଓ ସ୍ୱାଧୀନ ହୋଇ ନିଜ ନିଜ ପରିଧିରେ ବିଭିନ୍ନ ସହରାଞ୍ଚଳର ଭିତିଭୂମି ସମ୍ପର୍କିତ ଯୋଜନା ଓ ସେବା ପ୍ରଦାନ ପାଇଁ କାର୍ଯ୍ୟକରିବାକୁ ସାମ୍ବିଧାନିକ ବ୍ୟବସ୍ଥା ରହିଛି। ଭାରତ ସରକାରଙ୍କ ସହଯୋଗରେ ନାଗରିକ ତଥା ବୈଷୟିକ ସେବା ଯୋଗାଣକାରୀ ବ୍ୟକ୍ତିଙ୍କ ପାଇଁ ଏକ ସରଳ ହ୍ୟାଣ୍ଡ ବୁକ୍ ଓ ଟୁଲ୍ କିଟ୍ ପ୍ରସ୍ତୁତି କରାଯାଉଛି। ଏହା ସେମାନଙ୍କୁ ମାଷ୍ଟର ପ୍ଲାନ, ବିଲ୍ଡିଙ୍ଗ୍ ପ୍ଲାନ ଓ ଲେ-ଆଉଟ୍ ଅନୁମୋଦନକୁ ସମୟୋଚିତ ସମ୍ପାଦନ କ୍ଷେତ୍ରରେ ସହାୟତା କରିବ। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଜୀଙ୍କ ବିକଶିତ ଭାରତ ନିର୍ମାଣ ଲକ୍ଷ୍ୟକୁ ସାକାର କରିବା ପାଇଁ ଆମେ ବିକଶିତ ଓଡିଶା ନିର୍ମାଣର ଲକ୍ଷ୍ୟ ରଖିଛୁ ଏଥି ନିମନ୍ତେ ଗ୍ରାମାଂଚଳ ସହିତ ସହରାଂଚଳ ବିକାଶକୁ ଗୁରୁତ୍ୱ ଦେଇ ବଜେଟ୍ ରେ ଅଧିକ ଅର୍ଥ ବ୍ୟବସ୍ଥା ମଧ୍ୟ କରିଛୁ ବୋଲି ସେ କହିଥିଲେ। କାର୍ଯ୍ୟକ୍ରମରେ ରାଜ୍ୟ ସମବାୟ, ହସ୍ତତନ୍ତ, ବୟନଶିଳ୍ପ ଓ ହସ୍ତଶିଳ୍ପ ମନ୍ତ୍ରୀ ଶ୍ରୀ ପ୍ରଦୀପ ବଳ ସାମନ୍ତ, ବିଧାୟକ ବାବୁ ସିଂ, ମୁଖ୍ୟ ଶାସନ ସଚିବ ମନୋଜ ଆହୁଜା, ସ୍ୱଚ୍ଛ ଭାରତ ମିଶନର ମିଶନ ନିର୍ଦ୍ଦେଶକ ରାଜେଶ ପ୍ରଭାକର ପାଟିଲ ଏବଂ ପୌରପ୍ରଶାସନ ନିର୍ଦ୍ଦେଶକ ଦେବାଶିଷ ସିଂ ଉପସ୍ଥିତ ଥିଲେ। ଆଜିର ଏହି ସମାରୋହରେ ଗୃହ ନିର୍ମାଣ ଓ ନଗର ଉନ୍ନୟନ ବିଭାଗର ପ୍ରମୁଖ ଶାସନ ସଚିବ ଶ୍ରୀମତୀ ଉଷା ପାଢି ସ୍ୱାଗତ ଭାଷଣ ଦେଇଥିଲେ ।

## ମହିଳା ଉତ୍ପୀଡନକାରୀଙ୍କ ବିରୁଦ୍ଧରେ କଠୋର କାର୍ଯ୍ୟାନୁଷ୍ଠାନ ପାଇଁ ମୁଖ୍ୟମନ୍ତ୍ରୀଙ୍କ ନିର୍ଦ୍ଦେଶ

**ଭୁବନେଶ୍ୱର,୩୧।୮ (ମହାଭାରତ):** ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ମହିଳା ଉତ୍ପୀଡନକାରୀଙ୍କ ବିରୁଦ୍ଧରେ ଦୃଢ କାର୍ଯ୍ୟାନୁଷ୍ଠାନ ପାଇଁ ଗୃହ ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ଏବଂ ଆରକ୍ଷୀ ମହାନିର୍ଦ୍ଦେଶକଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ନିକଟରେ ମହିଳାମାନଙ୍କ ଉପରେ ହେଉଥିବା ହିଂସା ଉପରେ ଭାରତର ମହାମହିମ ରାଷ୍ଟ୍ରପତି ମଧ୍ୟ କ୍ଷୋଭପ୍ରକାଶ କରିଛନ୍ତି।

ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ ଭାରତୀୟ ନ୍ୟାୟ ସଂହିତା, ଭାରତୀୟ ନାଗରିକ ସୁରକ୍ଷା ସଂହିତା ତଥା ଭାରତୀୟ ସାକ୍ଷ୍ୟ ଅଧିନିୟମ ଅନୁଯାୟୀ ମହିଳା ମାନଙ୍କ ସୁରକ୍ଷା ସହିତ ଲିଙ୍ଗଗତ ହିଂସାର ଶିକାର ହେଉଥିବା ମହିଳା ମାନଙ୍କୁ ତୁରନ୍ତ ନ୍ୟାୟ ପ୍ରଦାନ କରିବା ହେଉଛି ରାଜ୍ୟ ସରକାରଙ୍କ ପ୍ରାଥମିକତା। ଏହି କ୍ରମରେ ଏଫ.ଆଇ.ଆର ପଞ୍ଜୀକରଣଠୁ ଆରମ୍ଭ କରି ତ୍ୱରିତ ତଦନ୍ତ ପ୍ରକ୍ରିୟା ଏବଂ ଦୋଷୀଙ୍କ ବିରୁଦ୍ଧରେ ମୋକଦ୍ଦମା ପରିଚାଳନା ପର୍ଯ୍ୟନ୍ତ ସମସ୍ତ ନ୍ୟାୟିକ ପ୍ରକ୍ରିୟା ଆଇନ ମୁତାବକ ସମ୍ପୂର୍ଣ୍ଣ କରିବା ଏବଂ ଦୋଷୀଙ୍କ ଦଣ୍ଡ ବିଧାନକୁ ସୁନିଶ୍ଚିତ କରିବା ପାଇଁ ସେ ନିର୍ଦ୍ଦେଶ ଦେଇଛନ୍ତି। ଆବଶ୍ୟକସ୍ଥଳେ ପୋଲିସ ଅଧିକାରୀଙ୍କ ପାଇଁ ପ୍ରଶିକ୍ଷଣ ବ୍ୟବସ୍ଥା କରିବା ପାଇଁ ମଧ୍ୟ ସେ କହିଛନ୍ତି। ମହିଳା ସୁରକ୍ଷା ସମ୍ପର୍କିତ ଏଜେଣ୍ଡାକୁ ନେଇ ଖୁବଶୀଘ୍ର ଏକ ରାଜ୍ୟସ୍ତରୀୟ ପୋଲିସ ସମ୍ମିଳନୀ ଆୟୋଜନ କରିବା ପାଇଁ ମଧ୍ୟ ସେ ନିର୍ଦ୍ଦେଶ ଦେଇଛନ୍ତି।

## ଛତୁଆ ଯୋଗାଣକୁ ନେଇ ବିଧାନସଭାରେ ଗଭୀର ଉଦବେଗ

**ଭୁବନେଶ୍ୱର,୩୧।୮ (ମହାଭାରତ):** ପିଲା ମାନଙ୍କୁ ପୁଷ୍ଟିକର ଖାଦ୍ୟ ବାବଦରେ ନିମ୍ନମାନର ଛତୁଆ ଯୋଗାଣକୁ ନେଇ ବିଧାନସଭାରେ ଆଜି ବିଧାୟକ ମାନେ ଗଭୀର ଉଦବେଗ ପ୍ରକାଶ କରିଛନ୍ତି। ଉଭୟ ଶାସକ ଓ ବିରୋଧୀ ଦଳର ବିଧାୟକ ମାନେ ଏହି ପ୍ରସଙ୍ଗରେ ଚିନ୍ତା ପ୍ରକଟ କରିବା ସହ ଏହାର ମାନକୁ ଜାଂଚ କରିବା ସହ ନିମ୍ନ ମାନର ଛତୁଆ ଯୋଗାଉଥିବା ଏଜେନ୍ସି ଗୁଡିକ ବିରୁଦ୍ଧରେ କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଦାବି କରିଛନ୍ତି । ଏହା ଭବିଷ୍ୟତର ପୀଢୀକୁ ନିର୍ମାଣ କରିବା ପାଇଁ ଉଦ୍ଦିଷ୍ଟ ଥିବାକୁ ଏହାକୁ ଅତ୍ୟନ୍ତ ଗୁରୁତର ସହ ନେବାକୁ ସେମାନେ ଦାବି କରିଛନ୍ତି । ବିଧାୟକ ମାନଙ୍କର ଏ ପ୍ରସଙ୍ଗରେ ଉଦବେଗକୁ ଦେଖି ବାଚସ୍ପତି ଶ୍ରୀମତୀ ସୁରମା ପାଢୀ ଏ ସମ୍ପର୍କରେ କାର୍ଯ୍ୟାନୁଷ୍ଠାନ ଲାଗି ମହିଳା ଓ ଶିଶୁ ବିକାଶ ମନ୍ତ୍ରୀ ପ୍ରଭାତୀ ପରିଡ଼ାଙ୍କୁ ନିର୍ଦ୍ଦେଶ ଦେଇଛନ୍ତି ।

ମହିଳା ଓ ଶିଶୁ ବିକାଶ ମନ୍ତ୍ରୀ



ପ୍ରଭାତୀ ପରିଡ଼ାଙ୍କୁ ନିର୍ଦ୍ଦେଶ ଦେବା ସହ ନିମ୍ନମାନର ଛତୁଆ ଯୋଗାଣ କେଉଁ ଅନୁଷ୍ଠାନ କରିଛନ୍ତି, ସେ ବାବଦରେ କଣ କାର୍ଯ୍ୟାନୁଷ୍ଠାନ ନିଆଯାଇଛି ଗୃହରେ ବିବୃତି ରଖିବାକୁ ମହିଳା ଓ ଶିଶୁ ବିକାଶ ମନ୍ତ୍ରୀ ପ୍ରଭାତୀ ପରିଡ଼ାଙ୍କୁ ନିର୍ଦ୍ଦେଶ ଦିଆଯାଇଛି। ନିମ୍ନମାନର ଛତୁଆ ଯୋଗାଉଥିବା ଏଜେନ୍ସିଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନେବାକୁ ନିର୍ଦ୍ଦେଶ ଦେଇଛନ୍ତି ବାଚସ୍ପତି। ଆଜି ପ୍ରଶ୍ନକାଳରେ ବିଧାୟକ ସଂଜଳୀ ମୁର୍ମୁଙ୍କ ଏ ସଂପର୍କିତ ମୂଳ ପ୍ରଶ୍ନ ଉପରେ ଦୀର୍ଘ ସମୟ ଧରି ଆଲୋଚନା ହୋଇଥିଲା । ଏହି ଆଲୋଚନା ସମୟରେ ସରକାରୀ ଦଳର ବିଧାୟକ ମାନଙ୍କ ସହିତ ବିରୋଧୀ ଦଳର ବିଧାୟକ ମାନେ ନିମ୍ନ ମାନର ଛତୁଆ ଯୋଗାଣକୁ ନେଇ ଚିନ୍ତା ପ୍ରକଟ କରିଥିଲେ। କଂଗ୍ରେସ ବିଧାୟକ ତାରା ବାହିନୀପତି କହିଥିଲେ ଛତୁଆ ବଦଳରେ ଗହମ ଚିନି କେବଳ ଦିଆଯାଉଛି। ସେ ଛତୁଆକୁ ପିଲା ନୁହେଁ ଗାଇଗୋରୁ ଖାଉଛନ୍ତି। ଭଲ ଛତୁଆ ଯୋଗାଣ ପାଇଁ ଟେଣ୍ଡର ଡାକନ୍ତୁ ସରକାର। ଉତ୍ତରରେ ବିଭାଗୀୟ ମନ୍ତ୍ରୀ କହିଥିଲେ ଯାଂଚ ପାଇଁ ସୁପରଭାଇଜର ଏବଂ ମାତୃ କମିଟି ଗଠନ ହୋଇଛି। ସେମାନେ ଯାଂଚ କରୁଛନ୍ତି। ବିଧାୟକ ନିହାର ମହାନନ୍ଦ କହିଥିଲେ ଅନ୍ୟ ବିଭାଗରୁ ଯାଇ ମାନ ଯାଂଚ କରନ୍ତୁ। ସିଦ୍ଧାନ୍ତ ମହାପାତ୍ର ଛତୁଆ ମାନେ ନେଇ ପ୍ରଶ୍ନ କରିଥିଲେ। ଉତ୍ତର ରେ ମନ୍ତ୍ରୀ କହିଥିଲେ ଯାଂଚ ପାଇଁ ସୁପରଭାଇଜର ଏବଂ ମାତୃ କମିଟି ଗଠନ ହୋଇଛି ସେମାନେ ଯାଂଚ କରୁଛନ୍ତି।

## ଗୋପବନ୍ଧୁ କର୍ମଜୀବୀ ସାମ୍ବାଦିକ ସ୍ୱାସ୍ଥ୍ୟ ବୀମା ଯୋଜନାର ନବୀକରଣ

**ଭୁବନେଶ୍ୱର,୩୧।୮ (ମହାଭାରତ):** ମୁଖ୍ୟମନ୍ତ୍ରୀ ଶ୍ରୀ ମୋହନ ଚରଣ ମାଝୀଙ୍କ ଅନୁମୋଦନକ୍ରମେ ଓଡ଼ିଶା ସରକାରଙ୍କ ତରଫରୁ ସାମ୍ବାଦିକମାନଙ୍କୁ ଦିଆଯାଉଥିବା ସ୍ୱାସ୍ଥ୍ୟବୀମା ଯୋଜନାର ଅବଧି ୧ ସେପ୍ଟେମ୍ବର ୨୦୨୪ରୁ ୩୧ ଅଗଷ୍ଟ ୨୦୨୫ ପର୍ଯ୍ୟନ୍ତ ବୃଦ୍ଧି କରାଯାଇଛି । ଏହି ପରିପ୍ରେକ୍ଷୀରେ ଗୋପବନ୍ଧୁ କର୍ମଜୀବୀ ସାମ୍ବାଦିକ ସ୍ୱାସ୍ଥ୍ୟବୀମା ଯୋଜନାର ନବୀକରଣ ହୋଇଛି । ବାର୍ଷିକ ପ୍ରିମିୟମ୍ ବାବଦରେ ୮ କୋଟି ୫୫ ଲକ୍ଷ ୭୬ ହଜାର ୩୧୪ ଟଙ୍କା ଓରିଏଂଟାଲ୍ ଇନ୍‌ସ୍ୟୁରାନ୍ସ କମ୍ପାନୀକୁ ପ୍ରଦାନ କରାଯିବା ସହିତ ଏ ସଂକ୍ରାନ୍ତରେ ଇନ୍‌ସ୍ୟୁରାନ୍ସ କମ୍ପାନୀ ଏବଂ ସୂଚନା ଓ ଲୋକସଂପର୍କ ବିଭାଗ ମଧ୍ୟରେ ଏକ ଦ୍ୱିପାକ୍ଷିକ ଚୁକ୍ତି ସ୍ୱାକ୍ଷରିତ ହୋଇଛି।

ପ୍ରାଥମିକ ଭାବେ ଏହି ବୀମା ଯୋଜନାରେ ୭୦୪୧ ଜଣ ସାମ୍ବାଦିକ ଆସନ୍ତା ଏକ ବର୍ଷ ପାଇଁ ଅନ୍ତର୍ଭୁକ୍ତ ହୋଇଛନ୍ତି । ନୂତନ ଭାବେ ଏହି ଯୋଜନାରେ ପଞ୍ଜିକୃତ ହେବା ପାଇଁ ଆବେଦନ କରୁଥିବା ସାମ୍ବାଦିକମାନଙ୍କ ପାଇଁ ସୂଚନା ଓ ଲୋକସଂପର୍କ ବିଭାଗର ପୋର୍ଟାଲ ସେପ୍ଟେମ୍ବର ମାସ ପ୍ରଥମ ସପ୍ତାହରେ ଖୋଲିବ। ଏଥିରେ ନୂତନ ଦରଖାସ୍ତ ଆହ୍ୱାନ କରାଯିବ ଏବଂ ଏହି ପ୍ରକ୍ରିୟା ଏକ ମାସ ପର୍ଯ୍ୟନ୍ତ ବଳବତର ରହିବ। ରାଜ୍ୟ ସରକାରଙ୍କ ଏହି ନିଷ୍ପତି ସାମ୍ବାଦିକ କଲ୍ୟାଣକୁ ସୁଦୂରପ୍ରସାରୀ କରିବ।

## ସେଓ ରାବିଡ଼ି

ଆପଣ ଅନେକ ଥର ରାବିଡି ନିଶ୍ଚୟ ଖାଇଥିବେ। କିଛି ଲୋକଙ୍କର ଏହା ଫେଭରେଟ ମିଠା ଡ଼ିଶ ମଧ୍ୟ ଅଟେ। ଆଜି ଆମେ ଆପଣଙ୍କୁ ଆପେଲ ରାବିଡ଼ି ବିଷୟରେ ବତାଇବୁ।ଏଥିର ରାବିଡ଼ି ତ ଏକା ଭଳି ମାତ୍ର ସେଓ,ପିସ୍ତା ଏବଂ ବାଦାମ ଟେଷ୍ଟକୁ କରିବ ଆହୁରି ମଜାଦାର।

**ଆବଶ୍ୟକ ସାମଗ୍ରୀ:**

୩ଟି ମଧ୍ୟମ ଆକାରର ସେଓ,୧ଲିଟର କ୍ଷୀର,୩ଟେବୁଲ ଚାମଚ ଚିନି,୧/୪ ଚା ଚାମଚ ଗୁଜୁରାତି,୮-୧୦ ବାଦାମ, ୮-୧୦ ପିସ୍ତା

**ପ୍ରସ୍ତୁତି ପ୍ରଣାଳୀ:**

ଏକ ବଡ଼ ବାସନରେ କ୍ଷୀର ଫୁଟାନ୍ତୁ। ଏହାକୁ ଧୀରେ ଧୀରେ ଗୋଳାନ୍ତୁ,ଯେ ପର୍ଯ୍ୟନ୍ତ କ୍ଷୀର ଗାଢ ନହୋଇ ଯାଉ ସେ ପର୍ଯ୍ୟନ୍ତ କ୍ଷୀରକୁ ଗୋଳାନ୍ତୁ। ଏହା ପରେ ଏଥିରେ ଚିନି ପକାନ୍ତୁ ଏବଂ ମଧ୍ୟମ ଆଂଚରେ କ୍ଷୀରକୁ ଗରମ କରନ୍ତୁ ।

ସେଓର ଚୋପା ବାହାର କରି ଏହାକୁ ଚକଟି ଦିଅନ୍ତୁ। ଯେତେବେଳେ କ୍ଷରୀରର ମାତ୍ରା କମିଯିବ ଏଥିରେ ସେଓକୁ ଢାଳି ଭଲ ଭାବେ ମିଶାଇ ଦିଅନ୍ତୁ। ଏହାକୁ ୩ରୁ ୪ମିନିଟ ପର୍ଯ୍ୟନ୍ତ ଫୁଟାନ୍ତୁ। ଏହା ପରେ ଏଥିରେ ଗୁଜୁରାତି ପାଉଡ଼ର ଫ୍ଲେଭର ପାଇଁ ବାଦାମ ଏବଂ ପିସ୍ତା ପକାନ୍ତୁ। ଏହା ପରେ ଏହାକୁ ଗରମ କିମ୍ବା ଥଣ୍ଡା ପରଷନ୍ତୁ ।



**ଖବର**

## ସାରାଙ୍କ ପ୍ରେରଣା ନୀଳନୟନା



ଅଭିନେତ୍ରୀ ସାରା ଅଲ୍ଲୀ ଖାନ୍ ଏକ ଫିଲ୍ମ ପରିବାରର ଦାୟାଦୟ ତାଙ୍କ ବାପା, ମାଆ, ଜେଜେମାଆ, ପିଉସୀ ସମସ୍ତେ ଜଣେ ଜଣେ କଳାକାର। ହେଲେ ସେମାନଙ୍କୁ ଦେଖି ସାରା କେବେ ବି ଅଭିନେତ୍ରୀ ହେବାକୁ ପ୍ରେରିତ ହୋଇ ନଥିଲେ। ସାରା ଆଜି ବଲିଉଡ୍ର ଜଣେ ଶୀର୍ଷ ସ୍ତରୀୟ ଅଭିନେତ୍ରୀ୍ୟ ସେ କହନ୍ତି, ଅଭିନେତ୍ରୀ ହେବା ପାଇଁ ପ୍ରେରଣା ନିଜ ଘରୁ କାହାଠାରୁ ନୁହେଁ; ବରଂ ଐଶ୍ୱର୍ଯ୍ୟା ରାୟଙ୍କଠାରୁ ପାଇଥିଲେ। ଏକ ସାକ୍ଷାତ୍କାରରେ ଥରେ ସାରା କହିଥିଲେ ଯେ ସେ ଐଶ୍ୱର୍ଯ୍ୟାଙ୍କୁ ଚିକାଗୋରେ ଏକ ମଞ୍ଚରେ ଅଭିନୟ ପ୍ରଦର୍ଶନ କରୁଥିବାର ଦେଖିଥିଲେ। ତାଙ୍କୁ ଦେଖିବା ପରେ ସାରା ଏତେ ପ୍ରଭାବିତ ହୋଇଗଲେ ଯେ ଅଭିନେତ୍ରୀ ହେବାକୁ ଇଚ୍ଛା କରିଥିଲେ। ହେଲେ ସେ ସମୟରେ ତାଙ୍କ ଓଜନ ଅତ୍ୟଧିକ ଥିବା ହେତୁ ସିନେମାର ହିରୋଇନ୍ ହେବାର ସ୍ୱପ୍ନ ତାଙ୍କୁ ସ୍ୱପ୍ନରେ ରହିଯିବା ପରି ଲାଗୁଥିଲା। ତାଙ୍କର ପିସିଓଏସ୍ ପରି ଗମ୍ଭୀର ଶାରୀରିକ ସମସ୍ୟା ଥିବାରୁ ଓଜନ ହ୍ରାସ କରିବା ସାରାଙ୍କ ପକ୍ଷେ ଅସମ୍ଭବ ଥିଲାୟ ହେଲେ ସାରା ତାଙ୍କ ମାଆ ଅମୃତାଙ୍କ ସହାୟତାରେ ନିଜକୁ ଫିଟ୍ କରାଇ 'କେଦାରନାଥ' ସିନେମାରେ ଅଭିନୟ ଦୁନିଆକୁ ପ୍ରବେଶ କରିଥିଲେ।

## ଚର୍ବି କମ କରେ ଲୁଣ





ଏକ ସହଜ ଉପାୟ ଯାହାକୁ ଉପଯୋଗ କରି ଆପଣ ନିଜର ପେଟରେ ଥିବା ଚର୍ବିକୁ କମାଇପାରିବେ। ସକାଳୁ ଏକ ଗିଲାସ ସାଧା ପାଣିରେ ବଡ଼ ଅନୁସାରେ ଲୁଣ ମିଶାଇକି ପିଅନ୍ତୁ। ଦେଖିବେ କିପରି ଭାବେ ଆପଣଙ୍କ ପେଟରେ ପରିବର୍ତ୍ତନ ଆସୁଛି।

ଜାଣନ୍ତୁ କଣ ରହିଛି ଏହାର ଫାଇଦା:

ଫାଇଦା କଥା କହିଲେ ଲୁଣ ଏବଂ ପାଣି ପିଇବା ଦ୍ୱାରା ପାଚନ ପ୍ରକ୍ରିୟା ଠିକ୍ ଭାବେ ହୋଇଥାଏ । ଏହି ପାଣିକୁ ପିଇବା ଦ୍ୱାରା ଖାଦ୍ୟ ଶିଘ୍ର ହଜମ ହେବା ସହ ଲିଭର ଏବଂ ଇନଟେଷ୍ଟାଇନ୍ ଠିକ୍ ଭାବେ କାର୍ଯ୍ୟ କରିବାରେ ସାହାଯ୍ୟ କରିଥାଏ।

ଲୁଣ ପାଣିରେ ଅଧିକ ପରିମାଣରେ ମିନେରାଲସ୍ ମାତ୍ରା ରହିଥିବା ହେତୁ ଏହା ଆଣ୍ଟିବ୍ୟାକ୍ଟେରିଆ ପରି କାମ କରିଥାଏ। ଶରୀରରେ ହାନିକାରକ ବ୍ୟାକ୍ଟେରିଆକୁ ବିନାସ କରିବା ସହିତ ଶରୀରକୁ ଡେଟକ୍ସ କରିଥାଏ।

ଯଦି ନିଦ ନହେବାର ସମସ୍ୟାରେ ଆପଣ ଅଛନ୍ତି ତେବେ ପ୍ରତିଦିନ ଲୁଣ ପାଣି ପିଇବା ଉଚିତ। ଲୁଣ ଆଡ୍ରେନାଲାଇନ୍ ଏବଂ କରର୍ଟିସୋଲ୍ କମାଇଥାଏ ଯାହାଦ୍ୱାରା ରାତିରେ ଭଲ ନିଦ ହୋଇଥାଏ।

କଳା ଲୁଣର ପାଣି ପିଇବା ଦ୍ୱାରା ନା କେବଳ ଶରୀର ତାସହିତ ତ୍ୱଚ୍ଚ ସମ୍ବନ୍ଧୀୟ ସମସ୍ତ ସମସ୍ୟା ମଧ୍ୟ ଦୂର ହୋଇଥାଏ। ଏହା ତ୍ୱଚ୍ଚକୁ ବ୍ରଣ ଏବଂ କୁଞ୍ଚନରୁ ରକ୍ଷା କରିଥାଏ । ଏହା ପାଚନ ଶକ୍ତକୁ ତ୍ୱରାନ୍ୱିତ କରିବା ସହିତ ପୋଷଣ ଦେଇଥାଏ ଯାହା ମୋଟା ନହେବା ପାଇଁ ସାହାଯ୍ୟ କରିଥାଏ । ଏହା ଶରୀରର ସବୁ କୋଷିକା ପର୍ଯ୍ୟନ୍ତ ପୋଷଣ ପହଁଚ୍ଚଇବା ସହିତ ଚର୍ବି କମ୍ କରିବାରେ ସାହାଯ୍ୟ କରିଥାଏ ।

## ଶରୀରର ପାଇଁ ଲାଭଦାୟକ ହୋଇଥାଏ ଗୋଲମରିଚ

ଗୋଲମରିଚରେ ଅନେକ ଉପକାରିତା ରହିଛି କିନ୍ତୁ ଖୁବ୍ କମ ଲୋକ ଏହା ବିଷୟରେ ଜାଣନ୍ତି । ଗୋଲମରିଚ ଯାହା ସର୍ବଦା ରୋଷେଇ ଘରେ ରହିଥାଏ । ତାହା କେବଳ ମସଲାରରେ ବ୍ୟବହାର କରାଯାଏ ନାହିଁ ବରଂ ଏଥିରେ ଅନେକ ଔଷଧୀୟ ଗୁଣ ମଧ୍ୟ ରହିଥାଏ । ଯଦି ସକାଳେ ଖାଲି ପେଟରେ ଉଷୁମ ପାଣିରେ ଗୋଲମରିଚ ଖାଇଥାନ୍ତି, ତେବେ ଏହା ଆମ ଶରୀରକୁ ବହୁତ ଲାଭ ଦେଇଥାଏ । ତେବେ ଚାଲନ୍ତୁ ଜାଣିବା ଗୋଲ ମରିଚର ବିଭିନ୍ନ ଉପକାରିତା ବିଷୟରେ



କ୍ଷମତା ବଢାଇଥାଏ – ଉଷୁମ ପାଣି ସହିତ ଗୋଲମରିଚ ଖାଇବା ଦ୍ୱାରା ଶରୀରର କ୍ଷମତା ବଢିଥାଏ । ଶରୀରରେ ଜଳର ଅଭାବକୁ ନିୟନ୍ତ୍ରଣ କରିବା ସହିତ ଭିତରେ ଥିବା ଅମ୍ଳତା ସମସ୍ୟାକୁ ମଧ୍ୟ ସମାପ୍ତ କରିଥାଏ ।

ଚର୍ବି କମାଇଥାଏ – ଗୋଲମରିଚକୁ ଉଷୁମ ପାଣି ସହିତ ଖାଇବା ଦ୍ୱାରା ଶରୀରରେ ବଢୁଥିବା ଚର୍ବିକୁ ହ୍ରାସ କରିଥାଏ ।

କୋଷ୍ଠକାଠିନ୍ୟରୁ ମୁକ୍ତି ଦେଇଥାଏ – କୋଷ୍ଠକାଠିନ୍ୟ ରୋଗୀଙ୍କ ପାଇଁ ଗୋଲମରିଚ ଖାଇବା ଅତ୍ୟନ୍ତ ଲାଭଦାୟକ ।ଏହି ସମସ୍ୟାରୁ ମୁକ୍ତି ପାଇବା ପାଇଁ ଏକ କପ୍ ପାଣିରେ ଲେମ୍ବୁ ରସ, ଗୋଲମରିଚ ଗୁଣ୍ଡ ଏବଂ ଲୁଣ ମିଶାଇ ଏହାକୁ ପିଇବା ଦ୍ୱାରା କିଛି ଦିନ ମଧ୍ୟରେ ଗ୍ୟାସ୍ ଏବଂ କୋଷ୍ଠକାଠିନ୍ୟ ସମସ୍ୟା ଦୂର ହୋଇଥାଏ ।

ଥଣ୍ଡାରୁ ମୁକ୍ତି ଦେଇଥାଏ – ଗରମ କ୍ଷୀରରେ ମିଶ୍ରିତ ଗୋଲମରିଚ ମିଶାଇ ପିଇବା ଦ୍ୱାରା ଥଣ୍ଡାରୁ ଆରାମ ଦେଇଥାଏ । ଏହା ବ୍ୟତୀତ, ବାରମ୍ବାର ଥଣ୍ଡା କିମ୍ବା କ୍ରମାଗତ ଭାବରେ ଛିଙ୍କ ଆସୁଥିଲେ, ତେବେ ପ୍ରତିଦିନ ଗୋଲ ମରିଚ ସଂଖ୍ୟାକୁ ଏକରୁ ପନ୍ଦର ପର୍ଯ୍ୟନ୍ତ ବୃଦ୍ଧି କରି ଖାଇବା ଆରମ୍ଭ କରନ୍ତୁ ଏବଂ ତା'ପରେ ପ୍ରତିଦିନ ପନ୍ଦରରୁ ଏକକୁ ହ୍ରାସ କରନ୍ତୁ । ଏହା କରିବା ଦ୍ୱାରା ଆପଣ ଥଣ୍ଡା ସମସ୍ୟାରୁ ମୁକ୍ତି ପାଇପାରିବେ ।

## ରାମାୟଣ : ସହଯୋଗୀଙ୍କୁ ଅଧିକାର ପ୍ରଦାନ



ସାଧାରଣତଃ ଦେଖାଯାଏ ଯେ କୌଣସି ସଂସ୍ଥାରେ ବସ୍ ହିଁ ସମସ୍ତ ନିର୍ଣ୍ଣୟ ନେଇଥାନ୍ତି, କର୍ମଚାରୀ କେବଳ ମୁନିବଙ୍କ ଯୋଜନା ଅନୁଯାୟୀ କାମ କରିଥାନ୍ତି । ଏଭଳି ସ୍ଥିତିରେ ଦେଖାଯାଏ ଯେ କର୍ମଚାରୀ କୌଣସି ଦାୟିତ୍ୱ ନେଇନଥାନ୍ତି । କାମ ଖରାପ ହେଉଥିଲେ କିମ୍ବା ନହେଉଥିଲେ ବି ସେମାନେ ନିଜ ବୁଦ୍ଧି ଖଟାଇନଥାନ୍ତି । କେବଳ ମୁନିବଙ୍କ ଆଜ୍ଞା ପାଳନ କରିବା ଲାଗି ଯେନତେନ ପ୍ରକାରେ କାମ ସାରିଦେବାକୁ ଚେଷ୍ଟା କରିଥାନ୍ତି । ଫଳରେ ସଂସ୍ଥାର କ୍ଷତି ହୋଇଥାଏ । କିନ୍ତୁ ପ୍ରକୃତ ପରିଚାଳକ ସେଇ, ଯିଏ ନିଜ କର୍ମଚାରୀମାନଙ୍କୁ କାମ କରିବାର ଦାୟିତ୍ୱ ସହିତ ନିଷ୍ପତ୍ତି ତଥା ନିର୍ଣ୍ଣୟ ନେବାର ସ୍ୱାଧୀନତା ଦେଇଥାଏ । ଏହାଦ୍ୱାରା କର୍ମଚାରୀ ଅଧିକ ଦାୟିତ୍ୱସମ୍ପନ୍ନ ହୋଇ କାମ କରିଥାଏ । ନିଜ ସହଯୋଗୀ, ମିତ୍ର, ସମ୍ପର୍କୀୟ, କର୍ମଚାରୀଙ୍କ ଉପରେ ଭରସା ରଖି ସେମାନଙ୍କୁ କୌଣସି ଦାୟିତ୍ୱ ଦିଆଗଲେ ପରିଣାମ ନିଶ୍ଚିତ ରୂପେ ଭଲ ହୋଇଥାଏ । ଅନ୍ୟ ଉପରେ ଭରସା କରିବାକୁ ହେଲେ ପ୍ରଥମେ ଭଗବାନଙ୍କ ଉପରେ ଭରସା ରଖିବାକୁ ହେବ । ରାମାୟଣରୁ ଆମକୁ ଏହି ଶିକ୍ଷା ମିଳିଥାଏ ।

ଦେବୀ ସୀତାଙ୍କ ସନ୍ଧାନ ନିମନ୍ତେ ବାନରରାଜ ସୁଗ୍ରୀବଙ୍କୁ ଦାୟିତ୍ୱ ଦେଇଥିଲେ ପ୍ରଭୁ ଶ୍ରୀରାମ । ସୁଗ୍ରୀବଙ୍କୁ ପ୍ରତ୍ୟେକ ନିଷ୍ପତ୍ତି ନେବା ଲାଗି ସ୍ୱାଧୀନତା ଦେଇଥିଲେ । ସୁଗ୍ରୀବଙ୍କୁ ପ୍ରଭୁ ଶ୍ରୀରାମ ଯାହା କହିଥିଲେ, ତାହାକୁ ବର୍ଣ୍ଣନା କରି ଶ୍ରୀରାମଚରିତ ମାନସରେ ଗୋସ୍ୱାମୀ ତୁଳସୀ ଦାସ ଲେଖିଛନ୍ତି, "ଅବ ସୋଇ ଜତନୁ କରହୁ ମନ ଲାଇ । ଜୋହି ବିଧି ସୀତା କେ ସୁଦ୍ଧି ପାଇ।" ଅର୍ଥାତ୍ ନିଜ ବୁଦ୍ଧିରେ ଏପରି ଉପାୟ କର, ଯାହାଦ୍ୱାରା ଦେବୀ ସୀତାଙ୍କୁ ଖୋଜିବା ସମ୍ଭବ ହୋଇପାରିବ । ଶ୍ରୀରାମଙ୍କ ଠାରୁ ନିଷ୍ପତ୍ତି ନେବାର ସ୍ୱତନ୍ତ୍ରତା ପାଇ ସୁଗ୍ରୀବ ଦେବୀ ସୀତାଙ୍କ ସନ୍ଧାନ ନିମନ୍ତେ ୪ଟି ଅନୁସନ୍ଧାନ ଦଳ ଗଠନ କଲେ । ସବୁଠୁ ଯୋଗ୍ୟ ଦଳରେ ନୀଳ, ଅଙ୍ଗଦ, ଜାମ୍ବବନ୍ତ ଏବଂ ହନୁମାନ ରହିଥିଲେ । ଏମାନଙ୍କୁ ଦକ୍ଷିଣ ଦିଗକୁ ପଠାଗଲା । ଜାମ୍ବବନ୍ତ, ହନୁମାନଙ୍କ ନେତୃତ୍ୱରେ ଏହି ଦଳ ପ୍ରଥମେ ଲଙ୍କାର ସନ୍ଧାନ ପାଇଲେ, କିନ୍ତୁ ସେଠାକୁ ଯିବା ଲାଗି କେବଳ ହନୁମାନଙ୍କ ନିକଟରେ କ୍ଷମତା ରହିଥିଲା । ଯିବା ପୂର୍ବରୁ ଲଙ୍କାରେ କ'ଣ କରିବା ଉଚିତ୍ ସେ ସମ୍ପର୍କରେ ହନୁମାନ ବୁଦ୍ଧିମାନ ଜାମ୍ବବନ୍ତଙ୍କ ଠାରୁ ବୁଝିନେଲେ । ଜାମ୍ବବନ୍ତ କହିଲେ, ତୁମେ କେବଳ ଲଙ୍କା ଯାଇ ଦେବୀ ସୀତାଙ୍କୁ ସନ୍ଧାନ କରିଆସ ଏବଂ ପ୍ରଭୁ ଶ୍ରୀରାମଙ୍କୁ ତାଙ୍କ ଖବର ଦିଅ । ଏହି ସମୟରେ ଅନ୍ୟ ବାନରମାନେ ଚିନ୍ତା ମଧ୍ୟ କରିନଥିଲେ ଯେ ହନୁମାନ ଯାଇ ଲଙ୍କାରେ ନିଆଁ ଲଗାଇଦେବେ । ସଂଯୋଗବଶତଃ ଏହା ହିଁ ହେଲା । ରାବଣର ଦରବାରରେ ଯୁକ୍ତିତର୍କ ହେବା ପରେ ହନୁମାନଙ୍କ ଲାଙ୍ଗୁଡ଼ରେ ନିଆଁ ଲଗାଇଦିଆଗଲା । ହନୁମାନ ସେହି ନିଆଁରେ ସାରା ଲଙ୍କାକୁ ପୋଡ଼ି ପାଉଁଶ କରିଦେଲେ । ଶ୍ରୀହନୁମାନଙ୍କୁ କେବଳ ଦେବୀ ସୀତାଙ୍କୁ ଖୋଜି ଆଣିବାର ଦାୟିତ୍ୱ ଦିଆଯାଇଥିଲା । ତାଙ୍କ ନିକଟରେ ନିଷ୍ପତ୍ତି ନେବାର ସ୍ୱାଧୀନତା ରହିଥିଲା । ତେଣୁ ସେ ଦେବୀ ସୀତାଙ୍କ ସନ୍ଧାନ ପରେ ଲଙ୍କାଦହନ ଭଳି କାର୍ଯ୍ୟ କରିବାକୁ ନିଷ୍ପତ୍ତି ନେଲେ । ଫଳରେ ପ୍ରଭୁ ଶ୍ରୀରାମ ଲଙ୍କାରେ ପାଦ ଥାପିବା ପୂର୍ବରୁ ତାଙ୍କ ପରାକ୍ରମର ଆଭାସ ପାଇଯାଇଥିଲେ ରାବଣ ଓ ତା'ର ରାକ୍ଷସ ପ୍ରଜା । ସେମାନେ ଭଲ ଭାବେ ଅନୁମାନ କରିପାରୁଥିଲେ ଯଦି ଶ୍ରୀରାମଙ୍କ ସେନାର ଜଣେ ଯୋଦ୍ଧା ସମ୍ପୂର୍ଣ୍ଣ ଲଙ୍କାକୁ ଜାଳିଦେଇ ପାରେ, ତା'ହେଲେ ସମ୍ପୂର୍ଣ୍ଣ ସେନା ଆସି ପହଞ୍ଚିଲେ ଅବସ୍ଥା କ'ଣ ହେବ! ନିଜ ସାଥୀ ଏବଂ ସହଯୋଗୀଙ୍କୁ ଦାୟିତ୍ୱ ସହ ନିଷ୍ପତ୍ତି ନେବାର ଅଧିକାର ପ୍ରଦାନ କରିବାର ଏହି ବିଶେଷ କଳା ପ୍ରଭୁ ଶ୍ରୀରାମଙ୍କୁ ଭଲ ଭାବେ ଜଣାଥିଲା । ରାମାୟଣରେ ଅନେକ ସମୟରେ ଶ୍ରୀରାମ ନିଜର ଏହି ଶୈଳୀର ଉପଯୋଗ କରିଥିଲେ ।

## ଚେହେରାରେ ଚମକ ଆଣିଥାଏ ବିରିଡାଲି ଫେସପ୍ୟାକ୍

ଭାରତୀୟ ଭୋଜନରେ ଡାଲିର ବେଶ ମହତ୍ତ୍ୱ ରହିଥାଏ। ଏଥିରେ ଥିବା ଭିଟାମିନ ଏବଂ ପ୍ରୋଟିନ ଶରୀର ପାଇଁ ବେଶ ଲାଭକାରୀ ହୋଇଥାଏ । ଆପଣ ନିଜ ଚେହେରାରେ ବିରି ଡାଲିକୁ ଏମିତି ଭାବେ ବ୍ୟବହାର କରିପାରିବେ, ଫଳରେ ଏହା ଚେହେରାରୁ





ସୁନ୍ଦରତା ବଜାୟ ରଖିବାରେ ସାହାଯ୍ୟ କରିଥିଲେ । ଆସନ୍ତୁ, ଜାଣିବା କେମିତି ବ୍ୟବହାର କରିବେ ବିରି ଡାଲି..

ଟୋନିଂ କରିବା ପାଇଁ : ବିରି ଡାଲିରେ ଆଣ୍ଟି ବ୍ୟାକ୍ଟେରିଆଲ ଗୁଣ ଭରି ରହିଥାଏ। ଟ୍ୟାନ୍ରୁ ରକ୍ଷା ପାଇବା ପାଇଁ ଆପଣ ଏହାକୁ ବ୍ୟବହାର କରିପାରିବେ । ୧/୨ କପ ଡାଲିକୁ ରାତିସାରା ପାଣି ଭିଜାଇ ଦିଅନ୍ତୁ। ସକାଳୁ ଉଠି ଏହାକୁ ପେଷ୍ଟ କରିଦିଅନ୍ତୁ। ଏଥିରେ ୧/୨ ଚାଉଳ ଗୁଣ୍ଡ ମିଶାଇ ଏବଂ ଚାମଚ ଲେମ୍ବୁ ଚୁପୁଡିଦିଅନ୍ତୁ । ଏହାକୁ ଏକାଠି ମିଶାଇ ୨୦ ମିନିଟ୍ ପର୍ଯ୍ୟନ୍ତ ମୁହଁରେ ଲଗାଇ ଧୋଇଦିଅନ୍ତୁ ।

ତ୍ୱଚ୍ଚରୁ ଦାଗ ଦୂର କରିବା ପାଇଁ : ଏଥିରେ ଥିବା ଆଣ୍ଟି ବ୍ୟାକ୍ଟେରିଆଲ ଗୁଣ ଯୋଗୁଁ ଦାଗ ଦୂର କରିବାରେ ବେଶୀ ପ୍ରଭାବୀ ହୋଇଥାଏ । ଏହା ତ୍ୱଚ୍ଚରେ ହେଲଥି ଗ୍ଲୋ ଆଣିଥାଏ । ୧/୨ କପ ବିରି ଡାଲିକୁ ରାତିରେ ଭିଜାଇ ସକାଳୁ ପେଷ୍ଟ କରିଦିଅନ୍ତୁ । ଏଥିରେ ଏକ ଚାମଚ ଚାଉଳ ପେଷ୍ଟ ମିଶାଇ ଭଲଭାବେ ପେଷ୍ଟ କରି ଲେମ୍ବୁ ରସ ମିଶାଇ ଦିଅନ୍ତୁ।

# ୪୦ ଜଣ ନିର୍ମାଣ ଶ୍ରମିକଙ୍କୁ ଶ୍ରମିକ ପରିଚୟ ପତ୍ର ପ୍ରଦାନ

**ଭୁବନେଶ୍ୱର,୩୧।୮ (ମହାଭାରତ):** ଶ୍ରମ ଓ କର୍ମଚାରୀ ରାଜ୍ୟ ବୀମା ବିଭାଗ ଆନୁକୂଲ୍ୟରେ ସୁନ୍ଦରପଦାର କୁଚିଲାପୁଟସ୍ଥିତ ଟାଟା-ଓ୍ୱାଟ୍‌କୋ ପ୍ରୋଜେକ୍ଟ ପରିସରରେ ନିର୍ମାଣ ଶ୍ରମିକ ପଞ୍ଜୀକରଣ ଶିବିର ଶନିବାର ପୂର୍ବାହ୍ନରେ ଆୟୋଜିତ ହୋଇଯାଇଛି। ଏଥିରେ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ଶ୍ରମ ଓ କର୍ମଚାରୀ ରାଜ୍ୟବୀମା ମନ୍ତ୍ରୀ ଗଣେଶ ରାମ ସିଂଖୁଂଟିଆ ୪୦ ଜଣ ନିର୍ମାଣ ଶ୍ରମିକଙ୍କୁ ଶ୍ରମିକ ପରିଚୟ ପତ୍ର ପ୍ରଦାନ କରିଥିଲେ । ଏହି ଅବସରରେ ଆୟୋଜିତ କାର୍ଯ୍ୟକ୍ରମରେ ମନ୍ତ୍ରୀ ଶ୍ରୀ ସିଂଖୁଂଟିଆ କହିଲେ ଯେ ନିର୍ମାଣ ଶ୍ରମିକଙ୍କ କାର୍ଯ୍ୟସ୍ଥଳୀରେ ପଞ୍ଜୀକରଣ ପ୍ରକ୍ରିୟା ଏକ ଯୁଗାନ୍ତକାରୀ ପଦକ୍ଷେପ । ଆମ ରାଜ୍ୟ ତଥା ଦେଶର ପ୍ରଗତିରେ ଶ୍ରମିକମାନେ ନିରବଚ୍ଛିନ୍ନ ଭାବେ ଗୁରୁତ୍ୱପୂର୍ଣ୍ଣ ଭୂମିକା ନିର୍ବାହ କରିଆସୁଛନ୍ତି । ରାଜ୍ୟ ସରକାର ଶ୍ରମିକମାନଙ୍କର ସାମାଜିକ ତଥା ଅର୍ଥନୈତିକ ବିକାଶ ଉପରେ ଗୁରୁତ୍ୱ ପ୍ରଦାନ କରିବା ସହ ବିଭିନ୍ନ କଲ୍ୟାଣକାରୀ ଯୋଜନା ହାତକୁ ନେଇଛନ୍ତି। ନିର୍ମାଣ ଶ୍ରମିକ, ପ୍ରବାସୀ ଶ୍ରମିକ, ମହିଳା ଶ୍ରମିକ, ଶିଳ୍ପ ସଂସ୍ଥା ତଥା ବାଣିଜ୍ୟ ପ୍ରତିଷ୍ଠାନର କାର୍ଯ୍ୟରତ ଶ୍ରମିକ ଏବଂ ଅଣସଂଗଠିତ କ୍ଷେତ୍ରରେ କାର୍ଯ୍ୟରତ ଶ୍ରମିକମାନଙ୍କର ସ୍ୱାର୍ଥରକ୍ଷା ପାଇଁ ରାଜ୍ୟ ସରକାରଙ୍କ ତରଫରୁ ସମସ୍ତ ପ୍ରକାରର କଲ୍ୟାଣମୂଳକ ପଦକ୍ଷେପ ଗ୍ରହଣ କରାଯାଉଛି। ଓଡିଶା ଅଣସଂଗଠିତ ଶ୍ରମିକ ସାମାଜିକ ବୋର୍ଡ ମାଧ୍ୟମରେ ଯୋଗ୍ୟ ଅଣସଂଗଠିତ ଶ୍ରମିକମାନଙ୍କର ପଞ୍ଜୀକରଣ ତଥା ସହାୟତା ପାଇଁ ଏକ ଅନଲାଇନ ପୋର୍ଟାଲ, ବିଭାଗର ପରିଶ୍ରମ ପୋର୍ଟାଲରେ ଅନଲାଇନ ସେବା ଏବଂ ଓଡିଶା କୋଠାବାଡି ଓ ଅନ୍ୟାନ୍ୟ ନିର୍ମାଣ ଶ୍ରମିକ କଲ୍ୟାଣ ବୋର୍ଡ଼ର ନିର୍ମାଣ ଶ୍ରମିକ ପୋର୍ଟାଲ ମାଧ୍ୟମରେ ଅନଲାଇନ ସେସ ଆଦାୟ ମଡ୍ୟୁଲ ବ୍ୟବସ୍ଥା କରାଯାଇଛି ଯାହାଦ୍ୱାରା କି ଶ୍ରମିକମାନଙ୍କ ନିମନ୍ତେ ବିଭିନ୍ନ ପ୍ରକାର ସହାୟତା ଓ ସେବା ସହଜରେ ଉପଲବ୍ଧ ହୋଇପାରିବ । ଏଥି ସହିତ ଅଣସଂଗଠିତ ଶ୍ରମିକଙ୍କ ସାମାଜିକ ସୁରକ୍ଷାକୁ ମଧ୍ୟ ସରକାର ପ୍ରାଥମିକତା ଦେଇଛନ୍ତି । ଅଣସଂଗଠିତ ଶ୍ରମିକଙ୍କ ସହାୟତା ପାଇଁ ଚିକିତ୍ସା ସହାୟତା ଯୋଗାଇଦେବାଠାରୁ ଆରମ୍ଭ କରି ଦୁର୍ଘଟଣାଜନିତ ଅକ୍ଷମତା ପାଇଁ ସହାୟତା ଏବଂ ମୃତ୍ୟୁକାଳୀନ ସହାୟତା ମଧ୍ୟ ଯୋଗାଇ ଦିଆଯିବ । ଓଡ଼ିଶା ଶ୍ରମିକ କଲ୍ୟାଣ ବୋର୍ଡକୁ ବାର୍ଷିକ ଅଂଶଦାନକାରୀ କର୍ମଚାରୀଙ୍କର ପିଲାମାନେ ନିର୍ଦ୍ଧାରିତ ଶିକ୍ଷାନୁଷ୍ଠାନରେ ଅଧ୍ୟୟନ କରୁଥିଲେ, ସେମାନଙ୍କୁ ମେଧାବୀ ଛାତ୍ରବୃତି ବାବଦରେ ଏକ ଲକ୍ଷ ଟଙ୍କା ବୃତି ପ୍ରଦାନର ବ୍ୟବସ୍ଥା ମଧ୍ୟ ରାଜ୍ୟ ସରକାର କରିଛନ୍ତି ବୋଲି ମନ୍ତ୍ରୀ ଶ୍ରୀ ସିଂଖୁଂଟିଆ ମତବ୍ୟକ୍ତ କରିଛନ୍ତି ।



ଓଡିଶା କୋଠାବାଡି ଓ ଅନ୍ୟାନ୍ୟ ନିର୍ମାଣ ଶ୍ରମିକ କଲ୍ୟାଣ ବୋର୍ଡ଼ ନିର୍ମାଣ ଶ୍ରମିକମାନଙ୍କ ବିଭିନ୍ନ ଆଇନଗତ ଅଧିକାରର ସୁରକ୍ଷା ନିମନ୍ତେ ଆଦାୟ କରାଯାଉଥିବା ସେସ ସେମାନଙ୍କର ସହାୟତା ପାଇବାରେ ପ୍ରମୁଖ ଭୂମିକା ଗ୍ରହଣ କରୁଛି । ଏହି ଅନଲାଇନ ପୋର୍ଟାଲ ଦ୍ୱାରା ଜନ ସେବା କେନ୍ଦ୍ରରେ ଶ୍ରମିକ ଭାଇ ଓ ଭଉଣୀମାନେ ସେମାନଙ୍କର ପଞ୍ଜୀକରଣ ଓ ବିଭିନ୍ନ ସହାୟତା ଯଥା: ଶିକ୍ଷାବୃତି ସହାୟତା, ବିବାହ ସହାୟତା, ପ୍ରସୂତିକାଳୀନ ସହାୟତା, ମୃତ୍ୟୁ କାଳୀନ ସହାୟତା ଏବଂ ଅନ୍ତ୍ୟେଷ୍ଟିକ୍ରିୟା ନିମନ୍ତେ ସହାୟତା ଏବଂ କାର୍ଯ୍ୟ କ୍ଷେତ୍ରରେ ଦୁର୍ଘଟଣାଜନିତ ମୃତ୍ୟୁକାଳୀନ ସହାୟତା ନିମନ୍ତେ ଆବେଦନ କରିପାରିବେ । ନିର୍ମାଣ ଶ୍ରମିକ କଲ୍ୟାଣ ଯୋଜନା ଅନ୍ତର୍ଗତ ଉପଲବ୍ଧ ଥିବା ସମସ୍ତ ସେବାଗୁଡ଼ିକର ଲାଭ ପାଇବା ପାଇଁ ଅନ୍‌ଲାଇନ୍ ମାଧ୍ୟମରେ ପୋର୍ଟାଲରେ ସିଧାସଳଖ ଲଗ୍ ଇନ୍ କରି ଦରଖାସ୍ତ କରିପାରିବେ ଏବଂ ଉକ୍ତ ସେବା ଥିବା ସମସ୍ତ 'ଜନସେବା କେନ୍ଦ୍ର'ମାନଙ୍କରେ ଆବେଦନ କରିପାରିବେ ବୋଲି ମନ୍ତ୍ରୀ ଶ୍ରୀ ସିଂଖୁଣ୍ଟିଆ ଉଲ୍ଲେଖ କରିଥିଲେ। ପ୍ରକୃତ ନିର୍ମାଣ ଶ୍ରମିକମାନଙ୍କୁ ଚିହ୍ନଟ କରି ଶ୍ରମିକ କଲ୍ୟାଣ ବୋର୍ଡ଼ରେ ପଞ୍ଜିକୃତ କରି ସେଠାରେ ଶ୍ରମିକ ପରିଚୟ ପତ୍ର ପ୍ରଦାନ କରିବା ପାଇଁ ଓଡିଶାର ସମସ୍ତ ଜିଲ୍ଲା ଶ୍ରମ ଅଧିକାରୀ ମାନଙ୍କୁ ବିଭାଗ ପକ୍ଷରୁ ନିର୍ଦ୍ଦେଶନାମା ଜାରି କରାଯାଇଛି ଏବଂ ପଞ୍ଜିକୃତ ନିର୍ମାଣ ଶ୍ରମିକମାନଙ୍କୁ ନିର୍ଦ୍ଧାରିତ ସମୟସୀମା ମଧ୍ୟରେ ବିଭିନ୍ନ ପ୍ରକାର ସହାୟତା ରାଶି ଯୋଗାଇଦେବା ପାଇଁ ବ୍ୟବସ୍ଥା କରାଯାଇଛି । ଏହାକୁ ତ୍ୱରାନ୍ୱିତ କରିବା ନିମନ୍ତେ ମନ୍ତ୍ରୀ ସମସ୍ତ ବିଭାଗୀୟ ଅଧିକାରୀମାନଙ୍କୁ ପରାମର୍ଶ ଦେଇଥିଲେ । ଏହି କାର୍ଯ୍ୟକ୍ରମରେ ଶ୍ରମ ଓ କର୍ମଚାରୀ ରାଜ୍ୟ ବୀମା ବିଭାଗର ପ୍ରମୁଖ ଶାସନ ସଚିବ ଶ୍ରୀମତୀ ଚିତ୍ରା ଆରୁମୁଗମ୍, ଶ୍ରମ ଆୟୁକ୍ତ ବିଜୟ ଅମୃତା କୁଲାଙ୍ଗେ ନିଜର ବକ୍ତବ୍ୟ ରଖିଥିଲେ।

## ଆଇଆଇଟି ଭୁବନେଶ୍ୱରରେ ଗ୍ୟାଷ୍ଟ୍ରୋ ଏବଂ ଓରାଲ୍ ସ୍କ୍ରିନିଂ କ୍ୟାମ୍ପ

**ଭୁବନେଶ୍ୱର,୩୧।୮ (ମହାଭାରତ):** ନିଜର ସ୍ୱାସ୍ଥ୍ୟସେବା ପଦକ୍ଷେପର ଏକ ଅଂଶ ଭାବରେ ଭାରତୀୟ ପ୍ରଯୁକ୍ତିବିଦ୍ୟା ପ୍ରତିଷ୍ଠାନ (ଆଇଆଇଟି) ଭୁବନେଶ୍ୱର, ଏହାର ସଦସ୍ୟମାନଙ୍କ ପାଇଁ ଏକ ମାଗଣା ଗ୍ୟାଷ୍ଟ୍ରୋ ଏବଂ ଓରାଲ୍ ସ୍କ୍ରିନିଂ ଶିବିରର ଆୟୋଜନ କରିଛି। ବାଗଚି ଶ୍ରୀ ଶଙ୍କରା କର୍କଟ କେନ୍ଦ୍ର ଏବଂ ଅନୁସନ୍ଧାନ ପ୍ରତିଷ୍ଠାନ, ଆଇଆଇଟି ଭୁବନେଶ୍ୱରର ସଞ୍ଜୀବନ ସ୍ୱାସ୍ଥ୍ୟ କେନ୍ଦ୍ର ସହିତ ମିଳିତ ଭାବରେ ୩୧ ଅଗଷ୍ଟ ୨୦୨୪ ରେ ଏହି ସ୍ୱାସ୍ଥ୍ୟ ଶିବିର ଆୟୋଜନ କରିଥିଲା। ଏହି ଅବସରରେ, ବାଗଚି ଶ୍ରୀ ଶଙ୍କରା କର୍କଟ କେନ୍ଦ୍ର ଏବଂ ଅନୁସନ୍ଧାନ ପ୍ରତିଷ୍ଠାନର ଗ୍ୟାଷ୍ଟ୍ରୋଏଣ୍ଟେରୋଲୋଜି ବିଭାଗର ଡକ୍ଟର ଦେବକାନ୍ତ ମିଶ୍ର ଏବଂ ହେଡ୍ ଆଣ୍ଡ୍ ନେକ୍ ଅଙ୍କୋଲୋଜି ବିଭାଗର ଡକ୍ଟର ମହେଶ ସୁଲତାନିଆ ସେମାନଙ୍କ ଟିମ୍ ସହିତ ଛାତ୍ରଛାତ୍ରୀ, ପ୍ରତିଷ୍ଠାନର କର୍ମଚାରୀ ଏବଂ କ୍ୟାମ୍ପସର ଅଧିବାସୀମାନଙ୍କର ଗ୍ୟାଷ୍ଟ୍ରୋ ଏବଂ ଓରାଲ୍ କର୍କଟ ରୋଗର ସ୍କ୍ରିନିଂ କରିଥିଲେ। ଶିବିରର ଏକ ଅଂଶ ଭାବରେ ସେମାନେ ଏହି ରୋଗ ବିଷୟରେ ସଚେତନତା ସୃଷ୍ଟି କରିଥିଲେ ଏବଂ ପ୍ରତିଷେଧକ ବ୍ୟବସ୍ଥା ବିଷୟରେ ଅଂଶଗ୍ରହଣକାରୀମାନଙ୍କୁ ପରାମର୍ଶ ଦେଇଥିଲେ। ଅନୁଷ୍ଠାନର ପ୍ରାୟ ୪୦ ସଦସ୍ୟ ଏହି ଶିବିରରେ ଯୋଗ ଦେଇ ଉପକୃତ ହୋଇଥିଲେ। ଏହି କାର୍ଯ୍ୟକ୍ରମର ସଂସ୍ଥାର ବରିଷ୍ଠ ଚିକିତ୍ସା ଅଧିକାରୀ ଡକ୍ଟର ମନସୁର ଅହମ୍ମଦ ଖାନ ସଂଯୋଜନା କରିଥିଲେ। ଏହି ଶିବିରରେ ସଞ୍ଜୀବନ ସ୍ୱାସ୍ଥ୍ୟ କେନ୍ଦ୍ରର ଡାକ୍ତରୀ ଅଧିକାରୀ ଡକ୍ଟର ଅଭିମନ୍ୟୁ ରାଜୁ ଏସ.ଆର. ଉପସ୍ଥିତ ଥିଲେ ଏବଂ ଦଳକୁ ସହାୟତା ପ୍ରଦାନ କରିଥିଲେ ।

## ଓଡ଼ିଶା କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟର ପ୍ରତିଷ୍ଠା ଦିବସ

**ଭୁବନେଶ୍ୱର,୩୧।୮ (ମହାଭାରତ):** ଓଡ଼ିଶା କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟ (ସିୟୁଓ)ର ୧୬ତମ ପ୍ରତିଷ୍ଠା ଦିବସ ଗୁରୁବାର ଏହାର ମୁଖ୍ୟ କ୍ୟାମ୍ପସ ସୁନାବେଡ଼ାଠାରେ ପାଳିତ ହୋଇଯାଇଛି। ଏହି ଅବସରରେ ମହାମହିମ ରାଷ୍ଟ୍ରପତି ଶ୍ରୀମତୀ ଦ୍ରୌପଦୀ ମୁର୍ମୁ ତାଙ୍କ ବାର୍ତା ମାଧ୍ୟମରେ ବିଶ୍ୱବିଦ୍ୟାଳୟ ସମୁଦାୟଙ୍କୁ ଅଭିନନ୍ଦନ ଜଣାଇଛନ୍ତି। ଅନ୍ୟମାନଙ୍କ ମଧ୍ୟରେ ଓଡ଼ିଶାର ରାଜ୍ୟପାଳ ରଘୁବର ଦାସ, କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଓ ୟୁଜିସି ଅଧ୍ୟକ୍ଷ ପ୍ରଫେସର ଏମ୍ ଜଗଦେଶ କୁମାର ଓ ବିଶ୍ୱବିଦ୍ୟାଳୟର କୁଳାଧିପତି ପ୍ରଫେସର ପି ଭି କୃଷ୍ଣ ଭଟ୍ଟ ପ୍ରମୁଖ ଶୁଭେଚ୍ଛା ଜଣାଇଛନ୍ତି। ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ଚକ୍ରଧର ତ୍ରିପାଠୀ ବିଶ୍ୱବିଦ୍ୟାଳୟ ପତାକା ଉତ୍ତୋଳନ କରିବା ସହ ପ୍ରତିଷ୍ଠା ଦିବସ କାର୍ଯ୍ୟକ୍ରମରେ ଅଧ୍ୟକ୍ଷତା କରିଥିଲେ। ଏହି ଅବସରରେ ପଶ୍ଚିମବଙ୍ଗର ପୂର୍ବତନ ଡିଜିପି ଆଇପିଏସ୍ (ଅବସରପ୍ରାପ୍ତ) ପ୍ରଫେସର ବିଏନ୍ ରମେଶ ଉପସ୍ଥିତ ରହି ପ୍ରତିଷ୍ଠା ଦିବସ ଅଭିଭାଷଣ ପ୍ରଦାନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଦାମନଯୋଡି ନାଲକୋର କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ଇଞ୍ଜିନିଅର ନିରଞ୍ଜନ ସାମଲ ମୁଖ୍ୟ ଅତିଥି, ବିଶ୍ୱବିଦ୍ୟାଳୟର ରେଜିଷ୍ଟ୍ରାର ଆଇ/ସି ପ୍ରଫେସର ନରସିଂହ ଚରଣ ପଣ୍ଡା ଓ କାର୍ଯ୍ୟକ୍ରମର ସଂଯୋଜକ ତଥା ଜୈବ ବିବିଧତା ଓ ପ୍ରାକୃତିକ ସମ୍ପଦ ସଂରକ୍ଷଣ ବିଦ୍ୟାଳୟର ଡିନ୍ ପ୍ରଫେସର ଶରତ କୁମାର ପଳିତା ପ୍ରମୁଖ ଉପସ୍ଥିତ ଥିଲେ।

କୁଳପତି ପ୍ରଫେସର ଚକ୍ରଧର ତ୍ରିପାଠୀ କହିଥିଲେ ଭବିଷ୍ୟତରେ ବିଶ୍ୱବିଦ୍ୟାଳୟ ପକ୍ଷରୁ ଆଦିବାସୀ ସଂସ୍କୃତି ସମ୍ପର୍କରେ ଜ୍ଞାନ ଓ ଜ୍ଞାନ ପ୍ରଦାନ ପାଇଁ ଗୋଟିଏ ଆଦିବାସୀ ସଂଗ୍ରହାଳୟ ଓ ଆଦିବାସୀ ପାଠାଗାର ଖୋଲିବାକୁ ଚେଷ୍ଟା କରାଯିବ। ଏହାବ୍ୟତୀତ ଇକୋ ଟୁରିଜିମ୍ ମାଧ୍ୟମରେ ଆଦିବାସୀ ଯୁବକଯୁବତୀଙ୍କୁ ନିଯୁକ୍ତି ଦେବା ଦିଗରେ ବିଶ୍ୱବିଦ୍ୟାଳୟ ପଦକ୍ଷେପ ନେବ। ଅତି କମରେ ୧୦ ଜଣ ଆଦିବାସୀ ଯୁବକଙ୍କୁ ନିଯୁକ୍ତି ଦେବା ସହ ସେମାନଙ୍କୁ ଇକୋ ଟୁରିଜିମ୍ ର ପ୍ରଶିକ୍ଷଣ ଦେବାକୁ ବିଶ୍ୱବିଦ୍ୟାଳୟ ପ୍ରତିଶ୍ରୁତି ଦେଇଛି। କୁଭି ଓ ଦେସିଆ ଭାଷାରେ ପ୍ରାଇମର ପ୍ରକାଶ କରି ସ୍ଥାନୀୟ ଭାଷାକୁ ପ୍ରୋତ୍ସାହିତ କରିବା ପାଇଁ ବିଶ୍ୱବିଦ୍ୟାଳୟ ପକ୍ଷରୁ ପଦକ୍ଷେପ ନିଆଯାଇଛି ଏବଂ ଭବିଷ୍ୟତରେ ଏଭଳି ଆହୁରି ପ୍ରୟାସ କରାଯିବ ବୋଲି ସେ କହିଛନ୍ତି। ଏହି ଅବସରରେ କୁଳପତି ଓ ସମ୍ମାନିତ ଅତିଥିମାନେ ବିଶ୍ୱବିଦ୍ୟାଳୟର ସ୍ମାରକୀ 'ସିୟୁଓ ଆଟ୍ ଆ ଗ୍ଲାନ୍ସ', ବିଶ୍ୱବିଦ୍ୟାଳୟର 'ଉତ୍କଳ ବାଣୀ'ର ବିଶ୍ୱବିଦ୍ୟାଳୟ 'ସିୟୁଓ ବାର୍ତ୍ତା' ପୋଡକାଷ୍ଟ, ଓଡ଼ିଆ 'ସବରୀ' ବିଭାଗର ପତ୍ରିକା ଏବଂ 'ପ୍ରୟୋଗ ଓ ସମ୍ଭାବନ' ପୁସ୍ତକ ଉନ୍ମୋଚନ କରିଥିଲେ।

## ନିଯୁକ୍ତି ଓ ଶିକ୍ଷା କ୍ଷେତ୍ରରେ ୨୭% ସଂରକ୍ଷଣ ନେଇ ରାଜ୍ୟପାଳଙ୍କୁ ସ୍ମାରକପତ୍ର

**ଭୁବନେଶ୍ୱର,୩୧।୮ (ମହାଭାରତ):** ରାଜ୍ୟ ଓବିସି ଫୋରମ୍ ପକ୍ଷରୁ ଏକ ୩ ଜଣିଆ ପ୍ରତିନିଧି ଦଳ ଓବିସି ସଂରକ୍ଷଣ ନେଇ ଏକ ୫ ଦଫା ଦାବି ସମ୍ବଳିତ ଦାବିପତ୍ର ରାଜ୍ୟପାଳଙ୍କୁ ସାକ୍ଷାତ କରି ପ୍ରଦାନ କରିଛନ୍ତି।

ଏହି ସ୍ମାରକପତ୍ରରେ କୁହାଯାଇଛି ଯେ ଓଡ଼ିଶା ସରକାର ରାଜ୍ୟର ୫୨ ଭାଗ ପଛୁଆ ବର୍ଗଙ୍କୁ ଆଜି ପର୍ଯ୍ୟନ୍ତ ସେମାନଙ୍କ ସାମ୍ବିଧାନିକ ଅଧିକାର ଦେଲେନାହିଁ। କେନ୍ଦ୍ର ସରକାର ଲାଗୁ କରୁଥିବା ନିଯୁକ୍ତି କ୍ଷେତ୍ରରେ ୨୭ ଭାଗ ସଂରକ୍ଷଣକୁ ଓଡ଼ିଶା ସରକାର ମାତ୍ର ୧୧.୨୫ରେ ସୀମିତ ରଖିଛନ୍ତି । ମେଡିକାଲ, ଇଂଜିନିୟରିଂ ସମେତ ବିଭିନ୍ନ କଲେଜ ଓ ବିଶ୍ୱବିଦ୍ୟାଳୟ ମାନଙ୍କରେ ଶିକ୍ଷା କ୍ଷେତ୍ରରେ ଓବିସି ଛାତ୍ରଛାତ୍ରୀମାନଙ୍କୁ କୌଣସି ସଂରକ୍ଷଣ ଦିଆଯାଉନାହିଁ । ଏହାଫଳରେ ରାଜ୍ୟର ପଛୁଆ ବର୍ଗର ବେକାର ଯୁବକ ଯୁବତୀମାନେ ପାଖାପାଖି ୧୮ ହଜାର ୭୦୦ଟି ପଦବୀରେ ନିଯୁକ୍ତି ସୁଯୋଗ ହରାଇବାକୁ ଯାଉଛନ୍ତି ବୋଲି ଓବିସି ଫୋରମ୍‌ର ରାଜ୍ୟଶାଖା ଅଧ୍ୟକ୍ଷ ରବି ବେହେରା ଅଭିଯୋଗ କରିଛନ୍ତି । ବର୍ତ୍ତମାନ ନାମଲେଖା ରତ୍ତୁ ଚାଲିଥିଲାବେଳେ ମେଡିକାଲ୍, ଇଂଜିନିୟରିଂ ସମେତ କଳା, ବାଣିଜ୍ୟ ଓ ବିଜ୍ଞାନ ନାମଲେଖା କ୍ଷେତ୍ରରେ ଓଡ଼ିଶା ସରକାର ଓବିସି ଛାତ୍ରଛାତ୍ରୀଙ୍କ ପାଇଁ ସଂରକ୍ଷଣ ସୁଯୋଗ ନ ଦେବା ଅନ୍ୟ ଏକ ବିଡ଼ମ୍ବନା । କୁଳାଧିପତି ଭାବରେ ରାଜ୍ୟପାଳ ଓବିସି ଛାତ୍ରଛାତ୍ରୀଙ୍କୁ ତୁରନ୍ତ ତାଙ୍କ ନାମ ଲେଖାରେ ୨୭ ଭାଗ ସ୍ଥାନ ସଂରକ୍ଷଣ ଦେବାକୁ ସ୍ମାରକପତ୍ରରେ ଦାବି କରାଯାଇଛି ।



ଏହା ବ୍ୟତୀତ ପୂର୍ବ ସରକାରଙ୍କ ସମୟରେ ରାଜ୍ୟ ପଛୁଆବର୍ଗ କମିଶନଙ୍କ ଦ୍ୱାରା ଯେଉଁ ଓବିସି ସର୍ଭେକ୍ଷଣ କରାଯାଇଥିଲା ତାର ରିପୋର୍ଟକୁ ତୁରନ୍ତ ସାର୍ବଜନୀନ କରିବା ପାଇଁ ଆଜି ଓବିସି ଫୋରମ୍ ଏହି ସ୍ମାରକପତ୍ରରେ ଦାବି କରିଛି । ରାଜ୍ୟରେ ବର୍ତ୍ତମାନ ଚାଲିଥିବା ଅତିଥି ଅଧ୍ୟାପକ ନିଯୁକ୍ତି ଓ ଆଉଟ୍ ସୋର୍ସିଂ କର୍ମଚାରୀ ନିଯୁକ୍ତି ଓ ଠିକା କର୍ମଚାରୀ ନିଯୁକ୍ତିରେ ମଧ୍ୟରେ ଓବିସି ବର୍ଗଙ୍କ ପାଇଁ ୨୭ଭାଗ ସ୍ଥାନ ସଂରକ୍ଷଣ କରିବାକୁ ଓବିସି ଫୋରମ୍ ପକ୍ଷରୁ ଦାବି କରାଯାଇଛି । ବିଗତ ସରକାର ତ୍ରିସ୍ତରୀୟ ପଞ୍ଚାୟତିରାଜ ନିର୍ବାଚନରେ ଓ୍ୱାର୍ଡମେମ୍ବର, ସରପଞ୍ଚ, ସମିତି ସଭ୍ୟ ଓ ଜିଲ୍ଲା ପରିଷଦ ନିର୍ବାଚନରେ ଓବିସି ମାନଙ୍କର ସଂରକ୍ଷଣକୁ ଅଣଦେଖା କରି ସେମାନଙ୍କୁ ନିର୍ବାଚନରୁ ବଞ୍ଚିତ କରିଥିଲେ। ଏହା ବ୍ୟତୀତ ଓବିସି ଅର୍ଥ ନିଗମକୁ ସକ୍ରିୟ କରି ପଛୁଆବର୍ଗର ବେକାର ଯୁବକ ଯୁବତୀଙ୍କୁ ଆତ୍ମନିଯୁକ୍ତି ଋଣ ପ୍ରଦାନ କରିବା ପାଇଁ ସ୍ମାରକପତ୍ରରେ ମାନ୍ୟବର ରାଜ୍ୟପାଳଙ୍କ ଦୃଷ୍ଟି ଆକର୍ଷଣ କରାଯାଇଛି । ଏହି ଚାରି ଜଣିଆ ପ୍ରତିନିଧି ଦଳରେ ଶ୍ରୀ ବେହେରାଙ୍କ ସମେତ ଓବିସି ଫୋରମ୍‌ର ସମ୍ପାଦକ ନାରାୟଣ ଡାଲୁଆ, କାର୍ଯ୍ୟକାରୀ କମିଟି ସଭ୍ୟ କିଶୋର ସୂତାର ପ୍ରମୁଖ ମାନ୍ୟବର ରାଜ୍ୟପାଳଙ୍କ ସହିତ ସାକ୍ଷାତ ଆଲୋଚନା କରି ସ୍ମାରକପତ୍ର ପ୍ରଦାନ କରିଥିଲେ । ରାଜ୍ୟର ସାମ୍ବିଧାନିକ ମୁଖ୍ୟ ତଥା କୁଳାଧିପତି ଭାବରେ ମାନ୍ୟବର ରାଜ୍ୟପାଳ ଓବିସି ବର୍ଗଙ୍କର ସାମ୍ବିଧାନିକ ଅଧିକାରକୁ ନିଶ୍ଚିତ କରିବେ ବୋଲି ଫୋରମ୍ ପକ୍ଷରୁ ଆଶାପ୍ରକାଶ କରାଯାଇଛି । ରାଜ୍ୟପାଳ ଶ୍ରୀ ରଘୁବର ଦାସ ସ୍ମାରକପତ୍ର ଉପରେ ଆଲୋଚନା କରି ମୁଖ୍ୟମନ୍ତ୍ରୀ ଓ ଶିକ୍ଷା ସଚିବଙ୍କୁ ନିଯୁକ୍ତି ଓ ଶିକ୍ଷା କ୍ଷେତ୍ରରେ ସଂରକ୍ଷଣ ପ୍ରଦାନ କରିବାକୁ ଆଇନ୍ ଅନୁଯାୟୀ ଆବଶ୍ୟକୀୟ ପଦକ୍ଷେପ ଗ୍ରହଣ କରିବେ ବୋଲି ପ୍ରତିନିଧି ଦଳଙ୍କୁ ପ୍ରତିଶ୍ରୁତି ଦେଇଥିଲେ ।

## କୋରାପୁଟ-ସିଙ୍ଗାପୁର ରୋଡ ରେଳଲାଇନ ଦୋହରୀକରଣ କାର୍ଯ୍ୟ

**ଭୁବନେଶ୍ୱର,୩୧।୮ (ମହାଭାରତ):** କୋରାପୁଟ-ସିଙ୍ଗାପୁର ରୋଡ୍ (ରାୟଗଡା) ରେଳ ଲାଇନରେ ୧୬୫ କିଲୋମିଟର ଦୈର୍ଘ୍ୟରେ ଚାଲୁରହିଥିବା ଦୋହରୀକରଣ କାର୍ଯ୍ୟ ଗୁରୁତ୍ୱପୂର୍ଣ୍ଣ ଇଞ୍ଜିନିୟରିଂ ଆହ୍ୱାନ ସତ୍ତ୍ୱେ କ୍ରମାଗତ ଭାବରେ ଅଗ୍ରଗତି କରିଚାଲିଛି। ରେଳ ସଂଯୋଗୀକରଣ ବୃଦ୍ଧି ଏବଂ ଆଂଚଳିକ ବିକାଶକୁ ପ୍ରୋତ୍ସାହନ କରିବା ପାଇଁ ଜଟିଳ ଭୌଗଳିକ ଏବଂ ପ୍ରତିକୂଳ ପରିବେଶ ପରିସ୍ଥିତି ସତ୍ତ୍ୱେ ପ୍ରକଳ୍ପଟି ଗୁରୁତ୍ୱପୂର୍ଣ୍ଣ ଅଟେ।

ଏହି ପ୍ରକଳ୍ପର ୨୨.୯୪ କିଲୋମିଟର ଦୈର୍ଘ୍ୟ ଲକ୍ଷ୍ମୀପୁର ଏବଂ ଟିକିରି ମଧ୍ୟରେ ରେଳ ଲାଇନ ଦୋହରୀକରଣ କାର୍ଯ୍ୟକୁ ସଫଳତାର ସହ ସମାପ୍ତ କରାଯାଇ କାର୍ଯ୍ୟକ୍ଷମ ହୋଇଛି। ଏକ ପ୍ରମୁଖ ଭୂସ୍ଖଳନ ପ୍ରବଣ ଅଂଚଳ ଟିକିରି ଏବଂ ଭାଲୁମାସ୍କା ଷ୍ଟେସନ ମଧ୍ୟରେ ୪୫.୪୬ କିଲୋମିଟର ଦୂରତା ବିଶିଷ୍ଟ ରେଳ ସେକ୍ସନ ମଧ୍ୟରେ ଟନେଲ ଏବଂ ସେତୁ ନିର୍ମାଣ ପାଇଁ ମଧ୍ୟ ଟେଣ୍ଡର ଆହ୍ୱାନ କରାଯାଇଅଛି । ଲକ୍ଷ୍ମୀପୁର ରୋଡ୍ ଏବଂ ବାଇଗୁଡା ମଧ୍ୟରେ ୨୭.୮୨ କିଲୋମିଟର ଦୈର୍ଘ୍ୟ ରେଳ ଲାଇନ ଚଳିତ ଆର୍ଥିକ ବର୍ଷ ମଧ୍ୟରେ ଶେଷ ହେବାକୁ ଲକ୍ଷ୍ୟ ରଖାଯାଇଛି ।

କୋରାପୁଟ-ରାୟଗଡା ରେଳ ମାର୍ଗରେ ଭୂସ୍ଖଳନ ହେବାର ଅନେକ ଅଂଚଳ ଅନ୍ତର୍ଭୁକ୍ତ । ବିଶେଷକରି ଟିକିରି-ଭାଲୁମାସ୍କା ରେଳ ସେକ୍ସନ ପ୍ରମୁଖ ଭୂସ୍ଖଳନ ପ୍ରବଣ ଅଂଚଳରେ ଅବସ୍ଥିତ। ବର୍ତମାନ କୋରାପୁଟ-ରାୟଗଡା ରେଳ ମାର୍ଗରେ ୩୬ ଟି ଟନେଲ୍ ଥିବାବେଳେ ଦୋହରୀକରଣ କାର୍ଯ୍ୟରେ ୩୨ ଟି ଟନେଲ ନିର୍ମାଣ କରାଯିବାକୁ ଯୋଜନା କରାଯାଇଛି। ସେଥିମଧ୍ୟରେ ଟିକିରି ଏବଂ ଭାଲୁମାସ୍କା ମଧ୍ୟରେ ୧୯ ଗୋଟି, ଭାଲୁମାସ୍କା ଏବଂ ସିଙ୍ଗାପୁର ରୋଡ୍ ମଧ୍ୟରେ ୯ ଗୋଟି ଏବଂ



ବାଇଗୁଡା ଏବଂ ଲକ୍ଷ୍ମୀପୁର ରୋଡ୍ ମଧ୍ୟରେ ୪ ଗୋଟି ଟନେଲ ଅନ୍ତର୍ଭୁକ୍ତ । ଏହି କାର୍ଯ୍ୟରେ ଉଚ୍ଚ ପର୍ବତ ଶୃଙ୍ଗ ସହିତ ଖାଇ ଅନ୍ତର୍ଭୁକ୍ତ। ଗୋଟିଏ ପାର୍ଶ୍ୱରେ ପାହାଡ ଦ୍ୱାରା ସୀମାନ୍ତ ଥିବାବେଳେ ଅନ୍ୟ ପାର୍ଶ୍ୱରେ ୧୦୦ ମିଟରରୁ ଅଧିକ ଖାଇ ଅବସ୍ଥିତ ଓ ଗଭୀର ଉପତ୍ୟକା ଅବସ୍ଥିତ ଥିବା ଦ୍ୱାରା ଏହି ପ୍ରକଳ୍ପର ନିର୍ମାଣ ଉଭୟ ଏକ ବଡ଼ ଆହ୍ୱାନ ଏବଂ ବିପଜ୍ଜନକ ଅଟେ। ଏହି ପ୍ରକଳ୍ପର ଦୀର୍ଘତମ ଟନେଲ୍ ୨ କିଲୋମିଟର ଦୈର୍ଘ୍ୟ ଯାହା ଆବଶ୍ୟକ ଇଞ୍ଜିନିୟରିଂର ମାପକାଠି ପ୍ରଦର୍ଶନ କରିବ । ଏହି ରେଳ ଲାଇନ ପ୍ରକଳ୍ପ ଏକ ଘାଟ ସେକ୍ସନ ଏବଂ ସଂରକ୍ଷିତ ଜଙ୍ଗଲ ଅଂଚଳ ଦେଇ ଅତିକ୍ରମ କରୁଥିବାରୁ ପରିବେଶର ପ୍ରଭାବକୁ କମ୍ କରିବାକୁ ଯତ୍ନଶୀଳ ଯୋଜନା ଏବଂ କାର୍ଯ୍ୟକାରିତା ଆବଶ୍ୟକ କରୁଛି। କୋରାପୁଟ-ସିଙ୍ଗାପୁର ରୋଡ୍ ରେଳ ଲାଇନ ମାର୍ଗ ଏହାର ଚମତ୍କାର ଦୃଶ୍ୟ ଦୃଶ୍ୟ ପାଇଁ ପ୍ରସିଦ୍ଧ ଯାହା ୟୁରୋପୀୟ ଦେଶମାନଙ୍କ ସହିତ ପ୍ରତିଦ୍ୱନ୍ଦ୍ୱିତା କରେ। ଏହି ରେଳ ଲାଇନର ଦୋହରୀକରଣ ହେବା କେବଳ ରେଳ ପରିବହନର ଦକ୍ଷତା ଏବଂ କ୍ଷମତା ବୃଦ୍ଧି କରିବ ନାହିଁ ବରଂ ଏହି ଅଂଚଳରେ ପର୍ଯ୍ୟଟନ ପାଇଁ ନୂତନ ସୁଯୋଗ ମଧ୍ୟ ଶୃଷ୍ଟି କରିବ । ଉନ୍ନତ ରେଳ ସଂଯୋଗ ଏହି ଅଂଚଳକୁ ଅଧିକ ପର୍ଯ୍ୟଟକଙ୍କୁ ଆକର୍ଷିତ କରିବ ବୋଲି ଆଶା କରାଯାଏ, ଯାହା ଦ୍ୱାରା ପର୍ଯ୍ୟଟକ ମାନେ ଭାରତର ଏହି ଅଞ୍ଚଳର ଚମତ୍କାର ଦୃଶ୍ୟ ଏବଂ ସାଂସ୍କୃତିକ ସମୃଦ୍ଧତାକୁ ଅନୁଭବ କରିବେ । ଉନ୍ନତ ଭିତିଭୂମି ଯାତ୍ରୀମାନଙ୍କ ପାଇଁ ଏହି ଅଞ୍ଚଳର ପ୍ରାକୃତିକ ସୌନ୍ଦର୍ଯ୍ୟ ଅନୁସନ୍ଧାନ କରିବା, ସ୍ଥାନୀୟ ଅର୍ଥନୀତିକୁ ଆହୁରି ବୃଦ୍ଧି କରିବା ଏବଂ ନିରନ୍ତର ପର୍ଯ୍ୟଟନକୁ ପ୍ରୋତ୍ସାହିତ କରିବା ସହଜ କରିବ। କୋରାପୁଟ-ସିଙ୍ଗାପୁର ରୋଡ ରେଳ ଲାଇନର ଦୋହରୀକରଣ ହେବା ଦ୍ୱାରା ଏହି ଅଞ୍ଚଳର ରେଳ ଭିତିଭୂମିରେ ଉନ୍ନତି ଆଣିବା ପାଇଁ ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ଅଟେ। ଏହି ପ୍ରକଳ୍ପଟି ସମାପ୍ତ ପରେ ରେଳ ପରିବହନର କ୍ଷମତା ଏବଂ ଦକ୍ଷତା ବୃଦ୍ଧି ପାଇବା ସହିତ ଯାତ୍ରୀ ଏବଂ ପଣ୍ୟ ପରିବହନ କାର୍ଯ୍ୟ ମଧ୍ୟ ଲାଭଦାୟକ ହେବ । ଭୟଙ୍କର ନିର୍ମାଣ ଆହ୍ୱାନ ସତ୍ତ୍ୱେ କୋରାପୁଟ-ରାୟଗଡା ରେଳ ପ୍ରକଳ୍ପରେ କାର୍ଯ୍ୟରତ ଦଳ ନିର୍ମାଣ କାର୍ଯ୍ୟର ଧାର୍ଯ୍ୟ ସମୟସୂଚୀରେ କାର୍ଯ୍ୟ ସମାପ୍ତ କରିବା ସହିତ ନିରାପତା ସୁନିଶ୍ଚିତ କରିବା।

## ସଂଗ୍ରାମୀ ଯୁବ ଛାତ୍ର ସଂଗଠନର ଦ୍ୱିତୀୟ ବାର୍ଷିକ ସମାରୋହ

**ଭୁବନେଶ୍ୱର,୩୧।୮ (ମହାଭାରତ):** ସାମାଜିକ ସ୍ୱେଚ୍ଛାସେବୀ ଅନୁଷ୍ଠାନ ସଂଗ୍ରାମୀ ଯୁବ, ଛାତ୍ର ସଂଗଠନର ଦ୍ୱିତୀୟ ବାର୍ଷିକ ଉତ୍ସବ ମନୋଜ କୁମାର ସାହୁଙ୍କ ସଭାପତିତ୍ୱରେ ଭୁବନେଶ୍ୱରସ୍ଥିତ ଲୋହିଆ ଏକାଡେମୀ ପରିସରରେ ଅନୁଷ୍ଠିତ ହୋଇଯାଇଅଛି । ଏହି କାର୍ଯ୍ୟକ୍ରମରେ ଅତିଥି ଭାବେ ରାଜ୍ୟସଭା ସଦସ୍ୟା ସୁଲତା ଦେଓ, ଚିତ୍ରକୋଣ୍ଡାର ମାନ୍ୟବର ବିଧାୟକ ମଙ୍ଗୁ ଖିଲ, ବିଶିଷ୍ଟ ଚଳଚ୍ଚିତ୍ର ଅଭିନେତା ଚନ୍ଦନ କର, ସମାଜସେବୀ ନିବେଦିତା ଶତପଥୀ, ଏସ୍.କେ. ଅବଦୁଲ୍ ସାବିଦ୍ ଓ ବିନୋଦ କୁମାର ରାଉତ ଅତିଥି ରୂପେ ଯୋଗଦେଇ ଦେଶ ଓ ଜାତିର ସ୍ୱାର୍ଥ ଦୃଷ୍ଟିରେ ଯୁବ ସମାଜ ଦାୟିତ୍ୱବୋଧ ହେବା ଏକାନ୍ତ ଜରୁରୀ ବୋଲି ମତବ୍ୟକ୍ତ କରିଥିଲେ । ପରିତାପର ବିଷୟ ଯେ ଆଜିର ଯୁବ ସମାଜ ନିଜର ଅଧିକାର ପାଇବା ସମ୍ବନ୍ଧେ ଯେତେ ସଚେତନ ନିଜ ଦାୟିତ୍ୱକୁ ନିର୍ବାହ କରିବା ପାଇଁ ସେତେଟା ସଚେତନ ନୁହଁ । ଏଣୁ ଆମେ ମନେ ରଖିବା ଉଚିତ୍ ଦେଶ ଓ ଜାତିର ବୃହର ସ୍ୱାର୍ଥକୁ ଆଖି ଆଗରେ ରଖି ଯୁବ ସମାଜ ନିଜ କର୍ତ୍ତବ୍ୟ ନିଷ୍ଠାର ସହ ପାଳନ କରିବା ସହ ନିଶାଠାରୁ ନିଜକୁ ଦୂରେଇ ରଖିବା ଅତ୍ୟନ୍ତ ଜରୁରୀ ବୋଲି ଅତିଥିମାନେ ମତବ୍ୟକ୍ତ କରିଥିଲେ । ଏହି କାର୍ଯ୍ୟକ୍ରମରେ ଡ. ବିଶ୍ୱମୋହନ ଜେନା, ଡ. ସୁଧାଂଶୁବାଳା ସାହୁ, ରଘୁନାଥ ମଣ୍ଡଳ, ଦେବେନ୍ଦ୍ର ଆଚାର୍ଯ୍ୟ, ବିଷ୍ଣୁ ପ୍ରସାଦ ସାହୁ, ପ୍ରଦୀପ ବେହେରା, ସ୍ମୃତିକିରଣ ପଣ୍ଡା, କଲ୍ୟାଣୀ ବିଶ୍ୱାଳ, ତାପସ ଦେ, ରାଜ୍ୟପ୍ରୀୟ ଦାସ, ରେଳ ବିହାର ଯୁବ ପରିଷଦ ପ୍ରମୁଖ ନିଜର ବଳିଷ୍ଠ କାର୍ଯ୍ୟ ପାଇଁ ସମ୍ମାନିତ ହୋଇଥିଲେ।

## ରାଜ୍ୟର ରେଳ ବିକାଶ କ୍ଷେତ୍ରରେ ମୋଦି ସରକାରଙ୍କ ଭୂମିକା ଐତିହାସିକ : ମନମୋହନ

**ଭୁବନେଶ୍ୱର,୩୧।୮ (ମହାଭାରତ):** ଓଡ଼ିଶାର ଦୁଇ ନୂଆ ରେଳ ଲାଇନ ଓ ଗୋଟିଏ ମଲ୍ଟି-ଟ୍ରାକିଂ ପ୍ରକଳ୍ପକୁ କେନ୍ଦ୍ର କ୍ୟାବିନେଟ ମଞ୍ଜୁରୀ ମିଳିଛି। ବରଗଡ ରୋଡ ଓ ନୂଆପଡା ରୋଡ ୧୩୮କିମି ନୂଆ ରେଳ ଲାଇନ,ସୁନ୍ଦରଗଡ ଜିଲ୍ଲା ସରଡେଗା ରୁ ଛତିଶଗଡର ଭଲୁମୁଡାକୁ ୩୭କିମି ନୂଆ ଡବଲ ଲାଇନ ଏବଂ ଜାମସେଦପୁର-ଆସାନସୋଲ ମଧ୍ୟରେ ୧୨୧କିମି ଲମ୍ବ ତୃତୀୟ ଲାଇନକୁ ମଂଜୁରି ମିଳିଛି। ନୂଆ ରେଳ ପ୍ରକଳ୍ପ ଯୋଗାଯୋଗ ବ୍ୟବସ୍ଥାରେ ସୁଧାର ଆଣିବା ସହ ଯାତ୍ରାକୁ ସହଜ କରିବ । ଓଡ଼ିଶାର ବିକାଶ ପାଇଁ ପ୍ରଧାନମନ୍ତ୍ରୀ ଶ୍ରୀ ନରେନ୍ଦ୍ର ମୋଦିଙ୍କ ନେତୃତ୍ୱରେ କେନ୍ଦ୍ର କ୍ୟାବିନେଟ୍‌ରେ ନିଆଯାଇଥିବା ନିଷ୍ପତି ଓଡ଼ିଶାବାସୀଙ୍କ ଲାଗି ସର୍ବଦା ସ୍ମରଣୀୟ ହୋଇରହିବ। ଓଡ଼ିଶାର ରେଳ ବିକାଶ ପାଇଁ ୪୨୩୪କୋଟି ବ୍ୟୟରେ ଏସବୁ ପ୍ରକଳ୍ପ ନିର୍ମାଣ ହେବାକୁ ଯାଉଛି। ଓଡିଶାର ସାମଗ୍ରିକ ଓ ତ୍ୱରାନ୍ୱିତ ବିକାଶ ଲାଗି ପ୍ରଧାନମନ୍ତ୍ରୀ ମୋଦିଙ୍କ ପ୍ରତିଶ୍ରୁତିବଦ୍ଧତା ପାଇଁ ରାଜ୍ୟ ସଭାପତି ମନମୋହନ ସାମଲ ତାଙ୍କୁ କୃତଜ୍ଞତା ଜଣାଇବା ସହିତ ରେଳମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବଙ୍କୁ ଧନ୍ୟବାଦ ଜଣାଇଛନ୍ତି।

ଶ୍ରୀ ସାମଲ କହିଛନ୍ତି, କେନ୍ଦ୍ର କ୍ୟାବିନେଟ୍‌ରେ ମଞ୍ଜୁର ହୋଇଥିବା ପ୍ରକଳ୍ପଗୁଡ଼ିକ ଓଡ଼ିଶାବାସୀଙ୍କ ସ୍ୱାର୍ଥ ପୂରଣ କରିବ। ନୂତନ ରେଳ ପକଳ୍ପ ଯୋଗୁଁ ଓଡ଼ିଶା ଆର୍ଥିକ ବିକାଶ ସୁଦୃଢ ହୋଇପାରିବ। ବିଶେଷଭାବେ ପଶ୍ଚିମଓଡ଼ିଶା ଅଂଚଳରେ ଗମନାଗମନ ସୁଦୃଢ଼ ହେବା ସହ କୃଷି, ଶିଳ୍ପ, ପର୍ଯ୍ୟଟନ ଓ ଅନ୍ୟାନ୍ୟ କ୍ଷେତ୍ରର ବିକାଶ ହୋଇପାରିବ। ଏଥି ସହ ବନ୍ୟଜାତ ଦ୍ରବ୍ୟକୁ ରାଜ୍ୟ ତଥା ରାଜ୍ୟ ବାହାରକୁ ପହଂଚାଯାଇ ପାରିବ ଏବଂ ସ୍ଥାନୀୟ ବାସିନ୍ଦାଙ୍କ ଆର୍ଥିକ ସ୍ଥିତି ମଜବୁତ ହେବ । ରାଜ୍ୟରେ ନୂତନ ଶିକ୍ଷାନୁଷ୍ଠାନ ପ୍ରତିଷ୍ଠା ତ୍ୱରାନ୍ୱିତ ହେବ । ବାସ୍ତବରେ ରାଜ୍ୟରେ ରୋଜଗାର ଓ ସ୍ୱରୋଜଗାର କାରଣରୁ ଲକ୍ଷାଧିକ ଓଡିଆ ଯୁବକଯୁବତୀଙ୍କ ପାଇଁ ପ୍ରତ୍ୟକ୍ଷ ନିଯୁକ୍ତି ସୁଯୋଗ ସୃଷ୍ଟି ହେବ। ପ୍ରକଳ୍ପଗୁଡିକ ନିର୍ମାଣ ସମୟରେ ପ୍ରାୟ ୧କୋଟି ୧୪ଲକ୍ଷ ମାନବ ଦିବସ ପାଇଁ ପ୍ରତ୍ୟକ୍ଷ ନିଯୁକ୍ତି ସୃଷ୍ଟି କରିବ ବୋଲି ଶ୍ରୀ ସାମଲ କହିଛନ୍ତି ।

କେନ୍ଦ୍ରରେ ମୋଦି ସରକାର ଗଠନ ହେବା ପରେ ଓଡିଶାର ବିକାଶକୁ ସର୍ବଦା ପ୍ରାଧାନ୍ୟ ଦିଆଯାଉଛି ।

## ୟୁକେ-ଭାରତ ରଣନୀତିକ ବ୍ୟାପାର ଶୀର୍ଷକ କର୍ମଶାଳା

**ଭୁବନେଶ୍ୱର,୩୧।୮ (ମହାଭାରତ):** ୟର୍କ ବିଶ୍ୱବିଦ୍ୟାଳୟ ଓ କୃଷି ଓ କୃଷକ ସଶକ୍ତିକରଣ ବିଭାଗର ମିଳିତ ଉଦ୍ୟମରେ କୃଷି ଭବନ ସମ୍ମିଳନୀ କକ୍ଷରେ ରାଜ୍ୟ, ଜାତୀୟ ତଥା ଅନ୍ତର୍ଜାତୀୟସ୍ତରରେ ଶ୍ରୀ-ଅନ୍ନର ମୂଲ୍ୟଶୃଙ୍ଖଳକୁ ସୁଦୃଢ କରିବା ନେଇ ୟୁକେ-ଭାରତ ରଣନୀତିକ ବ୍ୟାପାର ଶୀର୍ଷକ କର୍ମଶାଳା ଆୟୋଜିତ ହୋଇଯାଇଛି। ରାଜ୍ୟ, ଜାତୀୟ ଏବଂ ବିଶ୍ୱସ୍ତରରେ ଶ୍ରୀ-ଅନ୍ନ ମୂଲ୍ୟଶୃଙ୍ଖଳର ଗବେଷଣା ଏବଂ ଏହାକୁ ବ୍ୟାପକ କରିବା ହେଉଛି ଏହି କର୍ମଶାଳାର ମୂଳ ଲକ୍ଷ୍ୟ ।

ଏହି ଅବସରରେ କୃଷି ଏବଂ କୃଷକ ସଶକ୍ତିକରଣ ବିଭାଗ ପ୍ରମୁଖ ଶାସନ ସଚିବ ଡ. ଅରବିନ୍ଦ କୁମାର ପାଢୀ କହିଛନ୍ତି ଯେ ଶ୍ରୀ-ଅନ୍ନର ବ୍ୟବହାରକୁ ବ୍ୟାପକ କରିବା ଦିଗରେ ଭାରତ ଏବଂ ୟୁକେ(ବ୍ରିଟେନ) ମଧ୍ୟରେ ସହଭାଗିତାକୁ ସୁଦୃଢ କରିବା ପାଇଁ ଏହି କର୍ମଶାଳା ହେଉଛି ଏକ ଗୁରୁତ୍ୱପୂର୍ଣ୍ଣ ପ୍ଲାଟଫର୍ମ । ଉନ୍ନତ ଜ୍ଞାନକୌଶଳ, ପ୍ରଯୁକ୍ତିବିଦ୍ୟା ଏବଂ ଅତ୍ୟାଧୁନିକ ପଦ୍ଧତି ସମ୍ପର୍କରେ ଆଲୋଚନା କରି ଆମେ ଶ୍ରୀ-ଅନ୍ନର ମୂଲ୍ୟଶୃଙ୍ଖଳକୁ ଯଥେଷ୍ଟ ବୃଦ୍ଧି କରିପାରିବା । ଯାହା ଖାଦ୍ୟ ନିରାପତାକୁ ସୁନିଶ୍ଚିତ କରିବାରେ ଏକ ପ୍ରମୁଖ ଭୂମିକା ଗ୍ରହଣ କରିବାକୁ ଯାଉଛି । ଶ୍ରୀ-ଅନ୍ନର ପ୍ରଚାରପ୍ରସାର ମାଧ୍ୟମରେ ଶ୍ରୀ-ଅନ୍ନ ଅଭିଯାନର ବିକାଶ ଏବଂ ଦେଶରେ ଓଡ଼ିଶାକୁ ଶ୍ରୀ-ଅନ୍ନର ହବ୍ କରିବା ନେଇ ରାଜ୍ୟ ସରକାର ଲକ୍ଷ୍ୟ ରଖିଛନ୍ତି। ଏହି କର୍ମଶାଳାରେ ଆଲୋଚିତ ବହୁମୂଲ୍ୟ ମତାମତ ଆଗାମୀ ଦିନରେ ବିଭିନ୍ନ ହିତାଧିକାରୀଙ୍କ ସହ ସହଭାଗିତା କରିବାରେ ସହାୟକ ହେବା ନେଇ ମତବ୍ୟକ୍ତ କରିଥିଲେ। ଏଥିରେ ଅନ୍ୟତମ ଅତିଥିଭାବେ ୟର୍କ ବିଶ୍ୱବିଦ୍ୟାଳୟ, ୟୁକେ ପ୍ରଫେସର ପିଭିସି କିରଣ ତ୍ରେହାନ୍, ଏସଟିଏଫସି ଫୁଡ୍ ନେଟୱର୍କ, ୟୁକେର ପରାମର୍ଶଦାତା ଜିଫୋରେ ମ୍ୟାକବ୍ରାଇଡ, ଇନଫୋସିସ ଲିମିଟେଡ୍, ୟୁକେ, ଏସ୍ଏଫ୍ଏନ୍ ପରାମର୍ଶଦାତା ରାକେଶ ନାୟକ, ସେଣ୍ଟର ଫର ସଷ୍ଟେନେବଲ୍ ଏଗ୍ରିକଲଚରର ନିର୍ଦ୍ଦେଶକ ଡଃ. ରମଣଜନେୟୁଲୁ ସିଭି ଯୋଗ ଦେଇଥିଲେ ।

ଏହି କର୍ମଶାଳାରେ ୪ଟି ଅଧିବେଶନ ଅନୁଷ୍ଠିତ ହୋଇଥିଲା । ପ୍ରଥମ ଅଧିବେଶନରେ ରାଜ୍ୟ, ଜାତୀୟ ତଥା ବିଶ୍ୱସ୍ତରରେ ଶ୍ରୀ-ଅନ୍ନର ଉତ୍ପାଦନ ବୃଦ୍ଧି ପାଇଁ ପ୍ରଯୁକ୍ତିବିଦ୍ୟା ଏବଂ ଅଭିନବକରଣକୁ ନେଇ ଆଲୋଚନା କରାଯାଇଥିଲା । ଏହା ପରେ ଉଭୟ ଘରୋଇ ଏବଂ ଅନ୍ତର୍ଜାତୀୟ ବଜାରରେ ଶ୍ରୀ-ଅନ୍ନର ପ୍ରୋତ୍ସାହନ ନିମନ୍ତେ ଆଲୋଚନା କରାଯାଇଥିଲା । ତୃତୀୟ ଅଧିବେଶନରେ ଶ୍ରୀ-ଅନ୍ନ ଉତ୍ପାଦନରେ ଆଦିବାସୀ ସମ୍ପ୍ରଦାୟର ଭୂମିକା ଶୀର୍ଷକ ଆଲୋଚନା ହୋଇଥିଲା। ଶେଷରେ ଅତିଥିମାନେ ଶ୍ରୀ-ଅନ୍ନର ମୂଲ୍ୟଶୃଙ୍ଖଳକୁ ସୁଦୃଢ କରିବା ପାଇଁ ଆବଶ୍ୟକ ନୀତି ଏବଂ ସମର୍ଥନ ଶୀର୍ଷକ ବିଷୟବସ୍ତୁ ଉପରେ ଆଲୋକପାତ କରିଥିଲେ।

ୟର୍କ ବିଶ୍ୱବିଦ୍ୟାଳୟ ପ୍ରଫେସର ସୋନାଲ ଚୌଧାରୀ ଯୋଗଦେଇ କର୍ମଶାଳ ଉଦ୍ଦେଶ୍ୟ ଏବଂ ବିଷୟବସ୍ତୁ ସମ୍ପର୍କରେ ସବିଶେଷ ସୂଚନା ପ୍ରଦାନ କରିଥିଲେ। କର୍ମଶାଳାରେ ଅନ୍ତର୍ଜାତୀୟସ୍ତରରେ ଓଡିଶାକୁ ଶ୍ରୀ-ଅନ୍ନର ହବ୍ କରିବା, ଏହାର ବର୍ତମାନର ସ୍ଥିତି ଏବଂ ଭବିଷ୍ୟତକୁ ନେଇ ଅଂଶଗ୍ରହଣକାରୀମାନେ ଆଲୋଚନା କରିଥିଲେ । ପୁଷ୍ଟିଶସ୍ୟ ଚାଷରେ ନୂତନ ଅତ୍ୟାଧୁନିକ ପଦ୍ଧତି ପ୍ରୟୋଗ ଦ୍ୱାରା ଦେଖାଯାଉଥିବା ସମସ୍ୟା ଏବଂ ଏହାର ସମାଧାନ ଉପରେ ଆଲୋଚନା କରାଯାଇଥିଲା । ବିହନ ଏବଂ ଅମଳ ପରବର୍ତୀ ପରିଚାଳନା, ଜିଆଇଏସ୍ - ରିମୋଟ ସେନ୍ସିଂ ମଡେଲିଂ ଏବଂ ଡାଟା ଆନାଲିଟିକ୍ସ ଆଦି ଭଳି ଅତ୍ୟାଧୁନିକ ପଦ୍ଧତି ସମ୍ପର୍କରେ ଆଲୋଚନା ହୋଇଥିଲା । ଏହାବ୍ୟତୀତ ଶ୍ରୀ-ଅନ୍ନ ବା ପୁଷ୍ଟିଶସ୍ୟ ଚାଷରେ ଆଦିବାସୀ ସମ୍ପ୍ରଦାୟର ଭୂମିକା ଏବଂ ପାରମ୍ପରିକ ପଦ୍ଧତିରେ ସଂରକ୍ଷଣ ଉପରେ ଗୁରୁତ୍ୱାରୋପ କରାଯାଇଥିଲା। ପୁଷ୍ଟିଶସ୍ୟ ଉତ୍ପାଦନ ବୃଦ୍ଧି ଓ ବ୍ୟବସାୟିକରଣକୁ ବ୍ୟାପକ କରିବା ଦିଗରେ ସରକାରଙ୍କ ତରଫରୁ ଦିଆଯାଉଥିବା ପ୍ରୋତ୍ସାହନ ସମ୍ପର୍କରେ ଆଲୋକପାତ କରିଥିଲେ।

# ଅଗଣତାନ୍ତ୍ରିକ ସରକାର

ଶ୍ରୀଲଙ୍କାରେ ଚୀନ ନିଜ ଆଧିପତ୍ୟ ବିସ୍ତାର ନିମନ୍ତେ ଏହାକୁ ଋଣ ଯନ୍ତାରେ ପକାଇଥିଲା। ଦୁଇ ବର୍ଷ ତଳେ ଶ୍ରୀଲଙ୍କାରେ ଯେଉଁ ପରିସ୍ଥିତି ସୃଷ୍ଟି ହେଲା ଏବଂ ଲୋକେ ଖାଇବାକୁ ପାଇଲେ ନାହିଁ, ସେତେବେଳେ ଭାରତ ଏହି ଦେଶକୁ ସବୁ ପ୍ରକାର ସହାୟତା ଦେଇଥିଲା। ଫଳରେ ଶ୍ରୀଲଙ୍କା ବଂଚିଗଲା, କିନ୍ତୁ ଏବେ ବି ଶ୍ରୀଲଙ୍କା ଚୀନର ଜାଲରୁ ମୁକ୍ତ ହୋଇ ନାହିଁ ଏବଂ ସେଠାରେ ଭାରତ ବିରୋଧୀ ଶକ୍ତି ସକ୍ରିୟ ଅଛନ୍ତି। ଆଫଗାନିସ୍ତାନରେ ବି ସମାନ ଅବସ୍ଥା। ସେଠାରେ ତାଲିବାନ ସରକାରର ପତନ ଏବଂ ଶାନ୍ତି ପ୍ରତିଷ୍ଠା ପରେ ଭାରତ ଏହାର ପୁନର୍ଗଠନ ନିମନ୍ତେ ସବୁ ପ୍ରକାର ସହାୟତା ପ୍ରଦାନ କରିଥିଲା। ସେଠାକାର ପରିସ୍ଥିତିରେ ଉନ୍ନତି ଆସିଥିଲା। କିନ୍ତୁ ତାଲିବାନ କ୍ଷମତାକୁ ଫେରିଆସିବା ପରେ ଭାରତ ସହାୟତାରୁ ଓହରିଗଲା। ସେଠାକାର ଆତଙ୍କୀ ସରକାର ଭାରତକୁ ନିଜର ଶତ୍ରୁ ବୋଲି ବିଚାର କରୁଛନ୍ତି। ଆଫଗାନିସ୍ତାନକୁ ଭାରତ ପ୍ରଦାନ କରିଥିବା ସବୁ ପ୍ରକାର ସହାୟତା ପାଣିରେ ପଡ଼ିଲା। ନେପାଳ ଓ ପାକିସ୍ତାନରେ ମଧ୍ୟ ସମାନ ଅବସ୍ଥା। ନେପାଳରେ ଏବେ ଯେଉଁ ନୂଆ ସରକାର ପ୍ରତିଷ୍ଠା ହୋଇଛି ତାହା ଚୀନର ଇସାରାରେ କାମ କରୁଛି। ପାକିସ୍ତାନ ସମ୍ପୂର୍ଣ୍ଣ ଭାବେ ଚୀନ କବଳରେ ପଡ଼ିଛି। ଏବେ ବାଂଲାଦେଶରେ ମଧ୍ୟ ସମାନ ସ୍ଥିତି। ବାଂଲାଦେଶକୁ କରାୟତ କରିବା ନିମନ୍ତେ ଚୀନ ଅନେକ ଦିନରୁ ଉଦ୍ୟମ କରିଆସୁଛି। କିନ୍ତୁ ବାଂଲାଦେଶର ତତ୍କାଳୀନ ପ୍ରଧାନମନ୍ତ୍ରୀ ଶେଖ ହାସିନା ଜଣେ ଭାରତ ସପକ୍ଷବାଦୀ ନେତ୍ରୀ। ତାଙ୍କ ଶାସନ କାଳରେ ଭାରତ ଓ ବାଂଲାଦେଶ ମଧ୍ୟରେ ମିତ୍ରତା ମଜବୁତ ହୋଇଥିଲା। ଏଥିରେ ଚୀନର ଗାତ୍ରଦାହ ହୋଇଥିଲା। ତେଣୁ ହାସିନାଙ୍କୁ କୌଣସି ପ୍ରକାରେ କ୍ଷମତାରୁ ବିଦା କରିବା ଲାଗି ଅହରହ ଉଦ୍ୟମ ଚାଲିଥିଲା। ଶେଷରେ ଏହା ସମ୍ଭବ ହେଲା। ସଂରକ୍ଷଣ ପ୍ରସଙ୍ଗରେ ଦେଶରେ ଛାତ୍ର ଆନ୍ଦୋଂଳନ ଉଗ୍ର ରୂପ ନେବା ସହିତ ହିଂସାକାଣ୍ଡରେ ୩ ଶହରୁ ଅଧିକ ପ୍ରାଣ ହରାଇଲେ। ହଜାର ହଜାର କୋଟି ଟଙ୍କାର ସମ୍ପତ୍ତି ନଷ୍ଟ ହେଲା। ଦେଶରେ ଏକ ପ୍ରକାର ଅରାଜକତା ସୃଷ୍ଟି ହେଲା। ପରିସ୍ଥିତିର ମୁକାବିଲାରେ ହାସିନା ବ୍ୟର୍ଥ ହେଲେ। ମଲୁ ଖୋଜୁଥିଲା ଯାହା ବଇଦ ବତାଇଲା ତାହା। ଶେଷରେ ସେନାବାହିନୀର ନିର୍ଦ୍ଦେଶକ୍ରମେ ହାସିନା ନିଜ ପଦରୁ ଇସ୍ତଫା ଦେବା ସହିତ ଦେଶଛାଡ଼ି ପଳାୟନ କରିବାକୁ ବାଧ୍ୟ ହେଲେ। ଏବେ ବାଂଲାଦେଶରେ ସେନା ନିୟନ୍ତ୍ରଣରେ ଏକ ଅନ୍ତରୀଣ ସରକାର ପ୍ରତିଷ୍ଠା ହେବାକୁ ଯାଉଛି। ଏହା କେବଳ ଧମର୍କୁ ଆଖିଠାର। ବାସ୍ତବରେ ବାଂଲାଦେଶରେ ସେନା ହାତରେ ହିଁ ସବୁ କ୍ଷମତା ଠୁଳ ହୋଇ ରହିବ। ଦୀର୍ଘ ବର୍ଷ ହେବ ବାଂଲାଦେଶରେ ଗଣତାନ୍ତ୍ରିକ ଶାସନ ଚାଲିଥିଲା। ପାକିସ୍ତାନ ତୁଳନାରେ ବାଂଲାଦେଶର ସ୍ଥିତି ଯଥେଷ୍ଟ ଭଲ ଥିଲା। କିନ୍ତୁ ହାସିନାଙ୍କ ସାମାନ୍ୟ ଭୁଲରୁ ପରିସ୍ଥିତି ବଦଳିଗଲା। ଏବେ ସେନାବାହିନୀ ନିୟନ୍ତ୍ରଣରେ ସରକାରଙ୍କ ଭାରତ ପ୍ରତି ଆଭିମୁଖ୍ୟ କ'ଣ ରହିବ ତାହା ଦେଖିବାର କଥା। ଚୀନ ଏବେ ସୁଯୋଗର ସଦବ୍ୟବହାର କରି ବାଂଲାଦେଶକୁ ନିଜ ଅକ୍ତିଆରକୁ ନେବା ପାଇଁ ସବୁ ପ୍ରକାର ଉଦ୍ୟମ କରିବ। ଅତୀତରେ ବାଂଲାଦେଶରେ ଯେତେବେଳେ ବି ସେନା ବାହିନୀ କ୍ଷମତାକୁ ଆସିଛି ସେତେବେଳେ ଭାରତ ସହ ସମ୍ପର୍କ ତିକ୍ତ ହୋଇଛି। କେବଳ ବାଂଲାଦେଶ ନୁହେଁ, ପାକିସ୍ତାନରେ ମଧ୍ୟ ସବୁ ବେଳେ ସେନା ବାହିନୀ ନିୟନ୍ତ୍ରଣରେ ଥିବା ସରକାର ଭାରତ ବିରୋଧୀ ଆଭିମୁଖ୍ୟ ଗ୍ରହଣ କରିଛି। ଆଫଗାନିସ୍ତାନରେ ମଧ୍ୟ ଯେତେବେଳେ ଆତଙ୍କବାଦୀମାନେ କ୍ଷମତା ଦଖଲ କରିଛନ୍ତି, ସେତେବେଳେ ଏହା ଭାରତକୁ ବିରୋଧ କରିଛି। ଏହା ହେଉଛି ପରମ୍ପରା। ଏକଛତ୍ରବାଦୀ, ଅଗଣତାନ୍ତ୍ରିକ ସରକାର କେବେ ବି ଏକ ସଭ୍ୟ ଏବଂ ଗଣତାନ୍ତ୍ରିକ ସରକାରକୁ ବରଦାସ୍ତ କରିପାରିବ ନାହିଁ। ବାଂଲାଦେଶରେ ଏବେ ଯାହା ହେଲା ତାହା ପଛରେ ଏକ ବିରାଟ ଷଡ଼ଯନ୍ତ୍ର ରହିଛି।

> " ଆମେରିକାର ଅର୍ଥନୀତିରେ ବ୍ୟାପକ ପରିବର୍ତ୍ତନ ପାଇଁ ଏହି ପୁସ୍ତକରେ ପରାମର୍ଶ ରହିଛି। ଏଥିରେ ମୁକ୍ତ ବ୍ୟାଙ୍କ ବ୍ୟବସ୍ଥା, ବସ୍ତୁ ଆଧାରିତ ମୂଲ୍ୟ, ମୁଦ୍ରାସ୍ଫୀତି ଉପରେ ଅଧିକ ଗୁରୁତ୍ୱ ଦେବାକୁ କୁହାଯାଇଛି। ଟିକସ ହ୍ରାସ ଏବଂ ଚାକିରୀ ଆଇନ ୨୦୧୭କୁ ଆଗକୁ ନେବାକୁ କୁହାଯାଇ ବ୍ୟକ୍ତିଗତ ଆୟ ଟିକସ ୧୫ ପ୍ରତିଶତ ଏବଂ ୩୦ ପ୍ରତିଶତ ଦୁଇ ପ୍ରକାର କରାଯିବାକୁ ପରାମର୍ଶ ଦିଆଯାଇଛି। କର୍ପୋରେଟ ଟିକସକୁ ହ୍ରାସ କରି ୧୮ ପ୍ରତିଶତ ରଖାଯିବାକୁ କୁହାଯାଇଛି।

# ଆମେରିକାର ପ୍ରକଳ୍ପ ୨୦୨୫

॥ ସୌମେନ୍ଦ୍ର ଜେନା ॥

ଚଳିତ ବର୍ଷ ଆମେରିକାର ରାଷ୍ଟ୍ରପତି ନିର୍ବାଚନ ବର୍ଷର ଶେଷ ଭାଗକୁ ହେବାର ରହିଛି, ଯାହାର ଫଳାଫଳ ପ୍ରକାଶ ପାଇବା ପରେ ଜାନୁଆରୀ ୨୦୨୫ରେ ନୂତନ ରାଷ୍ଟ୍ରପତି ଦାୟିତ୍ୱ ଗ୍ରହଣ କରିବେ। ସବୁଥର ପରି ଏଥର ମଧ୍ୟ ଡେମୋକ୍ରାଟ ଓ ରିପବ୍ଲିକାନ ଦଳର ପ୍ରାର୍ଥୀଙ୍କ ମଧ୍ୟରେ ମୁଖ୍ୟତଃ ନିର୍ବାଚନ ଲଢ଼େଇ ହେଉଛି। ଡେମୋକ୍ରାଟରୁ ଜୋ ଡାଇଡେନ ଏବଂ ରିପବ୍ଲିକାନ୍‌ରୁ ଡୋନାଲଡ୍ ଟ୍ରମ୍ପ ଦୌଡରେ ରହିଛନ୍ତି। ଆମେରିକାର ରାଷ୍ଟ୍ରପତି ନିର୍ବାଚନ ଚାରିବର୍ଷରେ ଥରେ ହେଉଥିଲେ ମଧ୍ୟ ଦୁଇବର୍ଷ ପୂର୍ବରୁ ନିର୍ବାଚନ ପ୍ରସ୍ତୁତି ଆରମ୍ଭ ହୋଇଥାଏ। ଦୁଇ ଦଳର ପ୍ରାର୍ଥୀମାନେ ସମ୍ମୁଖରେ ରହିଥିବା ସ୍ଥଳେ ସେମାନଙ୍କ ସମର୍ଥନପାଇଁ ପଛରେ ଅନେକ ସଂଗଠନ, ବ୍ୟାବସାୟିକ ଅନୁଷ୍ଠାନ, ପ୍ରତିଷ୍ଠିତ ବ୍ୟକ୍ତି ବିଶେଷ ରହିଥାନ୍ତି। ସେହି କ୍ରମରେ ଡୋନାଲଡ୍ ଟ୍ରମ୍ପଙ୍କ ସମର୍ଥକମାନେ ମଧ୍ୟ ୨୦୨୦ ପରଠାରୁ ତାଙ୍କ ଭବିଷ୍ୟତର ଯୋଜନାକୁ ରୂପରେଖ ଦେବାରେ ଲାଗିଛନ୍ତି। ଆମେରିକାର ସରକାର କ'ଣ କରିବା ଦରକାର ସେ ବିଷୟକୁ ନେଇ ହେରିଟେଜ୍ ଫାଉଣ୍ଡେସନ୍ ୧୯୮୧ ରୁ 'ମାଣ୍ଡେଟ ଫର୍ ଲିଡରସିପ୍' ଶୀର୍ଷକରେ ଯେଉଁ ଦଲିଲକୁ ପ୍ରକାଶ କରିଆସିଛି। ଅନୁଷ୍ଠାନ ପକ୍ଷରୁ ତାକୁ 'ପଲିସୀ ବାଇବେଲ' ବୋଲି ଆଖ୍ୟା ଦେଇଥାଏ। ନୀତିନିର୍ଦ୍ଧାରଣର ଏହା ସରକାରଙ୍କ ପାଇଁ ମାର୍ଗଦର୍ଶିକା ବୋଲି ହେରିଟେଜ ଫାଉଣ୍ଡେସନ କହିଥାଏ। ଅନୁଷ୍ଠାନର ଅଧ୍ୟକ୍ଷ କେଭିନ ରବର୍ଟସ ୨୦୨୪ ନିର୍ବାଚନକୁ ଆଖି ଆଗରେ ରଖି ୨୧ ଏପ୍ରିଲ ୨୦୨୩ରେ 'ପ୍ରକଳ୍ପ-୨୦୨୫' ଶୀର୍ଷକରେ ଏକ ତଥ୍ୟ ଆଧାରଭୂତ ବିଚାର ଶୃଙ୍ଖଳା ଆରମ୍ଭ କରିଥିଲେ।

ପୂର୍ବରୁ ୨୦୨୦ରେ ଡୋନାଲଡ଼ ଟ୍ରମ୍ପଙ୍କ ଶାସନ କାଳରେ ତାଙ୍କ ନିର୍ଦ୍ଦେଶକୁ ଅଧିକାରୀ ଗ୍ରହଣ କରିବାକୁ ମନାକରିବା, ଜର୍ଜ ଫ୍ଲଏଡ୍ ବିକ୍ଷୋଭ ବେଳେ ଲୁଟତରାକାରୀଙ୍କ ଉପରକୁ ଗୁଳି ଚଳାଇବା ପରି ନିର୍ଦ୍ଦେଶ କାର୍ଯ୍ୟକାରୀ ନହେବା ଆଦି ଘଟଣାରେ ଆମେରିକାର ରାଷ୍ଟ୍ରପତି ନୀତି ଦୃଷ୍ଟିରୁ ଦୁର୍ବଳଥିବା ଲକ୍ଷ୍ୟକରି ସେବେଠାରୁ ହେରିଟେଜ୍ ଫାଉଣ୍ଡେସନ ଟ୍ରମ୍ପଙ୍କ ପାଇଁ ଏକ ଶାସନ ବ୍ୟବସ୍ଥାର ନୀତି ପୁସ୍ତିକା ପ୍ରକାଶ ପାଇଁ କାର୍ଯ୍ୟ କରିବାକୁ ସ୍ଥିରକରି ପରେ ଯେଉଁ ପଦକ୍ଷେପ ନେଲା ତହିଁରୁ ନଅଶହରୁ ଅଧିକ ପୃଷ୍ଠା ବିଶିଷ୍ଟ 'ପ୍ରକଳ୍ପ-୨୦୨୫' ରୂପ ନେଲା, ଯାହା କି ପରେ ପ୍ରକାଶ ପାଇଛି। ଏଥିରେ ଟ୍ରମ୍ପଙ୍କ ସରକାର ସହ ଥିବା ଅନେକ ବ୍ୟକ୍ତିବିଶେଷ ସେମାନଙ୍କ ବିଚାର ବ୍ୟକ୍ତ କରିଛନ୍ତି। କେତେକ ବିଶ୍ୱ ବିଦ୍ୟାଳୟର ପ୍ରାଧ୍ୟାପକ ନିଜେ ଏହି ପ୍ରକଳ୍ପରେ ସାମିଲ ହୋଇ ୨୦୨୫ରେ ଶାସନକୁ ଆସିଲେ ଟ୍ରମ୍ପ କ'ଣ ପଦକ୍ଷେପ ଗ୍ରହଣ କରିବା ଦରକାର ତାହା ଏଥିରେ ଉଲ୍ଲେଖ କରିଛନ୍ତି। ଏହି ପ୍ରକଳ୍ପର ନିର୍ଦ୍ଦେଶକ ପଲ୍ ଡାନ୍ସ ରହିଛନ୍ତି। ୱାସିଂଟନ ଡିସିସ୍ଥିତ କନ୍‌ଜରଭେଟିଭ୍ ବୌଦ୍ଧିକ ଗୋଷ୍ଠୀର ସଂସ୍ଥା ହେଉଛି ହେରିଟେଜ୍ ଫାଉଣ୍ଡେସନ୍, ଯାହା ଅତୀତରେ ଅନେକଗୁଡ଼ିଏ ପୁସ୍ତକ ପ୍ରକାଶ କରିଛି ଆମେରିକାର ସଫଳ ନେତୃତ୍ୱ ପାଇଁ।

ପ୍ରକଳ୍ପ-୨୦୨୫ ପୁସ୍ତକର ସଂପାଦକ ପଲ ଡାନ୍ସ ଏବଂ ଷ୍ଟିଭେନ ଗ୍ରୋଭସ ରହିଥିଲା ବେଳେ ମୁଖବନ୍ଧ ଲେଖିଛନ୍ତି କେଭିନା ରବର୍ଟସ। ୯୨୨ ପୃଷ୍ଠାର ଏହି ନୀତି ନିର୍ଦ୍ଧାରଣ ସଂକ୍ରାନ୍ତୀୟ ପୁସ୍ତକଟି ସରକାର ପରିଚାଳନା, ସାଧାରଣ ପ୍ରତିରକ୍ଷା, ଜନସାଧାରଣଙ୍କ କଲ୍ୟାଣ, ଅର୍ଥନୀତି, ସ୍ୱାଧୀନଭାବେ କାର୍ଯ୍ୟରତ ଏଜେନ୍ସୀ ଆଦି ବିଷୟକୁ କେନ୍ଦ୍ରକରି ମୋଟ ୩୦ଟି ଲେଖା ଏଥିରେ ରହିଛି ଯାହା, ଭିନ୍ନ ଭିନ୍ନ ଲୋକେ ଲେଖିଛନ୍ତି। ୫୦ରୁ ଅଧିକ ଅନୁଷ୍ଠାନର ଏଥିରେ ସଂପୃକ୍ତି ରହିଥିବା କଥା କୁହାଯାଇଛି। ଏଥିରେ ରସେଲ ଭଘଟ ଲେଖିଛନ୍ତି ଯେ 'ଖ୍ରୀଷ୍ଟିଆନ ଜାତୀୟତାବାଦ'କୁ ଆଧାର କରି ଆମେରିକା ଆଗେଇବା ଆବଶ୍ୟକ। ୱିଲିୟମ୍ ୱଲଫଙ୍କ ପରି ଖ୍ରୀଷ୍ଟିଆନ ଜାତୀୟତାବାଦୀଙ୍କ ମତରେ ଦେଶରେ ବାଇବେଲ ଆଧାରିତ ଶାସନ ବ୍ୟବସ୍ଥାର ପ୍ରଚଳନ ଆବଶ୍ୟକ, ବିଚାରପତିମାନେ ମଧ୍ୟ ବାଇବେଲ ଆଧାରରେ ନ୍ୟାୟ ପ୍ରଦାନ କରିବା ଉଚିତ। ଏଥିରେ ଜଳବାୟୁ ପରିବର୍ତ୍ତନ ପାଇଁ ଗଠିତ ପରିବେଶ ସୁରକ୍ଷା ସଂସ୍ଥା (ଇପିଏ)କୁ ସଂକୁଚିତ କରିବାକୁ କୁହାଯାଇଛି। ଗ୍ରୀନ ହାଉସ ଗ୍ୟାସ ଦ୍ୱାରା ପ୍ରଦୂଷଣ ବଢ଼ିବାକୁ କେନ୍ଦ୍ରକରି ଆମେରିକା ଯେପରି କାର୍ଯ୍ୟକରୁଛି ସେଥିରୁ କ୍ଷାନ୍ତରହିବା ଆବଶ୍ୟକ ବୋଲି କୁହାଯାଇଛି। ସହଯୋଗୀ ରାଷ୍ଟ୍ରମାନଙ୍କୁ କୋଇଲା ବ୍ୟବହାର କରିବାକୁ ପ୍ରୋତ୍ସାହନ ଦେବାକୁ ଏଥିରେ ଉଲ୍ଲେଖ କରାଯାଇଛି। ଜଳବାୟୁ ପରିବର୍ତ୍ତନକୁ କେନ୍ଦ୍ରକରି ବିଶ୍ୱରେ ଅଧିକ ରାଜନୀତି ହେଉଛି ଏବଂ ଅଧିକ କ୍ଷୟକ୍ଷତି ହେବାର ଭୟ ଦେଖାଇ ଦିଆଯାଉଛି ବୋଲି ଏହି ପ୍ରକଳ୍ପର ଲେଖକ ମାଣ୍ଡି ଗୁଣଶେଖର କହିଛନ୍ତି। ପରିବେଶ ସୁରକ୍ଷା ସଂସ୍ଥା (ଇପିଏ)ର ପୂର୍ବତନ ମୁଖ୍ୟ ଭାବେ କାର୍ଯ୍ୟକରିଥିବା ଗୁଣଶେଖରଙ୍କ ପରାମର୍ଶକ୍ରମେ ଆମେରିକା ୨୦୧୭ରେ ପ୍ୟାରିସ ଆଲୋଚନାରୁ ବାହାରି ଆସିଥିଲା।

ଆମେରିକାର ଅର୍ଥନୀତିରେ ବ୍ୟାପକ ପରିବର୍ତ୍ତନ ପାଇଁ ଏହି ପୁସ୍ତକରେ ପରାମର୍ଶ ରହିଛି। ଏଥିରେ ମୁକ୍ତ ବ୍ୟାଙ୍କ ବ୍ୟବସ୍ଥା, ବସ୍ତୁ ଆଧାରିତ ମୂଲ୍ୟ, ମୁଦ୍ରାସ୍ଫୀତି ଉପରେ ଅଧିକ ଗୁରୁତ୍ୱ ଦେବାକୁ କୁହାଯାଇଛି। ଟିକସ ହ୍ରାସ ଏବଂ ଚାକିରୀ ଆଇନ ୨୦୧୭କୁ ଆଗକୁ ନେବାକୁ କୁହାଯାଇ ବ୍ୟକ୍ତିଗତ ଆୟ ଟିକସ ୧୫ ପ୍ରତିଶତ ଏବଂ ୩୦ ପ୍ରତିଶତ ଦୁଇ ପ୍ରକାର କରାଯିବାକୁ ପରାମର୍ଶ ଦିଆଯାଇଛି। କର୍ପୋରେଟ ଟିକସକୁ ହ୍ରାସ କରି ୧୮ ପ୍ରତିଶତ ରଖାଯିବାକୁ କୁହାଯାଇଛି। ମୂଳଲାଭ ଉପରେ ୧୫ ପ୍ରତିଶତ ଟିକସ୍ ଲଗାଇବାକୁ ଉଲ୍ଲେଖ କରାଯାଇଛି। କିନ୍ତୁ ବାଇଡେନ ପ୍ରଶାସନ ଏହି ଟିକସକୁ ୪୫ ପ୍ରତିଶତ କରିବାକୁ କହିଛନ୍ତି। ବାଣିଜ୍ୟ ବିଭାଗରେ ଥିବା ଆର୍ଥିକ ବିକାଶ ପ୍ରଶାସନକୁ ହଟାଇ ଦେବାକୁ ପରାମର୍ଶ ଦିଆଯାଇଛି। ଟ୍ରମ୍ପଙ୍କ ପ୍ରଶାସନ ତୁଳନାରେ ବାଇଡେନ ପ୍ରଶାସନ ଅଧିକରୁ ଅଧିକ ତୈଳଖନନ ଓ ଉତ୍ପାଦନ ପାଇଁ ଅନୁମତି ପ୍ରଦାନ କରି ଗ୍ରାମାଞ୍ଚଳର କ୍ଷତି କରିଛି। ତେଣୁ ଆଗାମୀ ଦିନରେ ବେସାମରିକ ଆଣବିକ ଶିଳ୍ପ ଉପରେ ଜୋର ଦେଲେ ଶକ୍ତି ସଂକ୍ରାନ୍ତୀୟ ସଂକଟ ଦୂରହେବ ବୋଲି କୁହାଯାଇଛି।

ପ୍ରକଳ୍ପ ୨୦୨୫ରେ ବୈଦେଶିକ ବାଣିଜ୍ୟ ସଂକ୍ରାନ୍ତରେ କୁହାଯାଇଛି ଯେ ଆମେରିକା ୟୁରୋପୀୟ ସଂଘ, ଚୀନ ଓ ଭାରତରୁ ଆମଦାନୀ ହେଉଥିବା ବସ୍ତୁ ଉପରେ ଅଧିକ ଟିକସ ଲାଗୁ କରିବା ଦରକାର, ଯାହା ଫଳରେ ବୈଦେଶିକ ବାଣିଜ୍ୟରେ ସନ୍ତୁଳନ ଆସିବ। ଗୋଲ୍ଡମ୍ୟାନ ସାଚ୍‌ର ଆକଳନ ଅନୁସାରେ ଆମେରିକା ଟ୍ରମ୍ପଙ୍କ ସୁରକ୍ଷାତ୍ମକ ନୀତି ଗ୍ରହଣ କରିପାରିଲେ ଅଧିକ ଅର୍ଥ ସଞ୍ଚୟ ହେବା ସହ ଟିକସ ହାରକୁ ହ୍ରାସ କରାଯାଇପାରେ, ଯାହା ଟ୍ରମ୍ପଙ୍କ ସମର୍ଥକମାନେ ଆଶା କରୁଛନ୍ତି। ଅନ୍ୟ ପକ୍ଷରେ କେଣ୍ଟ ଲାସମ୍ୟାନଙ୍କ ଯୁକ୍ତିହେଲା ଯେ ସରକାର ବିଦେଶରୁ ହେଉଥିବା ଆମଦାନୀ ଉପରେ ଶୁଳ୍କ କମ୍ ରଖି ଗ୍ରାହକମାନଙ୍କ ପାଇଁ ଶସ୍ତାରେ ବସ୍ତୁ ଉପଲବ୍ଧ କରାଇବା ଦରକାର। ସରକାର ଅଧିକରୁ ଅଧିକ ମୁକ୍ତ ବାଣିଜ୍ୟ ରାଜିନାମା କରିବା ଆବଶ୍ୟକ। ତେବେ ଚୀନଠାରୁ ଦୂରେଇଲେ ହିଁ ଶ୍ରମିକ ଗୋଷ୍ଠୀର କଲ୍ୟାଣ ହେବ। ଏଥିରେ ଉଭୟ ଟ୍ରମ୍ପ ଏବଂ ବାଇଡେନ ଏକମତ ବୋଲି ସେ ଲେଖିଛନ୍ତି।

ପ୍ରକଳ୍ପ ୨୦୨୫ରେ ବିଦ୍ୟାଳୟ ଶିକ୍ଷାକୁ ରାଜ୍ୟ ପ୍ରଶାସନକୁ ଦେବାସହ ଏଥିରେ ଫେଡେରାଲ ପ୍ରଶାସନ ଅଧିକ ମୁଣ୍ଡ ଖେଳାଇବା ଅନାବଶ୍ୟକ ବୋଲି କୁହାଯାଇଛି। ପ୍ରାଥମିକ ଏବଂ ମାଧ୍ୟମିକ ଶ୍ରେଣୀରେ ଅଧ୍ୟୟନରତ ଆର୍ଥିକ ଦୃଷ୍ଟିରୁ ଦୁର୍ବଳ ଛାତ୍ରଛାତ୍ରୀଙ୍କ ପାଇଁ ସରକାର ରଖିଥିବା ୧୮ ବିଲିୟନର ଅର୍ଥକୁ ସରକାର ବନ୍ଦ କରିଦେବା ଉଚିତ ହେବ ବୋଲି କୁହାଯାଇଛି। ଲୋକେ ବେସରକାରୀ ଏବଂ ଧାର୍ମିକ ଶିକ୍ଷାନୁଷ୍ଠାନଗୁଡ଼ିକୁ ନିଜର ପିଲାମାନଙ୍କୁ ପାଠ ପଢ଼ିବାକୁ ପଠାଉଥିବା ହେତୁ ସରକାର ବିଦ୍ୟାଳୟରେ ମାଗଣା ଭୋଜନ ବ୍ୟବସ୍ଥାକୁ ସଂପୂର୍ଣ୍ଣ ବନ୍ଦ କରିବା ଦରକାର ବୋଲି ଉଲ୍ଲେଖ କରାଯାଇଛି। ପ୍ରକଳ୍ପ ୨୦୨୫ରେ ଛାତ୍ରଛାତ୍ରୀଙ୍କ ଋଣଛାଡ କାର୍ଯ୍ୟକ୍ରମକୁ କଠୋର ସମାଲୋଚନା କରାଯାଇଛି। ଲୋକଙ୍କ ଅର୍ଥରେ ହେଉଥିବା ଉଚ୍ଚତର ଗବେଷଣା ଦେଶର ସ୍ୱାର୍ଥରେ ହେବା ଦରକାର, ଅନ୍ୟମାନଙ୍କ ସ୍ୱାର୍ଥରେ ନୁହେଁ। ତେଣୁ ଜଳବାୟୁ ଗବେଷଣାକୁ ଅନୁଦାନ ହ୍ରାସ କରିବାକୁ ଏଥିରେ କୁହାଯାଇଛି। ଜାନୁଆରୀ ୨୦, ୨୦୨୫ ସୁଦ୍ଧା ଡିପାର୍ଟମେଣ୍ଟ ଅଫ୍ ଷ୍ଟେଟରେ ଥିବା ନେତୃସ୍ଥାନୀୟ ସବୁ କର୍ମଚାରୀଙ୍କୁ ବାହାର କରିଦେବାକୁ ପ୍ରକଳ୍ପ ୨୦୨୫ରେ କୁହାଯାଇଛି। ଟ୍ରମ୍ପ ପ୍ରଶାସନରେ ବାମପନ୍ଥୀ କର୍ମଚାରୀଙ୍କ ସ୍ଥାନ ନଥିବା ବିଷୟ ଉଲ୍ଲେଖ କରାଯାଇଛି। କୌଣସି ଏକ ବିଦେଶୀ ରାଷ୍ଟ୍ରକୁ ଅସ୍ତ୍ରଶସ୍ତ୍ର ବିକ୍ରିପାଇଁ କଂଗ୍ରେସର ଅନୁମତି ଆବଶ୍ୟକ ହେବ ନାହିଁ ବୋଲି କୁହାଯାଇଛି। ରାଷ୍ଟ୍ରପତି ନିଜ କ୍ଷମତାକୁ ପ୍ରୟୋଗ କରି ଏହି ଅସ୍ତ୍ରଶସ୍ତ୍ର ତୁରନ୍ତ ବିକ୍ରି କରିବାକୁ ନିଷ୍ପତ୍ତି ନେଇପାରିବେ। ଏ କ୍ଷେତ୍ରରେ କଂଗ୍ରେସ ପ୍ରତିବନ୍ଧକ ସୃଷ୍ଟି କରିପାରିବ ନାହିଁ। ପ୍ରକଳ୍ପ-୨୦୨୫ରେ କୁହାଯାଇଛି ଯେ ପ୍ରଶାସନରେ ଟ୍ରମ୍ପଙ୍କ ଅନୁଗାମୀଙ୍କୁ ସ୍ଥାନ ଦେବା ସହ ପୂର୍ବରୁ ରାଜନୈତିକ ନିଯୁକ୍ତି ପାଇଥିବା ବହୁସଂଖ୍ୟକ କର୍ମଚାରୀଙ୍କୁ ବଦଳାଯିବା ନିହାତି ଜରୁରୀ। ଏଥିପାଇଁ 'ପ୍ରକଳ୍ପ-୨୦୨୫' ଆଗାମୀ ଦିନପାଇଁ ୨୦,୦୦୦ନୂତନ କର୍ମଚାରୀଙ୍କ ନିଯୁକ୍ତି ପାଇଁ ଏକ ଡାଟାବେସ୍ ପ୍ରସ୍ତୁତି ପାଇଁ ପ୍ରୟାସ ଚଳାଇଛି, ଯାହା ୨୦୨୪ ଶେଷ ସୁଦ୍ଧା ହୋଇଯିବ। କିନ୍ତୁ ୨୦୨୪ ସୁଦ୍ଧା ଡାଇଡେନ ପ୍ରଶାସନ ଦ୍ୱାରା ୪୦୦୦ ନିଯୁକ୍ତି ରାଜନୈତିକ ଦୃଷ୍ଟିକୋଣରୁ ହୋଇଥିବା କଥା କୁହାଯାଇଛି।

# ଜଳବାୟୁ ପରିବର୍ତ୍ତନର ପଞ୍ଝାରେ ଆଜିର କୃଷି

॥ କୃଷିକିଶୋର ଚନ୍ଦ୍ର ଜେନା ॥

ବର୍ତ୍ତମାନ ସମୟରେ ପୃଥିବୀରେ ଜଳବାୟୁ ପରିବର୍ତ୍ତନ ଏକ ଗମ୍ଭୀର ଏବଂ ବୈଶ୍ୱିକ ମୁଦାଭାବରେ ଉପସ୍ଥାପିତ ଏବଂ ସମସ୍ତଙ୍କ ଆଗରେ ବଡ଼ ଚିନ୍ତାର କାରଣ ଭାବରେ ସମସ୍ତଙ୍କୁ ବ୍ୟଥିତ ଏବଂ ଚିନ୍ତିତ କରୁଛି। ଏହି ଦୃଶ୍ୟମାନ ପରିବର୍ତ୍ତନ ନା କେବଳ ଭାରତ ଆଗରେ ଆର୍ବିଭୂତା ବଂର ପୁରା ବିଶ୍ୱକୁ ତାର ପଞ୍ଝାରେ ମାଡ଼ି ବସିଛି। ବେଳ ଥାଉଁ ଥାଉଁ ଯଦି ଆମେ ସମସ୍ତେ ମିଳି ମିଶି ପୁରା ବିଶ୍ୱ ଏହା ଉପରେ ଦୃଷ୍ଟି ନିକ୍ଷେପ ନକରିବା, ତେବେ ପୁରା ବିଶ୍ୱରେ ପ୍ରଳୟ ଅବ୍ୟଶମ୍ଭାବୀ। ଏହାର ପ୍ରଭାବରେ ପୁରା ଦୁନିଆରେ ପ୍ରବଳ ବନ୍ୟା, ମରୁଡ଼ି, କୃଷି ସଂକଟ, ଖାଦ୍ୟ ସୁରକ୍ଷା, ବିଭିନ୍ନ ପ୍ରକାର ଭୟାନକ ରୋଗ ବୃଦ୍ଧି ଆଦି ବହୁତ ସମସ୍ୟା ଜଟିଳରୁ ଜଟିଳତର ହେବାରେ ଲାଗିଛି।

ଗ୍ଲୋବାଲ କ୍ଲାଇମେଟ୍ ରିସ୍କ ଇଣ୍ଡେକ୍ସ ୨୦୨୧ ସୂଚୀ ଅନୁସାରେ ଭାରତ ପୃଥିବୀରେ ସବୁଠାରୁ ଅଧିକ କ୍ଷତିଗ୍ରସ୍ତ ଦେଶମାନଙ୍କ ଭିତରେ ଦଶମ ସ୍ଥାନରେ ସ୍ଥାନିତ। ଏହି ଜଳବାୟୁ ପରିବର୍ତ୍ତନରେ କୃଷିକ୍ଷେତ୍ର ସବୁଠାରୁ ପ୍ରଭାବିତ। କୃଷିକ୍ଷେତ୍ରରେ ହେଉଥିବା ଉଲ୍ଲେଖନୀୟ ପରିବର୍ତ୍ତନର ଦିଗ ଗୁଡ଼ିକ ହେଲା :-

କୃଷିର ଉତ୍ପାଦନ ହ୍ରାସ : ଜଳବାୟୁ ପରିବର୍ତ୍ତନ ଉପରେ ଅ' ସରକାରୀ ପେନାଲଟି (ଓଚଉଉ) ଦ୍ୱାରା ଆକଳିତ ସନ୍ଦର୍ଭ ଅନୁସାରେ କୃଷି ଉତ୍ପାଦନ ଲାଭ ଠାରୁ ଅଧିକ କ୍ଷତିଗ୍ରସ୍ତ ହେବ। ଭାରତରେ ୨୦୧୦-୨୦୩୯ ମଧ୍ୟରେ ଜଳବାୟୁ ପରିବର୍ତ୍ତନ କାରଣରୁ ମୋଟା ମୋଟି ୪.୫% - ୯% ପ୍ରତିଶତ ଭିତରେ ଉତ୍ପାଦନ ହ୍ରାସ ପାଇବାର ସମ୍ଭାବନା ଅଛି। ୧% ଜଳବାୟୁ ବଢ଼ିଲେ ଏହା ଗହମ ଉତ୍ପାଦନ ଉପରେ ନକରାତ୍ମକ ପ୍ରଭାବ ପକାଏ ଏବଂ ଉତ୍ପାଦନ ୧୭% କମିବାର ଆସଙ୍କା ଥାଏ। ଯଦି ୨% ତାପମାନ ବୃଦ୍ଧି ଘଟେ, ତେବେ ଧାନ ଉତ୍ପାଦନ ୦.୭୫% ଟନ ପ୍ରତି ହେକ୍ଟେର କମ୍ ହେବାର ସମ୍ଭାବନା ଅଛି।

କୃଷି ଉତ୍ପାଦନ ଯୋଗ୍ୟ ପରିସ୍ଥିତିର ହ୍ରାସ : ଭାରତରେ ଜଳ ସ୍ରୋତର ହ୍ରାସ ଏବଂ କ୍ରମବର୍ଦ୍ଧିଷ୍ଣୁ ଜଳଭଣ୍ଡାରର ହ୍ରାସ ଯେପରି ଭାବରେ ହ୍ରାସ ପାଉଛି ସେ ପରିସ୍ଥିତିରେ ପରମ୍ପରାଗତ ଜଳସେଚିତ ଦିଗରୁ ନଜର ହଟାଇ ନୂତନ ଏବଂ ଆଧୁନିକ କମ ସମୟରେ ଉତ୍ପାଦନକ୍ଷମ ଫସଲ ଉପରେ ଗୁରୁତ୍ୱ ଦେବାକୁ ପଡ଼ିବ। ବର୍ତ୍ତମାନ ଆମେ ଆମର ପୁରୁଣା କୃଷି ପଦ୍ଧତି ଏବଂ ଆମ ଜମିରେ ଅମଳକ୍ଷମ ଜନିତ ବିହନକୁ ହରାଇ ବସିଛୁ। ଆମେ ବର୍ତ୍ତମାନ ନୂତନ ବିହନ ଯାହା କମ୍ ସମୟ ମଧ୍ୟରେ ଅମଳକ୍ଷମ ହେବ ତା'ଉପରେ ନଜର ଦେବାକୁ ପଡ଼ିବ। ଏକ ରିପୋର୍ଟ ଅନୁସାରେ ଜଳବାୟୁ ପରିବର୍ତ୍ତନ ଦ୍ୱାରା, ପ୍ରଦୁ୍ୟଷଣ, କୃଷି ଜମିର କ୍ରମବର୍ଦ୍ଧିଷ୍ଣୁ କ୍ଷୟ ଏବଂ ଜମିର ଉର୍ବରତା ହ୍ରାସ, ଜମି ଶୁଖିଲା ହେବାର ଦୃତ ଅଭିବୃଦ୍ଧି, ପୃଥିବୀରେ ତିନ ଚୌଥାଇ ଭୂମି କ୍ଷେତ୍ରର ଗୁଣବତ୍ତା କମ୍ ହୋଇଯାଇଅଛି। ଦୃତ ଶିଳ୍ପାୟନ, ପୃଥିବୀରେ ତାପମାନ ବୃଦ୍ଧି ୦.୭ଡ଼ିଗ୍ରୀ ସେଲସିୟସ ବୃଦ୍ଧି ଘଟିଛି। ଏହାଫଳରେ କେତେକ ଫସଲ ଯାହା କମ୍ ତାପମାନରେ ଅଧିକ ଅମଳ ହୁଏ, ତାହା ଉପରେ ନକରାତ୍ମକ ପ୍ରଭାବ ପକାଇବ। ସେହି ଫସଲ ଗୁଡ଼ିକ ହେଲା ଗହମ, ସୋରିଷ ଏବଂ ଆଳୁ ଆଦି ଫସଲ। ଏହା ମଧ୍ୟ ମକା, ଯବର ଏବଂ ଧାନ ଆଦି ଫସଲମାନଙ୍କର ସଂରକ୍ଷଣ ଶକ୍ତିକୁ କମାଇବା ସହିତ ଦାନା ପତଳା ଏବଂ ଅଗାଡ଼ି କରେଇବାରେ ଲାଗିଛି।

ବର୍ଷାର ପରିବର୍ତ୍ତନ : ଭାରତରେ କୃଷକ ସାଧାରଣ କୃଷି ଉତ୍ପାଦନରେ ବର୍ଷା ଉପରେ ନିର୍ଭରଶୀଳ। ବର୍ଷାର ପରିବର୍ତ୍ତନ ଯୋଗୁଁ ଏବଂ ଅଦିନିଆ ବର୍ଷାରେ ଫସଲ ହାନି ଏବଂ ଅଧିକ ବର୍ଷରେ ବନ୍ୟା ଏବଂ କମ୍ ବର୍ଷେ ଯୋଗୁଁ ଜମି ଶୁଖିଲା ପଡ଼ିବା ବା ମରୁଡ଼ି ଆଦି ପରିସ୍ଥିତି ପରିଲକ୍ଷିତ ହେଉଛି। ତେଣୁ କଥାରେ ଅଛି 'ଜଳ ବିହୁନେ ସୃଷ୍ଟି ନାଶ ଜଳ ଗହଳେ ସୃଷ୍ଟି ନାଶ' ର ପରିସ୍ଥିତିର ସ୍ୱାଭାବିକ ଚିତ୍ର ପ୍ରାୟତଃ କ୍ରମାଗତ ଭାବରେ ପରିଲକ୍ଷିତ। ଏତଦ୍‌ବ୍ୟତିତ କମ୍ ବର୍ଷା ଯୋଗୁ ମଧ୍ୟ ଜମିରେ ଲବଣତା ହ୍ରାସ ପାଇବାରେ ଲାଗିଛି। ମଧ୍ୟ ଭାରତରେ ୨୦୫୦ବର୍ଷ ପର୍ଯ୍ୟ' ଶୀତ ଏବଂ ବର୍ଷାରେ ୧୦ ରୁ ୨୦ ପ୍ରତିଶତ ପର୍ଯ୍ୟନ୍ତ କମ୍ ହେବ।

କାର୍ବନ ଡାଇଅକ୍ସାଇଡର ବୃଦ୍ଧି : ବିଭିନ୍ନ ଗାଡ଼ିରୁ ଏବଂ ଶିଳ୍ପାୟନରୁ ନିର୍ଗତ କାର୍ବନ ଡାଇଅକ୍ସାଇଡ୍ ବିଶ୍ୱ ତାପମାନରେ ୬୦% ପ୍ରତିଶତ ଭାଗିଦାରୀ। ଏହାର କ୍ରମାଗତ ବୃଦ୍ଧି ଯୋଗୁଁ ତାପମାନ ମଧ୍ୟ ବୃଦ୍ଧି ଘଟୁଛି, ଯାହାଫଳରେ ଆମର ଗଛ, ଲତା, ଫସଲ ଉପରେ ଏହାର କୁ ପ୍ରଭାବ ଏବଂ ବିପରୀତ ପ୍ରଭାବ ପଡୁଛି। ଗତ ୩୦-୫୦ ବର୍ଷ ମଧ୍ୟରେ କାର୍ବନ ଡାଇଅକ୍ସାଇଡର ମାତ୍ରା ମୋଟା ମୋଟି ୪୫୦ ପି.ପି.ଏମ୍ (ପଏଣ୍ଟର ମିଲିୟନ) ପର୍ଯ୍ୟନ୍ତ ପହଞ୍ଚି ସାରିଛି। ଏହାର ବୃଦ୍ଧି ଯୋଗୁଁ, ଏହା କେତେକ ଫସଲ ତଥା ଗହମ ଏବଂ ଧାନ ଫସଲ ଉପରେ ବହୁତ ନକାରାତ୍ମକ ପ୍ରଭାବ ଏବଂ କମ୍ ଉତ୍ପାଦକ ପରିସ୍ଥିତି ସୃଷ୍ଟି କରିଛି। କାର୍ବନ ଡାଇକସାଇଡ୍ ବୃଦ୍ଧି-ତାପମାନ ବୃଦ୍ଧି। କୀଟ ଏବଂ ରୋଗର ବୃଦ୍ଧି : ଖାଦ୍ୟ ଏବଂ କୃଷି ସଂଗଠନ (ଋଇଙ) ର ଆକଳନ ଅନୁସାରେ, ୨୦୫୦ ପର୍ଯ୍ୟନ୍ତ ବିଶ୍ୱର ଜନସଂଖ୍ୟା ପାଖାପାଖି ୯ ଆରବ ବଢ଼ିପାରେ। ଜଳବାୟୁ ପରିବର୍ତ୍ତନ ଯୋଗୁଁ, କୃଷି କ୍ଷେତ୍ରରେ ରୋଗ ଏବଂ ପୋକମାନଙ୍କର ଅଭିବୃଦ୍ଧି ଘଟିଛି। ଗରମ ଜଳବାୟୁ ଯୋଗୁଁ, କୀଟ ପତଙ୍ଗ ମାନଙ୍କର ପ୍ରଜନନ କ୍ଷମତା ବୃଦ୍ଧି ଘଟେ ଏବଂ ଏହାଙ୍କ ସଂଖ୍ୟା କ୍ରମଶଃ ବୃଦ୍ଧି ଘଟେ, ଯାହାଫଳରେ ଏମାନେ କୃଷିକ୍ଷେତ୍ରକୁ ପ୍ରଭାବିତ କରନ୍ତି ଯଥା କୀଟନାଶକ ରସାୟନ ପ୍ରୟୋଗରେ କୃଷିଯାତ ଦ୍ରବ୍ୟ କମ୍ ଉତ୍ପାଦନ ହୁଏ। ଏହାଫଳରେ ଶୁଖିଲା ମୃର୍ତ୍ତିକାରେ, କେତେକ ଫସଲ ଯଥା ଦ୍ରବ୍ୟର ଅଧିକ ପରିମାଣରେ ହୁଏ କିନ୍ତୁ ଗାୟମୋଟ ଲାଭ ହିସାବରେ କ୍ଷତି ଅଧିକ ହୁଏ। ତେଣୁ ନିସନ୍ଦେହରେ ଆଜିର କୃଷି ପରିବର୍ତ୍ତିତ ଓ ପରିବର୍ଦ୍ଧିତ ଜଳବାୟୁର ପରବର୍ତ୍ତନର ପଞ୍ଝାରେ ଆବଦ୍ଧ ଓ ଶ୍ୱାସରୁଦ୍ଧ। ତେଣୁ ଯଦି ଆମେ ଏହି ଦିଗଗୁଡ଼ିକ ଉପରେ ଦୃଷ୍ଟି ନିକ୍ଷେପ ନକରିବା, ତେବେ ପୃଥିବୀରେ ଘୋର ସଂକଟକାଳ ଅବଶ୍ୟମ୍ଭାବୀ।

ପୂର୍ବତନ ବରିଷ୍ଠ ଅଧିକାରୀ (ବି.ଏସ୍.ଏନ୍.ଏଲ)
ଓ ଆଇନଜିବୀ

# ଅପମାନ

॥ ଅଜୟ କୁମାର ବେହେରା ॥

ସମ୍ମାନ-ଅପମାନ ଦୁଇଟି ଏକ ରେଖାର ଦୁଇପଟ। ଅପମାନ ଅସମ୍ମାନ କରାଏ, ଲୋକ ନିଜର ଅହମିକା ପ୍ରାବଲ୍ୟ ବେଳେ ଖରାଦିନ ଶୀତ ପରି ବୋଧ କରିଥାଏ କିନ୍ତୁ ସମୟ ଦର୍ପ ଚୂର୍ଣ୍ଣ କଲାବେଳେ କେବଳ ଘରକଣରେ କାନ୍ଦିବା ସାର ହୁଏ। ଅଯାଗା ଘା ପରି ଲୋକର ଅନୁଭବ ରହେ। ପ୍ରକୃତରେ ଅପମାନ ଅଯଗା ଘା।

ସୁଖେ ଦୁଖେଃ ସଦା ସ୍ଥିର ଧର୍ମରାଜ ଯୁଧିଷ୍ଠିର ଜୀବନରେ ରାଜବାଟୀ ଜନ୍ମ ହୋଇ ବି ଜଙ୍ଗଲରେ ଘୁରିବା ଦୀର୍ଘ ବର୍ଷର ଏକ କାମ ଥିଲା। ଏକ ବର୍ଷ ଅଜ୍ଞାତବାସ ଏହା ବି ନାମ ଗୋପନରେ ଅନ୍ୟ ରାଜବାଟୀରେ ସ୍ତ୍ରୀର ଚାକରାଣୀ ଦାସୀ ବୃତ୍ତିକୁ ସହ୍ୟ କରି ରହିଛନ୍ତି। ରାଜ କନ୍ୟାକୁ ବିବାହ ହୋଇ କୁମ୍ଭାର ଘରେ ଶାଳାରେ ମାଆ ସ୍ତ୍ରୀଙ୍କ ସହିତ ରାତ୍ରୀ ଯାପନ କରିଛନ୍ତି। ରାଜାନନ୍ଦ ଋତୁପର୍ଣ୍ଣ ରାଜାଙ୍କର ଘୋଡ଼ାଶାଳରେ ନଣ୍ଡି ପୋଛିଛନ୍ତି। ରାଜା ଶ୍ରୀବସ୍ତ୍ର ସର୍ବହରା ହୋଇ ଶେଷରେ କାଠୁରିଆ ହୋଇଛନ୍ତି, ଖାଇବାକୁ ପାଇନାହାଁନ୍ତି, ପୋଡ଼ା, ଚେଙ୍ଗ ଗଡ଼ିଆ ମାଛ ତାଙ୍କ ସ୍ତ୍ରୀଙ୍କ ହାତରୁ ପାଣିରେ ପହଁରି ପଳାଇଛି। ହରିଶ୍ଚନ୍ଦ୍ର ରାଜା ରାଜ୍ୟହରା ହୋଇ କାଳୁଆଡ଼ମ୍ବର ନୌକର ହୋଇ ଶ୍ମଶାନ ଜଗୁଆଳ ଚାକର ସାଜିଛନ୍ତି। ଅନେକ ଅପମାନ ବଡ଼ ବଡ଼ ରାଜାଙ୍କ ଜୀବନରେ ଭୋଗ ହେବା ଶାସ୍ତ୍ର ଦର୍ଶାଉଛି। ଏଇ ଶ୍ରୀକ୍ଷେତ୍ରର କାହାଣୀରେ ଅଛି ପୁରୁଷୋତ୍ତମ ଦେବ କାଞ୍ଚିରେ ଅପମାନିତ ହୋଇଛନ୍ତି। ହେଲେ ସେ ଭକ୍ତିର ଆଶ୍ରୟରେ ପ୍ରଭୁ ଭରସାରେ ପୁନଃ ଜିତିଛନ୍ତି। କାଞ୍ଚି କନ୍ୟାକୁ ପ୍ରଭୁଙ୍କ ରଥଯାତ୍ରାରେ ଛେରା ପହଁରା ବେଳେ ପତ୍ନୀ ରୂପେ ଲାଭ କରିଛନ୍ତି। ପ୍ରଭୁ ମାନ ଉଦ୍ଧାରଣ କରନ୍ତି। ଦ୍ରୌପଦୀଙ୍କ ମାନ ରକ୍ଷା କୁରୁ ସଭାରେ କରିବା ଶାସ୍ତ୍ର କହୁଛି। କେହି ଗର୍ବ ଅହଙ୍କାର କଲେ ସେ ଅହଙ୍କାରକୁ ପ୍ରଭୁ ଟାଳି ଦିଅନ୍ତି ତେବେ ସେ ଇଚ୍ଛାମୟ ପୁଣି ଇଚ୍ଛା କଲେ ପୁନଃ ପଦବୀରେ ସ୍ଥାପନ କରିପାରନ୍ତି। ଏପରି ଠାକୁରଙ୍କ ଦରବାରରେ ନିଜର ଭୁଲର ପ୍ରାୟଶ୍ଚିତ କରିବା ନିହାତି ଆବଶ୍ୟକ।

ଅନେକ ଦର୍ପ ଅହଙ୍କାର ଠାକୁରଙ୍କ ଅସହ୍ୟ ଜାଣି ବି ଲୋକେ ମାନବଙ୍କୁ ହେୟ ମନେ କରିବା ଭୁଲ। ଅନେକ ମାନବ ଶକ୍ତି ହିଁ ମାଧବଙ୍କ ଶକ୍ତି। ଯାହା ଏ ରାଜ୍ୟରେ ବହୁମାନବଙ୍କ ଦ୍ୱାରା ନିତ୍ୟ ଆରାଧନାରେ ଅଛନ୍ତି। ନାରୀଙ୍କର ଗର୍ବ ସମ୍ମାନ ତାଙ୍କର ସ୍ୱାମୀଙ୍କର ସାନ୍ନିଧ୍ୟ ପାଇଁ ହୋଇଥାଏ। ସ୍ୱାମୀହରା ସ୍ତ୍ରୀଲୋକ ବିଧବା, ଦରିଦ୍ର, ଅସହାୟ। ନାରୀର ଯୁଦ୍ଧରେ ବୀରଗତିରେ ସ୍ତ୍ରୀ ଗୌରବାନ୍ୱିତ ସମ୍ମାନିତ ମାତ୍ର କାଳେ ତାଙ୍କ ପ୍ରତି ଅନ୍ୟର ବଳ ତାକୁ ସତୀତ୍ୱରୁ ଟାଳି ଦେବ ଏ ପାଇଁ ସେମାନେ ସ୍ୱାମୀର ସହମରଣ ବା ସ୍ୱାମୀଙ୍କର ନିଧନ ଶୁଣୁ ଶୁଣୁ ଆପେ ଆପେ ଟଳି ପଡ଼ନ୍ତି ବି ଅଗ୍ନୀରେ ଝାସ ଦିଅନ୍ତି ବା ଜହରବ୍ରତ କରିଥାନ୍ତି। ଏଥିରୁ ମାନ ସମ୍ମାନ ପ୍ରକୃତରେ ବିଚାର ଦିଗ ଗୁଡ଼ିକ କଳ୍ପନାକୁ ଆସିଥାଏ। ଅୟସ କରଜ କରି ଘର କିଣିବା, କରଜ କରି ଗାଡ଼ି କିଣିବା, କରଜ କରି ଶେଷରେ ନଶୁଝିଲେ ଆସେ ଗୁରୁତର ଅପମାନର ବିଭିନ୍ନ ସ୍ରୋତ। ଦିନିକିଆ ସୌକରୁ କଣ ମିଳେ ଘେରାଉରେ ପଡ଼ିବା ବେଳେ ଚିନ୍ତନରେ ଆସେ। ମିଥ୍ୟାରେ କପଟରେ ଛଳନାରେ ଏକ ପଦବୀରେ ପ୍ରବେଶ କରିବା ପରେ ଧର ପକଡ଼ରେ ସାର୍ଟିଫିକେଟ ଯାଞ୍ଚରେ ଧରାପଡ଼ିଲେ ଅବସ୍ଥା ଘାୟଲ ସିଂହ ଚମଡ଼ାରେ ଗଡ଼ ଚଳିଲେ, ଶୃଗାଳ ନୀଳରଙ୍ଗରେ ରଙ୍ଗାଇ ହୋଇଗଲେ ଯେ ଗଧ ଗଧ ନୁହେଁ ବା ଶୃଗାଳ ଶୃଗାଳ ନୁହେଁ ଏକଥା ନିଶ୍ଚ ଧରାପଡ଼େ। ଶେଷରେ ଅପମାନ ଦଣ୍ଡ ପ୍ରାଣ ହାନୀ ହିଁ ହୋଇପାରେ। କୃଷ୍ଣସର୍ପ ଫଣାରେ କେତେ ଦିନ ନିଜ ଜାତିଭାଇଙ୍କୁ ମରାଇ ବସିବ, ବନ୍ଧୁ ଭାବିଥିବା କୃଷ୍ଣସର୍ପ ହିଁ ଦିନେ ଅଭାବରୁ ଶେଷ କରିବ ଏକଥା କ'ଣ ସଂସ୍କୃତ ଗଳ୍ପପାଠରୁ ଭୁଲି ଯାଇଛକି ? ବେକୁକ ନମ୍ବର ଏକ ଯେ ପର ପାଇଁ ହୁଏ ଟେକ, ଏପରି କେବେ ଭୁଲ କେହି ନକରନ୍ତୁ। ଆମର ବଡ଼ଭାଇ ଅଛନ୍ତି ବଳୁଆ ତାଙ୍କର ବାହୁ ଆଶ୍ରାରେ ଆମେ ସଦା ପାରି ହୋଇପାରିବା ଏ ଆଶା କେହି କରନ୍ତୁନାହିଁ। ଉଦଯୋଗ କରନ୍ତୁ ବୁଦ୍ଧି ପ୍ରୟୋଗ କରି ପ୍ରତିଷ୍ଠିତ ହେବାକୁ ଚେଷ୍ଟା କରନ୍ତୁ। ଶୁଖିଲା ରୁଟି ମୁଡ଼ି ଗଣ୍ଡେ ଖାଇ ବଞ୍ଚନ୍ତୁ କେବେ ପର ପାଇଁ ପଲାଉ ଖେଚେଡ଼ି ପାଇ ବଞ୍ଚିବା ଅଢ଼େଇ ଦିନିଆଁ କରନ୍ତୁ ନାହିଁ। ଲାଞ୍ଚ ମିଛ ଦୁର୍ନୀତିରେ କେବେ ବଞ୍ଚିବାକୁ ଚେଷ୍ଟା କରନ୍ତୁ ନାହିଁ।

ରତ୍ନାକର ଡାକୁ ଦିନେ ଏଇ ମାର୍ଗରେ ଥିଲେ। ବ୍ରହ୍ମା ନାରଦ ତାଙ୍କୁ ଅନେକ ଚେଷ୍ଟାରେ ବାଲ୍ମିକୀ କରିବା ସାଧନାକୁ ଆଣିଥିଲେ। ବ୍ରହ୍ମା ନାରଦ ଏ ଯୁଗରେ କିଏ ? ବ୍ରହ୍ମା ହେଉଛନ୍ତି ସୃଷ୍ଟିର ସ୍ଥିର ନିୟମ ମାନ ଆଉ ନାରଦ ହେଉଛନ୍ତି ଚେତେଇ ଦେଉଥିବା ଖବରମାନ। ଯହିଁରେ ଦୋଷ ରହୁଛି ତ୍ରୁଟି ରହୁଛି। ରତ୍ନାକର କିଏ ରତ୍ନ ତ ମୂଲ୍ୟବାନ ସମ୍ପତ୍ତି, ଏଇ ପ୍ରକ୍ରିୟାରେ ଅନ୍ୟାୟ ପଥ ଆପଣେଇବା ବ୍ୟକ୍ତି ବିଶେଷ। ମାନ-ଅପମାନରେ କେବଳ ମାନ ସଦା ମିଳିବା ସମ୍ଭବ ନୁହେଁ ହେଲେ ମାନ ପାଇଁ ଅହରହ ଚେଷ୍ଟା ପରିଶ୍ରମରେ ଅର୍ଜନ ରହିପାରେ ମାତ୍ର ସବୁଥାଇ କୁଚେଷ୍ଟା କ୍ଷଣକରେ ବାରବର୍ଷ ତପ ଶୁଖୁଆ ଝୋଳରେ ଲୁଟ ହୋଇଯାଏ।

ବରେଣ୍ୟ ବାଣୀ' ପିସି ସରକାର ଲେନ୍, ଅରୁଣୋଦୟ ମାର୍କେଟ, କଟକ, ଦୂରଭାଷ : ୯୪୩୭୦୩୧୨୫୩



# ମହାଭାରତ ରାଇଜ କଥା

ଆଖି ଦେଖୁଥା କାନ ଶୁଣୁଥା
ପ୍ରତିଟି ଖବରରେ ଟଳୁଛି ମଥା






## ଚୋରା ମଦ ଭାଟିରେ ଚଢ଼ଉ, ବ୍ୟାପକ ପୋଚ ନଷ୍ଟ



**ପାଟଣା,(ମହାଭାରତ) :** କେନ୍ଦୁଝର ଜିଲ୍ଲା ପାଟଣା ପୁଲିସ ପକ୍ଷରୁ ଶନିବାର ବଡ ଧରଣର ଅବକାରୀ ଚଢ଼ାଉ କରାଯାଇ ଛି। ଏହି ଚଢ଼ାଉ ପାଟଣା ଥାନା ସାହାରପଡା ଅଞ୍ଚଳ ଶଙ୍ଖୁଆ ଗ୍ରାମ ପଞ୍ଚାୟତ ର ଶଙ୍ଖୁଆ ଗ୍ରାମ ଜଙ୍ଗଲ ଅଞ୍ଚଳରେ ଥିବା ଚୋରା ମଦ ଭାଟି ଗୁଡିକରେ ଚଢ଼ାଉ କରାଯାଇ ୨ହଜାର ଶହ କିଗ୍ରା ମହୁଲ ପୋଚ ପୁଲିସ ନଷ୍ଟ କରିବା ସହ ୫୦ ଲିଟର ଲିଟର ପ୍ରସ୍ତୁତ ଓ ଗଛିତ ଥିବା ମହୁଲି ମଦ କୁ ଜବତ କରାଯାଇ ଛି। ଏଥି ସହ ସମସ୍ତ ମଦରନ୍ଧା ସାମଗ୍ରୀ ଗୁଡିକ ମଧ ଜବତ କରାଯାଇ ଥାନା କୁ ଅଣାଯାଇ ଛି। ପୁଲିସ ପହଞ୍ଚିବା ପୂର୍ବରୁ ମଦ ପ୍ରସ୍ତୁତକାରୀ ଘଟଣାସ୍ଥଳ ରୁ ଫେରାର ହୋଇ ଯାଇଥିଲେ । ଏନେଇ ପାଟଣା ଥାନାରେ ୨୯୧/୨୦୨୪ ନଂ ମୂଳେ ୫୨(କ)(ଆଇ)ଓଡ଼ିଶା ଅବକାରୀ ଆଇନ ଅନୁସାରେ ମାମଲା ରୁଜୁ ହୋଇ ଛି। ପାଟଣା ଥାନାଧିକାରୀ ବିବସ୍ଵ କୁମାର ପ୍ରଧାନ ଙ୍କ ନେତୃତ୍ୱରେ ଏହି ଚଢ଼ାଉ କରାଯାଇ ଥିବା ବେଳେ ଅନ୍ୟ ଥାନା ଅଧିକାରୀ ଓ କର୍ମଚାରୀ ମାନେ ବି ସାମିଲ ଥିଲେ।

## ଅବସର ଦିନ ଶିକ୍ଷକଙ୍କୁ ପୂର୍ଣ୍ଣ ପେନସନ




**ଦାନଗଦି,(ମହାଭାରତ) :** ଦାନଗଦି ମଣ୍ଡଳ ଶିକ୍ଷା ଅଧିକାରୀଙ୍କ ଦ୍ୱାରା ଦାନଗଦି ବ୍ଲକ ଅଧିନସ୍ଥ ବୁଦ୍ଧରାଜା ବିଦ୍ୟାପୀଠର ପ୍ରାଥମିକ ଶିକ୍ଷକ ଶ୍ରୀ ରବିନାରାୟଣ ଶତପଥୀ ଓ ଅଶ୍ୱତ୍ଥପାଳ ନୋଡାଲ ଉପ୍ରା ବିଦ୍ୟାଳୟର ଶିକ୍ଷୟିତ୍ରୀ ଶ୍ରୀମତୀ ପାଙ୍କଜିନି ରାଉତ ଦୁଇ ଶିକ୍ଷକଙ୍କ ଅବସର ଦିନ ମଣ୍ଡଳ ଶିକ୍ଷା ଅଧିକାରୀ ଶ୍ରୀ ଶୁଭ୍ରାଂଶୁ ପୁହାଣ ଙ୍କ ଦ୍ୱାରା ତା ୩୧/ ୦୮ /୨୦୨୪ ପୂର୍ଣ୍ଣ ପେନସନ ପ୍ରଦାନ କରାଗଲା । ଏହା ଦାନଗଦି ମଣ୍ଡଳ ଶିକ୍ଷା ଅଧିକାରୀ ଶ୍ରୀ ଶୁଭ୍ରାଂଶୁ ପୁହାଣଙ୍କ ପ୍ରଚେଷ୍ଟା ରେ ପ୍ରଥମ ଥର ପାଇଁ କାର୍ଯ୍ୟାଳୟ ତରଫରୁ ପ୍ରଦାନ କରାଗଲା। ଏହି ସମ୍ପର୍କରେ ଶ୍ରୀ ଶୁଭ୍ରାଂଶୁ ପୁହାଣ କହିଛନ୍ତି ଯେ ଆଗାମୀ ଦିନ ମାନଙ୍କରେ ଯେଉଁ ବି ଶିକ୍ଷକ ଅବସର ଗ୍ରହଣ କରନ୍ତି ଆମେ ପୂର୍ଣ୍ଣ ଚେଷ୍ଟା କରିବୁ ଅବସର ଦିନ ପୂର୍ଣ୍ଣ ପେନସନ ପ୍ରଦାନ କରିବାକୁ ଏବଂ ଏଥିପାଇଁ ଆମେ ପ୍ରତିଶ୍ରୁତି ବଦ୍ଧ। ଏହାକୁ ସ୍ଥାନୀୟ ଶିକ୍ଷକ ଓ ବୁଦ୍ଧିଜୀବୀ ଙ୍କ ମହଲ ରେ ଏକ ସ୍ୱାଗତ ଯୋଗ୍ୟ ପଦକ୍ଷେପ ବୋଲି ଆଲୋଚନା ଓ ପ୍ରଶଂସା କରାଯାଉଅଛି । ଏହା କୁ ସହଯୋଗ କରିଥିଲେ କଣ୍ଟ୍ରୋଲର ଶ୍ରୀ ଅଶୋକ କୁମାର ମହାନ୍ତି, ଆଡିସନାଲ କଣ୍ଟ୍ରୋଲର ଦିବାରାଣୀ ଦୋରା ଡେପୁଟି କଣ୍ଟ୍ରୋଲ ର ଧରିତ୍ରୀ ବରାଳ ଓ ରୋଜାଲିନ ତ୍ରିପାଠୀ ବୁଦ୍ଧରାଜା ବିଦ୍ୟାଳୟରେ ଏକ ବିଦାୟ କାଳୀନ ସମ୍ବର୍ଦ୍ଧନା ସଭା ଅନୁଷ୍ଠିତ ହୋଇଥିଲା ଏହି ସଭା ରେ ସଭାପତି ଭାବେ ପ୍ରଧାନ ଶିକ୍ଷକ ପ୍ରଫୁଲ୍ଲ ଚନ୍ଦ୍ର ବେହେରା ମୁଖ୍ୟ ଅତିଥି ଭାବେ ବି. ଇ. ଓ ସୁଭ୍ରାଂଶୁ ପୁହାଣ ସମ୍ମାନିତ ଅତିଥି ଭାବେ ପ୍ରଶାନ୍ତ କୁମାର ରାୟ, ପବିତ୍ର ମୋହନ ଜେନାମଣି, ଲୋକନାଥ ଧିର, ରଘୁନାଥ ବେହେରା, ଚିତ୍ତରଞ୍ଜନ ଦାସ ଓ ରବିନାରାୟଣ ସତପଥୀ ଉପସ୍ଥିତ ଥିଲେ ।

## ତହସିଲଦାର ଓ ଆଇଆଇସିଙ୍କ ଉପସ୍ଥିତିରେ ବେଆଇନ ଜବର ଦଖଲ ଉଚ୍ଛେଦ



**ଦଶରଥପୁର,(ମହାଭାରତ) :** ଦଶରଥପୁର ବ୍ଲକ କୟାଁ ପଞ୍ଚାୟତସ୍ତ କୟାଁ ମୌଜା ଅଧିନ ଦୁବକଣ ଗ୍ରାମର ଖାତା ନମ୍ବର ୧୪୧୮ ପ୍ଲଟ ନମ୍ବର ୬୨୬ ଯାଗାଟିକୁ ଦୀର୍ଘଦିନ ହେବ ଉକ୍ତ ଗ୍ରାମର ଭିକାରି ଯେନାଙ୍କ ଦୁଇ ପୁଅ ସରୋଜ କୁମାର ଯେନା ଓ ଅଜୟ କୁମାର ଯେନା ଜବର ଦଖଲ କରି ରଖିଥିଲେ। ପ୍ରକାଶ ଥାଉକି ସରୋଜ କୁମାର ଯେନା କୟାଁଗୋଲା ହାଇସ୍କୁଲରେ ଚତୁର୍ଥ ଶ୍ରେଣୀ କର୍ମଚାରୀ ଭାବେ କାର୍ଯ୍ୟରତ ଥିବା ବେଳେ ଅଜୟ କୁମାର ଯେନା ଦୁବକଣ ଜୟଚଣ୍ଡୀ କଲେଜରେ ଚତୁର୍ଥ ଶ୍ରେଣୀ କର୍ମଚାରୀ ଭାବେ କାର୍ଯ୍ୟ କରୁଛନ୍ତି । ସେହିପରି ବାପା ଭିକାରି ଯେନା ମଧ ସରକାରୀ ପେନସନ ଧାରି ଅଟନ୍ତି । ଗୋଟିଏ ପରିବାରରେ ତିନି ତିନି ଜଣ ସରକାରୀ ଚାକିରିଆ ହୋଇ ମଧ ବେଆଇନ ଭାବେ ଗ୍ରାମରେ ଥିବା ଏକ ସରକାରୀ ଜାଗାକୁ ଜୋର ଜବରଦସ୍ତ ଦଖଲ କରିବା ସହ ଉକ୍ତ ଯାଗା ଉପରେ ଏକ ରୋଷେଇ ଘର କରିବା ସହ ସମ୍ପୂର୍ଣ୍ଣ ଜାଗାଟିକୁ ବାଡ଼ ବୁଜି ଜବର ଦଖଲ କରି ଦୀର୍ଘଦିନ ନିଜ ଦଖଲରେ ରଖିଥିଲେ । ଏଥିନେଇ ଗ୍ରାମବାସୀ ମାନଙ୍କ ପକ୍ଷରୁ ଦାମୋଦର ନାୟକ, ପ୍ରଭାତ କୁମାର ନାୟକ, ଭୁବନାନନ୍ଦ ନାୟକ, ଦେବଦତ୍ତ ନାୟକ, ସୁବାସ ମଲ୍ଲିକ ପ୍ରମୁଖଙ୍କ ସମେତ ଶତାଧିକ ଗ୍ରାମବାସୀ ମାନେ ଦଶରଥପୁର ତହସିଲଦାରଙ୍କ ନିକଟରେ ଲିଖିତ ଅଭିଯୋଗ କରିଥିଲେ । ଗ୍ରାମବାସୀ ମାନଙ୍କ ଅଭିଯୋଗକୁ ଭିର୍ତ୍ତିକରୀ ଆଜି ଉପଜିଲ୍ଲାପାଳଙ୍କ ନିର୍ଦ୍ଦେଶ କ୍ରମେ ଚିଠି ନମ୍ବର ୧୦୭୮୧ ଅନୁଯାଇ ଦଶରଥପୁର ତହସିଲର ଆଡିସନାଲ ତହସିଲଦାର ରଶ୍ମିରଞ୍ଜନ ମଲ୍ଲିକ ଓ ମଙ୍ଗଳପୁର ଥାନାର ଏଏସଆଇ ଚନ୍ଦନ ମହାନ୍ତିଙ୍କ ଉପସ୍ଥିତିରେ ବେଆଇନ ଜବର ଦଖଲ ଉଚ୍ଛେଦ କରାଯାଇଥିବା ବେଳେ ଜବର ଦଖଲ ଉଚ୍ଛେଦ ସମୟରେ ସରୋଜ ଯେନା ଓ ତାଙ୍କ ପତ୍ନୀ ସାବିତ୍ରୀ ଯେନା, ପୁଅ ଅବିନାଶ ଯେନା, ବୋହୁ ଅନ୍ନା ଯେନା, ଝିଅ ଧରିତ୍ରୀ ଯେନା ଓ ଅଜୟ ଯେନାଙ୍କ ପତ୍ନୀ ଅନ୍ନପୂର୍ଣ୍ଣା ଯେନା ପ୍ରମୁଖ କିଛି ସମୟ ପାଇଁ ପୋଲିସ ସହ ପାଟିତୁଣ୍ଡ କରିବା ସହ ଜେସିବି ଡ୍ରାଇଭରକୁ ବାଉଁଶ ଧରି ମାରିବା ପାଇଁ ଆକ୍ରମଣ କରିଥିଲେ ।

## କଂଗ୍ରେସର ଇଲେକ୍ଟ୍ରି ଅଫିସ୍‌ରେ ସ୍ମାର୍ଟ ମିଟର ନବସାଇବାକୁ ଦାବି ପତ୍ର



**ଉମରକୋଟ,(ମହାଭାରତ) :** ଶୁକ୍ରବାର ଦିନ ପୂର୍ବାହ୍ନ ପ୍ରାୟ ୧୨ଘ: ସମୟରେ ଉମରକୋଟ ଇଲେକ୍ଟ୍ରି ଅଫିସ୍ ରେ ଉମରକୋଟ ନିର୍ବାଚନ ମଣ୍ଡଳୀର ଭାରତୀୟ ଜାତୀୟ କଂଗ୍ରେସ କମିଟି ତରଫରୁ ଉମରକୋଟ ଇଲେକ୍ଟ୍ରି କାଲ ଏସ୍ଡିଓ ଙ୍କୁ ଗୋଟିଏ ଦାବି ପତ୍ର ଦିଆଯାଇଥିଲା ଏଥିରେ ଉଲ୍ଲେଖ କରାଯାଇଛି ଯେ ବର୍ତ୍ତମାନ ସରକାର ଇଲେକ୍ଟ୍ରିକାଲକୁ ଟାଟା କମ୍ପାନୀରେ ବିକ୍ରି କରି ଦେଇଛନ୍ତି ଟାଟା କମ୍ପାନୀ ଗ୍ରାହକଙ୍କ ମାନଙ୍କୁ ସ୍ମାର୍ଟ ମିଟର ବସାଇ ଅଧିକ ରୁ ଅଧିକ ବିଲ୍ଲଦେଇ ପଇସା ନେଉଛନ୍ତି। ଏଥିପାଇଁ ଆଜି କଂଗ୍ରେସ ଦଳତରଫରୁ ତାଙ୍କୁ ଚେତାବନୀ ଦିଆଯାଇଛି କି ଆଜି ତାରିଖ ୩୦-୦୮-୨୦୨୪ ରିଖ ଠାରୁ ୧ମାସ ଭିତରେ ଉମରକୋଟ ଓ ରାଇଘର ବ୍ଲକ ସମେତ ଟାଉନ୍ ଅନ୍ତର୍ଗତର ଯେତେଜଣଙ୍କ ଗୃହରେ କିମ୍ବା ଦୋକାନ ଗୃହ ରେ ସ୍ମାର୍ଟ ମିଟର ବସାଇ ଛନ୍ତି ତାହା କାଡିବେ ଓ ଯେଉଁ କନଜୁମର ମାନଙ୍କ ଗୃହ ଠାରେ ପୁଣି ଲଗାଇ ବାର ଦ୍ୱେଷ୍ଟାଅଛି ସେମାନଙ୍କୁ ଲଗାଯିବ ନାହିଁ ଯଦିଓ ୧ମାସ ଭିତରେ ରେ ମିଟର ଲାଗି ଥିବ ତାହାହେଲେ କଂଗ୍ରେସ ଦଳ ତରଫରୁ ପ୍ରତେକ ଘରୁ ମିଟର ବାହାର କରି ହଜାର ହଜାର ଲୋକ ବାହାରରି ମିଟେକୁ କରେଣ୍ଟ ଅଫିସ ସମ୍ମୁଖରେ ଫୋପାଡି ଆନ୍ଦୋଳନ କରାଯିବ। ଏଥିରେ କଂଗ୍ରେସ ବିଧାୟକ ପ୍ରାର୍ଥୀ ଶ୍ରୀ ଯୁକ୍ତ ସନ୍ ରାଜଗଣ୍ଡ, ଟାଉନ୍ କଂଗ୍ରେସ କମିଟି ସଭାପତି ଶ୍ରୀଯୁକ୍ତ ମାର୍କଣ୍ଡସାହୁ, ସାଧାରଣ ସଂପାଦକ ଶ୍ରୀ ଯୁକ୍ତ ପର୍ଶୁରାମ ନାୟକ ଯାଦବ ନବରଙ୍ଗପୁର ଜିଲ୍ଲା ସଖାଲଗୁ ସେଲ ସଭାପତି ଉସ୍ମାନ୍ ଲାଠିଆ, ଉମରକୋଟ ନିର୍ବାଚନ ମଣ୍ଡଳୀ ଅନ୍ତର୍ଗତ ଯୁବ କଂଗ୍ରେସ ଉପସଭାପତି ଶ୍ରୀଶଙ୍କର ମଣ୍ଡଳ, ହରିଜନ ମର୍ଚ୍ଚା ସାଧାରଣ ସଂପାଦକ ଶ୍ରୀ ଜଗନ୍ନାଥ ହରିଜନ, ପୂର୍ବାତନ ୱାର୍ଡ଼ ମେମ୍ବର ଶ୍ରୀ ଗୋପା ରାଓ, ରାଶଚନ୍ଦ୍ର ନାୟକ, ସୁନ୍ଦର ସିଂ ଗଣ୍ଡ, ଗଣେଶଲାଲ କୁର୍ମି, ଚିମନ୍ କର୍ଲା,ରାମ ପ୍ରଶାଦ ଗୋଣ୍ଡ, ସମେତ ପ୍ରାୟ ୫୦ଜଣ କଂଗ୍ରେସ କର୍ମୀ ଯୋଗ ଦେଇ ଥିଲେ ।

## ସାପୁଆ କେନାଲରେ ଫସିଲା ମା ଓ ଛୁଆ ହାତୀ ଉଦ୍ଧାର କଲା ବନବିଭାଗ



**ହିନ୍ଦୋଳ, (ମହାଭାରତ) :** ଢେଙ୍କାନାଳ ଜିଲ୍ଲା ହିନ୍ଦୋଳ ବନାଞ୍ଚଳ ରାସୋଳ ସେକ୍ସନ ସାପୁଆ। କେନାଲରେ ଫସିଥିଲେ ମା ଓ ଛୁଆ ହାତୀ।ମା ଓ ଛୁଆ ହାତୀଙ୍କୁ ଉଦ୍ଧାର ପାଇଁ ବନବିଭାଗର ଦୀର୍ଘ ସମୟ ଉଦ୍ୟମ ପରେ ଉଦ୍ଧାର ହୋଇ ଜଙ୍ଗଲ କୁ ଚାଲି ଯାଇଛନ୍ତି ମା ଛୁଆ । ଦୀର୍ଘ ସମୟ ପର୍ଯ୍ୟନ୍ତ କେନାଲରେ ଫସି ରହିଥିଲା ହାତୀ।ଛୁଆ ପାଇଁ ମା ହାତୀବି ରହିଲା କେନାଲ ଭିତରେ।ଉଭୟ ପାର୍ଶ୍ୱରେ କଂକ୍ରିଟ ପାଇଁ ଫସି ରହିଥିଲା ହାତୀ।ହାତୀ ଦେଖିବା ପାଇଁ ରାସ୍ତାର ଉଭୟ ପାର୍ଶ୍ୱରେ ଲୋକାରଣ୍ୟ। ଏକ ଜେସିବି ସାହାଯ୍ୟରେ ମାଟି ପକାଇବା ପରେ ଛୁଆ କୁ ନେଇ ଜଙ୍ଗଲ କୁ ଚାଲି ଯାଇଛିନ୍ତି ମା ଛୁଆ ହାତୀ।

## ସମସ୍ତ ରାଜନୈତିକ ଦଳକୁ ନେଇ ସ୍ୱତନ୍ତ୍ର ସଂକ୍ଷିପ୍ତ ଭୋଟର ତାଲିକା ସଂଶୋଧନ



**ଭବାନୀପାଟଣା,(ମହାଭାରତ) :** ଜିଲ୍ଲାପାଳଙ୍କ ସମ୍ମିଳନୀ ଗୃହରେ ବିଭିନ୍ନ ରାଜନୈତିକ ଦଳ ପ୍ରତିନିଧିଙ୍କୁ ନେଇ ତ୍ରୁଟିଶୂନ୍ୟ ସଂକ୍ଷିପ୍ତ ଭୋଟର ତାଲିକା କାର୍ଯ୍ୟକ୍ରମ ନିମନ୍ତେ ଅତିରିକ୍ତ ଜିଲ୍ଲାପାଳ ଶ୍ରୀ ତ୍ରିଲୋଚନ ପାତ୍ରଙ୍କ ଅଧକ୍ଷତାରେ ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି । ଗତ ୨୦.୦୮.୨୦୨୪ ରୁ ଆରମ୍ଭ ହୋଇଥିବା ଓ ୧୮.୧୦.୨୦୨୪ ପର୍ଯ୍ୟନ୍ତ ଏହି ସ୍ୱତନ୍ତ୍ର ସଂକ୍ଷିପ୍ତ ଭୋଟର ତାଲିକା ସଂଶୋଧନ କାର୍ଯ୍ୟକ୍ରମରେ ବି. ଏଲ . ଓ ମାନେ ଘରକୁ ଘର ଯାଇ ଭୋଟର ତାଲିକାରେ ଆବଶ୍ୟକ ସଂଶୋଧନ ସହ ଫୋଟୋ ସମ୍ବନ୍ଧିତ କାର୍ଯ୍ୟକ୍ରମ କୁ ତଦାରଖ କରିବେ । ଆସନ୍ତା ୨୦୨୫ ମସିହା ଜାନୁଆରୀ ୧ ତାରିଖ ସୁଦ୍ଧା ନୂତନ ଭୋଟରଙ୍କ ନାମ ଅନ୍ତର୍ଭୁକ୍ତ , ମୃତ୍ୟୁ ବରଣ କରିଥିବା ଭୋଟରଙ୍କ ନାମ ବାଦ , ଅନୁପସ୍ଥିତି, ବିବାହ ଜନିତ ଅଦଳବଦଳ, ସଠିକ ଫୋଟୋ ଓ ଠିକଣା ସଂଶୋଧନ କରି ଆସନ୍ତା ୦୬.୦୧.୨୦୨୫ ସୁଦ୍ଧା ଚୂଡ଼ାନ୍ତ ଭୋଟର ତାଲିକା ପ୍ରକାଶନ ହେବ । ଏହା ବ୍ୟତୀତ ଭୋଟର ତାଲିକା ସଂଶୋଧନ ପାଇଁ ସ୍ୱତନ୍ତ୍ର ତାରିଖ ନିର୍ଦ୍ଧାରଣ କରି ଶିବିରର ଆୟୋଜନ ମଧ କରାଯିବ ଓ ଆପତ୍ତି ଅଭିଯୋଗ ଥିଲେ ୨୯.୧୦. ୨୦୨୪ରୁ ୨୮. ୧୧.୨୦୨୪ ମଧ୍ୟରେ ଏହା ଗ୍ରହଣ ହେବ। ପ୍ରକାଶ ଥାଉ କି କଳାହାଣ୍ଡି ଜିଲ୍ଲାରେ ତଥ୍ୟ ଅନୁସାରେ ୫ ଟି ନିର୍ବାଚନ ମଣ୍ଡଳୀ ରେ ମୋଟ ୧୪୧୦ ଟି ପୋଲିଂ ବୁଥ ସହ ୩୦.୦୮.୨୦୨୪ ପର୍ଯ୍ୟନ୍ତ ୧୨୦୯୦୦୭ ଜଣ ଭୋଟର ତାଲିକାଭୁକ୍ତ ଅଛନ୍ତି ଓ ଏଥିରୁ ୬୦୬୦୬୨ ଜଣ ପୁରୁଷ , ୬୦୨୮୭୭ ଜଣ ମହିଳା ଓ ୬୦୨୮୭୭ ଜଣ ମହିଳା ଓ ୬୮ ଜଣ ତୃତୀୟ ଲିଙ୍ଗ ଅଟନ୍ତି। ୧୮ ବର୍ଷ ହେଉଥିବା ଛାତ୍ରଛାତ୍ରୀମାନଙ୍କୁ ଭୋଟର ତାଲିକାରେ ଅନ୍ତର୍ଭୁକ୍ତ କରିବା ପାଇଁ ସ୍ୱତନ୍ତ୍ର ଦୃଷ୍ଟି ଦିଆଯାଉଛି । ସୁସ୍ଥ ଗଣତନ୍ତ୍ର ପାଇଁ ନିର୍ଭୁଲ ଭୋଟର ତାଲିକା କେତେ ଜରୁରୀ ତାହା ଉପରେ ଉପସ୍ଥିତ ସମସ୍ତ ରାଜନୈତିକ ଦଳ ର ସହଯୋଗକୁ ଅତିରିକ୍ତ ଜିଲ୍ଲାପାଳ ଗୁରୁତ୍ୱ ଦେଇଥିଲେ । ଏହି ବୈଠକରେ ବିଭିନ୍ନ ରାଜନୈତିକ ଦଳ ର ପ୍ରତିନିଧି ରୂପେ ବିଜେପି ଦଳରୁ ଜୟ ଶଙ୍କର ନାଏକ , ବିଜେଡ଼ି ଦଳରୁ ଭବାନୀ ଶଙ୍କର ନିଆଲ, ଭାରତୀୟ ଜାତୀୟ କଂଗ୍ରେସ ଦଳରୁ ଉତ୍ସବ ସାହୁ , ଆମ ଆଦମି ପାର୍ଟି ରୁ ସତ୍ୟ ନାରାୟଣ ମାହାର , ବହୁଜନ ସମାଜ ପାର୍ଟି ରୁ ସୟଦ ହନିଫ, କମ୍ୟୁନିଷ୍ଟ ପାର୍ଟି ଅଫ ଇଣ୍ଡିଆ ରୁ ନବ ପଟ୍ଟନାୟକଙ୍କ ସହ ଭାରପ୍ରାପ୍ତ ଉପଜିଲ୍ଲାପାଳ, ଭବାନୀପାଟଣା ଜୟଦେବ ଦାସ , ଡେପୁଟି କଲେକ୍ଟର ( ନିର୍ବାଚନ ) ଚନ୍ଦ୍ରହାସ୍ୟ ମହାନନ୍ଦିଆ, ଆସିଷ୍ଟାଣ୍ଟ ଡ଼ାଇରେକ୍ଟର (ସେଭିଙ୍ଗ ଓ ଫାଇନାନ୍ସିଆଲ) ବିବେକାନନ୍ଦ ମହାନନ୍ଦ, ଡି.ଆଇ.ପି.ଆର.ଓ ମନୋଜ ବେହେରା, ସହକାରୀ ଜିଲ୍ଲାପାଳ ( ଉପ ଜିଲ୍ଲାପାଳ) ପ୍ରିୟ ରଞ୍ଜନ ସେଠ ଙ୍କ ସହ ନିର୍ବାଚନ ଶାଖାର କର୍ମଚାରୀବୃନ୍ଦ ପ୍ରମୁଖ ଉପସ୍ଥିତ ଥିଲେ ।

## ମାନସିକ ବିକାର ଗ୍ରସ୍ତ ମହିଳା ଉଦ୍ଧାର



**ଅନୁଗୋଳ,(ମହାଭାରତ) :** ଗତ କିଛିଦିନ ହେବ ଅନଗୁଳ ପୌରାଞ୍ଚଳ ଅନ୍ତର୍ଗତ କାଞ୍ଚନ ବଜାର ଠାରେ ଠାବ ହୋଇଥିଲେ ମାନସିକ ବିକାରଗ୍ରସ୍ତ ୨୪ ବର୍ଷୀୟ ମହିଳା ମାମିନା ନାଏକ । ତାଙ୍କର ମାନସିକ ସ୍ୱାସ୍ଥବସ୍ଥା ଠିକ ନଥିବାବେଳେ ସେ ଅନୁଗୁଳ ସହରରେ ଏଣେତେଣେ ବୁଲୁଥିବାର ଦେଖି ଗତ ୩୦ ତାରିଖ ଶୁକ୍ରବାରଦିନ ସଂଧ୍ୟା ସମୟରେ ସିରିଡ଼ିସାଇ ଆତ୍ମଦର୍ଶନ ଚାରିଟେବୁଲ ଟ୍ରଷ୍ଟ ର କିଛି ସ୍ୱେଛାସେବୀ ମାନଙ୍କ ଦ୍ୱାରା ତାଙ୍କୁ ଉଦ୍ଧାର କରାଯାଇଥିଲା । ଖବର ନେବା ପରେ ସେ ମହିଳା ଜଣକ ଢେଙ୍କାନାଳ ଜିଲ୍ଲା ଓଡାପଡା ବ୍ଲକ ବାଛୁରୀବାଙ୍କ ଗ୍ରାମର ବୋଲି ଜଣାପଡିଥିଲା । ତୁରନ୍ତ ହେଲ୍ପଲାଇନ ୧୧୨ କୁ କଲ କରି ପୋଲିସ ସହାୟତାରେ ଜିଲ୍ଲା ମୁଖ୍ୟଚିକିତ୍ସାଳୟ ର ସକ୍ଷୀ ଆଉଟ ଷ୍ଟକ ସେଣ୍ଟର ରେ ରଖିବାପାଇଁ ବ୍ୟବସ୍ଥା କରାଯାଇଥିଲା କିନ୍ତୁ ସେଠାରେ ମାନସିକ ବିକାରଗ୍ରସ୍ତ ମହିଳା ଙ୍କୁ ରଖିବାପାଇଁ ମନା କରିବା ପରେ ତାଙ୍କୁ ୱେଟିଙ୍ଗ ରୁମ ରେ ରଖାଯାଇଥିଲା । ରାତିରେ ତାଙ୍କ ଗ୍ରାମର ସରପଞ୍ଚ ଙ୍କ ସହିତ ଯୋଗାଯୋଗ ହେବାପରେ ସକାଳେ ସରପଞ୍ଚ ଜଗବନ୍ଧୁ ଦଳେଇଙ୍କ ସହିତ ତାଙ୍କ ମା ଓ ଭାଇ ଅନୁଗୁଳ ଆସିଥିଲେ। ଏଥିରେ ସିରିଡ଼ିସାଇ ଆତ୍ମଦର୍ଶନ ଚାରିଟେବୁଲ ଟ୍ରଷ୍ଟ ର ସଭାପତି ବିଦ୍ୟାଧର ନାୟକ ଙ୍କ ତତ୍ୱାବଧାନରେ ଓ ସଂଯୋଜକ ଅଜୟ କୁମାର ତ୍ରିପାଠୀ ଙ୍କ ସାହାର୍ଯ୍ୟ ସହିତ ଯୁବ ସମାଜସେବୀ ଅନୁପ ପଟ୍ଟନାୟକ, ସୋମ ପ୍ରସାଦ ଦାଶ, ଜତିନ କୁମର ସେଠି ଓ ରାଜକୁମର ଅଗ୍ରୱାଲଙ୍କ ସାହାର୍ଯ୍ୟ ସହଯୋଗ ରେ ୨୪ ବର୍ଷୀୟ ମାମିନାଙ୍କର ଉତ୍ତମ ଚିକିତ୍ସା ନିମନ୍ତେ ତାଙ୍କୁ ତାଳଚେର ମିଶନ ଆଶ୍ରା କୁ ପଠାଇ ଦିଆଯାଇଥିଲା । ଏହି ଉଦ୍ଧାର କାର୍ଯ୍ୟ ୮୫ତମ ମାନସିକ ବିକାରଗ୍ରସ୍ତ ମହିଳା ଉଦ୍ଧାର କାର୍ଯ୍ୟ ବୋଲି ସଂଯୋଜକ ଅଜୟ କୁମର ତ୍ରିପାଠୀ ଗଣମାଧ୍ୟମ କୁ ଜଣାଇଥିଲେ ।

## ରାଷ୍ଟ୍ରୀୟ ଆବିଷ୍କାର ଅଭିଯାନ ଉତ୍ସବ ପାଳିତ



**ନବରଙ୍ଗପୁର,(ମହାଭାରତ) :** ରାଇଘର ବ୍ଲକର ଆଦର୍ଶ ବିଦ୍ୟାଳୟ ଠାରେ ଆଦ୍ୟ ତା ୨୯-୦୮-୨୦୨୪ ରିଖ ଦିନ ରାଷ୍ଟ୍ରୀୟ ଆବିଷ୍କାର ଅଭିଯାନ ଉତ୍ସବ ପାଳିତ ହୋଇଥିଲା । ଉକ୍ତ ଉତ୍ସବରେ ସ୍ଥାନୀୟ ଶିକ୍ଷା ଅଧିକାରୀ ଶ୍ରୀ ଈଶ୍ୱର ଚନ୍ଦ୍ର ମାଝୀ, ସହକାରୀ ଶିକ୍ଷା ଅଧିକାରୀ ସୁନା ମାଝୀ, ସମିତି ସଭ୍ୟ ତୃପ୍ତିରଞ୍ଜନ ମାଝୀ, ପ୍ରମୁଖ ଉପସ୍ଥିତ ରହିଥିଲେ । କିନ୍ତୁ ଏଠାରେ ଏକ ଭିନ୍ନ ଦୃଶ୍ୟ ଦେଖିବାକୁ ମିଳିଥିଲା । ମାରଙ୍ଗପାଲି ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ଶିକ୍ଷକ ଶିବରାମ ସାହୁ ନିଜ ବିଦ୍ୟାଳୟରୁ କୌଣସି ଛାତ୍ରଛାତ୍ରୀଙ୍କୁ ଉକ୍ତ କାର୍ଯ୍ୟକ୍ରମରେ ନ ନେଇ ସେଠାରେ କିପରି କ୍ୟାମେରା ମ୍ୟାନ ସାଜି ସେଲ୍ଫି ନେବାରେ ବ୍ୟସ୍ତଥିବାର ଦୃଶ୍ୟ ଦେଖିବାକୁ ମିଳିଥିଲା । ଏବଂ ଉକ୍ତ ଶିକ୍ଷକ ଜଣକ ଯେ କୌଣସି କାର୍ଯ୍ୟକ୍ରମରେ ଶିକ୍ଷାଅଧିକାରୀଙ୍କ ସହଯୋଗୀ ଭାବେ କାର୍ଯ୍ୟ କରିଥାନ୍ତି କ୍ଷ ଯଦି ଏପରି ପ୍ରତ୍ୟକ କାର୍ଯ୍ୟକ୍ରମରେ ଶିକ୍ଷା ଅଧିକାରୀଙ୍କ ସହଯୋଗୀ ହୁଅନ୍ତି ତା ହେଲେ ବିଦ୍ୟାଳୟରେ ତାଙ୍କ ଅନୁପସ୍ଥିତିରେ କିଏ ଶିକ୍ଷା ଦାନ କରିଥାଏ ଏହା ଏକ ପ୍ରଶ୍ନ ବାଚ୍ୟ ଅଟେ । ଏହିପରି ଯଦି ଶିକ୍ଷକମାନେ ନିଜ ଶିକ୍ଷାଦାନ କାର୍ଯ୍ୟ ପରିବର୍ତ୍ତେ ଶିକ୍ଷା ଅଧିକାରୀଙ୍କ ସହଯୋଗ କାର୍ଯ୍ୟରେ ବ୍ୟସ୍ତ ରୁହନ୍ତି ତା ହେଲେ ଆମ ଏ ଅଞ୍ଚଳର ଶିକ୍ଷାରମାନ କିପରି ଉନ୍ନତି ହବ ଏବଂ ପଛୁଆ ଅଞ୍ଚଳର ପିଲାମାନେ କିପରି ଶିକ୍ଷିତ ହେବେ। ନା ଆମ ଏ ଅଞ୍ଚଳର ପିଲାମାନଙ୍କୁ ଜାଣିଶୁଣି ଅଶିକ୍ଷିତ ରଖିବାକୁ ଏମାନଙ୍କର ଏକ ଷୋଡଯନ୍ତ୍ର ରହିଛିକି ? ଏହିପରି ଯଦି ଶିକ୍ଷକମାନେ ନିଜ କର୍ମରେ ଅବହେଳା କରନ୍ତି ତା ହେଲେ ଏ ଅଂଚଳର ଶିଶୁମାନଙ୍କର ଭବିଷ୍ୟତ ନିଶ୍ଚିତ ଭାବରେ ଅନ୍ଧାର ହେବ। ଏଥି ପ୍ରତି ଦାୟୀ ଶିକ୍ଷାଅଧିକାରୀ ରହିବେ କି ?

## ରାଜ୍ୟ ସ୍ତରୀୟ ସ୍ଲୋଏ ମାର୍ଶାଲ ଆର୍ଟ ଟୁର୍ଣ୍ଣାମେଣ୍ଟ

**ଅନୁଗୋଳ,(ମହାଭାରତ) :** ଅନୁଗୋଳ ର ଇଣ୍ଡୋର ଷ୍ଟାଡିଅମ ଠାରେ ରାଜ୍ୟସ୍ତରୀୟ ସ୍ଲୋଏ ମାର୍ଶାଲ ଆର୍ଟ ଟୁର୍ଣ୍ଣାମେଣ୍ଟ ଆରମ୍ଭ ହୋଇଛି। ଏହି ପରିପ୍ରେକ୍ଷୀରେ ଆଜି ସକାଳରେ ଜିଲ୍ଲା ସ୍ଲୋଏ ମାର୍ଶାଲ ଆର୍ଟ ସଂଘର ସଭାପତି ଦ୍ୱାରିକା ପ୍ରସାଦ ନନ୍ଦଙ୍କ ଅଧକ୍ଷତାରେ ଏକ ସାମ୍ବାଦିକ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ଏହି ସାମ୍ବାଦିକ ସମ୍ମିଳନୀରେ ଓଡିଶା ସ୍ଲୋଏ ସଙ୍ଘର ସାଧାରଣ ସମ୍ପାଦକ ଏସ.କେ ସଲ୍ଲାଉଦ୍ଦିନ, ଜିଲ୍ଲା କ୍ରୀଡ଼ା ଅଧିକାରୀ ଅକ୍ଷୟ କୁମାର ଶିଠ, ଜିଲ୍ଲା ସଂଘର ସାଧାରଣ ସମ୍ପାଦକ ଦୁଷ୍ୟନ୍ତ କୁମାର ନାଥ, ଅବସରପ୍ରାପ୍ତ କ୍ରୀଡ଼ା ଅଧିକାରୀ ପ୍ରଶାନ୍ତ କୁମାର ସିହ୍ନା ପ୍ରମୁଖ ଯୋଗ ଦେଇ ସ୍ଲୋଏ ମାର୍ଶାଲ ଆର୍ଟ ପ୍ରତିଯୋଗିତା ସମ୍ପର୍କରେ ସାମ୍ବାଦିକ ମାନଙ୍କୁ ସୂଚନା ପ୍ରଦାନ କରିଥିଲେ। ଆଜିଠୁ ଆରମ୍ଭ ହୋଇଥିବା ପ୍ରତିଯୋଗିତାର ସଫଳତା ଏବଂ ପ୍ରଚାର ଓ ପ୍ରସାର ନିମନ୍ତେ ସମସ୍ତ ସାହାଯ୍ୟ ଓ ସହଯୋଗ କରିବାକୁ ନିବେଦନ କରାଯାଇଥିଲା। ଏହି ପ୍ରତିଯୋଗିତାରେ ସମଗ୍ର ଓଡିଶାର ୩୦ ଜିଲ୍ଲାରୁ ପ୍ରାୟ ୪୫୦ ଜଣ ପ୍ରତିଯୋଗୀ ଭାଗ ନେବେ ରାଜ୍ୟ ସାଧାରଣ ସମ୍ପାଦକ ଓ ସଭାପତି ସାମ୍ବାଦିକ ସମ୍ମିଳନୀରେ ପ୍ରକାଶ କରିଥିଲେ।




## ଏନ୍‌ଏସିର ସ୍ୱାୟତ୍ତ ଶାସନ ଦିବସ ପାଳନ



**ବାଲିଗୁଡା,(ମହାଭାରତ) :** ବିଜ୍ଞାପିତ ଅଞ୍ଚଳ ପାଳିତ ହେଲା ସ୍ୱାୟତ୍ତ ଶାସନ ଦିବସ। ଏହି ଦିବସରେ ବାଲିଗୁଡା ନଗର ଏନ୍‌ଏସି ପକ୍ଷରୁ ବିଭିନ୍ନ ଛକରେ ସ୍ଥାପିତ ହୋଇଥିବା ପ୍ରବାଦ ପୁରୁଷ ମାନଙ୍କୁ ପୁଷ୍ପମାଲ୍ୟ ଅର୍ପଣ କରାଯାଇ ଥିଲା। ବାଲିଗୁଡ଼ା ପିଣ୍ଡ୍ଲଡି ଛକ ଠାରେ ଜାତୀୟ ପିତା ଗାନ୍ଧୀଜିଙ୍କ ପ୍ରତିମୂର୍ତ୍ତି ,ଫୁଡ ବଜାର ଠାରେ ପ୍ରବାଦ ପୁରୁଷ ବିଜୁ ପଟ୍ଟନାୟକଙ୍କୁ ପୁଷ୍ପମାଲ୍ୟ, ବଜାର ଛକ ଠାରେ ଜବାହରଲାଲ ନେହୁରୁଙ୍କ ପ୍ରତିମୂର୍ତ୍ତି ରେ ପୁଷ୍ପମାଲ୍ୟ ଅର୍ପଣ କରାଯାଇଥିବା ଦେଖିବାକୁ ମିଳିଛି। ବାଲିଗୁଡା ଏନ୍‌ଏସି ଅଧକ୍ଷ ଗୋବିନ୍ଦ ପ୍ରଧାନ ,ଏନ୍‌ଏସି ର ସାଂସଦ ପ୍ରତିନିଧି ଆଦିକନ୍ଦ ମହାରଣା ସମେତ ସମସ୍ତ କାଉନସିଲର ଓ ଏନ୍‌ଏସିର ସମସ୍ତ ଷ୍ଟାଫ ଉପସ୍ଥିତ ଥିଲେ । ମାନ୍ୟବର ମୁଖ୍ୟମନ୍ତ୍ରୀ ଶ୍ରୀ ମୋହନ ଚରଣ ମାଝିଙ୍କ କର କମଳରେ ୩୦ଗୋଟି ଜିଲ୍ଲାରେ ବିଭିନ୍ନ ଉନ୍ନତିମୂଳକ ପ୍ରକଳ୍ପ ର ଶିଳାନ୍ୟାସ ଲୋକାର୍ପଣ ହୋଇଥିଲା । ସେହି ପରିପେକ୍ଷରେ ବାଲିଗୁଡ଼ା ବିଜ୍ଞାପିତ ଅଞ୍ଚଳ ପରିସରରେ ଭିଡିଓ କନଫରେନ୍ସ ଜରିଆରେ ସମସ୍ତେ ଏହି ସ୍ୱାୟତ୍ତ ଶାସନ ଦିବସ କୁ ପାଳନ କରିଥିଲେ ।ଭିଡିଓ କନଫରେନ୍ସ କାର୍ଯକ୍ରମ ରେ ଏନ୍‌ଏସି କାଯ୍ୟନିର୍ବାହୀ ଅଧିକାରୀ ବିବେକାନନ୍ଦ ଦଳାଇ, ଅଧ୍ୟକ୍ଷ ଗୋବିନ୍ଦ ଚନ୍ଦ୍ର ପ୍ରଧାନ, ଉପାଧକ୍ଷା ଶାନ୍ତି ନାୟକ, ଏମ୍ଆଇସି ସିପି କମ୍ବୁପାଣି ପାଣିଗ୍ରାହୀ, ସିଏମ୍‌ଏମୟୁ ସୁଧାଂଶୁ ମୋହନ ହୋତା, ଟେକ୍ସ କଲେକ୍ଟର ବାଇଧର ମଲିକ, ୮ନଂ କାଉନସିଲର ରଶ୍ମିତା ପାଢ଼ି, ୧୦ନଂ କାଉନସିଲର ରୀନା କୁମାରୀ ପଣ୍ଡା, ୧୧ନଂ କାଉନସିଲର ନାରାୟଣ ଡାକୁଆ, ୧୨ନଂ କାଉନସିଲର ଗୀତା ନାୟକ, ଓ ସମସ୍ତ ଅର୍ମଚାରୀ ଉପସ୍ଥିତ ଥିଲେ ।



# ମହାଭାରତ ଅଞ୍ଚଳ କଥା

ଆପଣା ମାଟିର କଥା ଓ ବ୍ୟଥା






# ଗଜପତିରେ ଶୀତଳ ଭଣ୍ଡାର ନଥିବାରୁ ପନିପରିବା ଦର ନିୟନ୍ତ୍ରଣରେ ରହୁନାହିଁ

## ସରକାର ଶୀତଳ ଭଣ୍ଡାର କରିଲେ ଋଷୀ ଓ ଜନସାଧାରଣ ଉପକୃତ ହେବେ

ଗଜପତି(ମହାଭାରତ): ଗଜପତି ଜିଲ୍ଲା ଏକ ଆଦିବାସୀ ଅଧ୍ୟୁଷିତ ଜିଲ୍ଲା ଭାବେ ପରିଚିତ। ରାଜ୍ୟ ସରକାର ପ୍ରତି ବ୍ଲକରେ ଶୀତଳ ଭଣ୍ଡାର ନିର୍ମାଣ ସକାଶେ ଘୋଷଣା କରିଥିଲେ କିନ୍ତୁ ପାରଳାଖେମୁଣ୍ଡି ଠାରେ ଥିବା ଏକ ଶୀତଳ ଭଣ୍ଡାରଟି ଶୀତଳ ଅବସ୍ଥାରେ ପଡି ରହିଛି । କାର୍ଯ୍ୟକ୍ଷମ ହୋଇପାରୁ ନାହିଁ ଯାହା ଫଳରେ ଋଷୀ ଓ ଜନ ସାଧାରଣ ନାହିଁ ନଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି ।ପଛୁଆ ଜିଲ୍ଲା ଭାବେ ପରିଚିତ ଗଜପତିରେ ଗୋଟିଏ ହେଲେ କଳ କାରଖାନା ନାହିଁ। ଜିଲ୍ଲାର ପ୍ରାୟ ୮୦ ପ୍ରତିସତ ଲୋକ



କୃଷି ଉପରେ ନିର୍ଭର କରି ଜୀବିକା ନିର୍ବାହ କରୁଛନ୍ତି। ସେମାନଙ୍କ ମଧ୍ୟରୁ କେତେକ ପନିପରିବା ଋଷ କରୁଥିବା ବେଳେ ଜିଲ୍ଲାର ୭ଟି ବ୍ଲକ ମଧ୍ୟରୁ ୫ ଟି ବ୍ଲକ ଆଦିବାସି ଅଧ୍ୟୁଷିତ ଦୁର୍ଗମ ପାହାଡିଆ ଜଙ୍ଗଲ ଅଞ୍ଚଳ ହୋଇ ଥିବା ଯୋଗୁଁ ତେନ୍ତୁଳି, ପଣସ ,ଆମ୍ବ , ସପୁରି, କମଳା,ଲେମ୍ବୁ, ପିଜୁଳି, ମକା ଇତ୍ୟାଦି ପ୍ରଚୁର ପରିମାଣରେ ଆଦାୟ ହୋଇଥା ।ଋଷି ନିଜର ଉତ୍ପାଦନ କରୁଥିବା ଜିନିଷର ସୁରକ୍ଷା ତଥା ସୁରକ୍ଷିତ ଭାବେ ରଖିବା ଉଦ୍ଦେଶ୍ୟ ନେଇ ରାଜ୍ୟ ସରକାର ୧୯୬୬ ମସିହାରେ ଏକ ଶୀତଳ ଭଣ୍ଡାର ପାରଳାଖେମୁଣ୍ଡିରେ ନିର୍ମାଣ ହୋଇ ଥିଲା। ଏଥିରେ ୬୫୦୦ କ୍ୟୁଣ୍ଟାଲ ସାମଗ୍ରୀ ରଖିବାର ସାମର୍ଥ୍ୟ ଥିଲା। ଋଷୀ ମାନେ ଏଠାରେ ନିଜ ଉତ୍ପାଦିତ ସାମଗ୍ରୀ ରଖି ପାରୁଥିଲେ ଓ ସେହି ଅନୁସାରେ ଲାଭବାନ ହେଉଥିଲେ। ବର୍ତ୍ତମାନ ତାହା ଅଚଳ ହୋଇ ପଡ଼ିଛି ଯନ୍ତ୍ର ପାତି ଖତ ଖାଇବା ସହ କୋଠା ମଧ୍ୟ ନଷ୍ଟ ହେବାରେ ଲାଗିଛି। ସେହି ଶୀତଳ ଭଣ୍ଡାରଟି ଜିଲ୍ଲାବାସୀଙ୍କ କାର୍ଯ୍ୟରେ ଲାଗୁନାହିଁ। ଯଦି ଶୀତଳ ଭଣ୍ଡାରଟି ଥିଲେ। ଆଳୁ ପିଆଜ ଆଦାୟ ସମୟରେ କମ ଦାମ୍ ରେ କିଣି ଗଚ୍ଛିତ ରଖିବାରେ ସକ୍ଷମ ହୋଇ ପାରିଥାନ୍ତା । ପନିପରିବା ନିଅଣ୍ଟ ହେଉଥିବା ଯୋଗୁଁ ପଡ଼ୋଶୀ ଆନ୍ଧ୍ରପ୍ରଦେଶରୁ ଅଣାଯାଇ ବିକ୍ରୀ କରାଯାଉଛି। ଯାଞ୍ଚ ଦ୍ୱାରା ଦର ବୃଦ୍ଧି ଘଟୁଛି। ଶୀତଳ ଭଣ୍ଡାରଟି ଥିଲେ କିଛି ମାତ୍ରାରେ ଦରଦାମ ନିୟନ୍ତ୍ରଣ ହୋଇ ପାରିଥାନ୍ତା କୃଷି ପ୍ରଧାନ ଗଜପତି ଜିଲ୍ଲାବାସୀଙ୍କ ସ୍ୱାର୍ଥକୁ ଦୃଷ୍ଟିରେ ରଖି ନୂତନ ସରକାର ବା ଲୋକଙ୍କ ସରକାର ଗଜପତି ଜିଲ୍ଲାରେ ନୂତନ ଭାବେ ଶୀତଳ ଭଣ୍ଡାର ନିର୍ମାଣ କରିଲେ ଋଷି ଓ ଜନସାଧାରଣ ଉପକୃତ ହୋଇପରିଥାନ୍ତେ । ଜିଲ୍ଲାର ୭ଟି ବ୍ଲକରେ ଶୀତଳ ଭଣ୍ଡାର ନିର୍ମାଣ କରିଲେ ଜିଲ୍ଲା ବାସୀ ଉପକୃତ ହୋଇ ପାରିବେ ତତ ସଙ୍ଗେ ସଙ୍ଗେ କମ ଦାମରେ ପନିପରିବା ପାଇ ପାରିବେ ଓ ଦର ନିୟନ୍ତ୍ରଣ ରହି ପାରିବ ବୋଲି ସାଧାରଣରେ ମତ ପ୍ରକାଶ ପାଉଛି ।

# ସ୍କୁଲ ପାଲଟିଛି ମଦୁଆଙ୍କ ଆଡ୍ଡା ସ୍ଥଳୀ

ଅନୁଗୋଳ,(ମହାଭାରତ):ହିନ୍ଦୋଳ ବ୍ଲକ ଅନ୍ତର୍ଗତ ଆମନା ସଞ୍ଜପଡ଼ା ଉଚ୍ଚ ବିଦ୍ୟାଳୟ ପରିସର ଭିତରେ ବିଦ୍ୟାଳୟ ର କିଛି ସହକର୍ମୀ ଓ ଅସାମାଜିକ ଯୁବକ ମଦ୍ୟ ପାନ କରି ଭୋଜି ଭାତ ଖାଉ ଏକ ଭିଡିଓ ସୋସିଆଲା ମିଡ଼ିଆରେ ଘୁରୀ ବୁଲୁଛି ।ବିଶେଷ ସୂତ୍ରରୁ ଜଣାପଡ଼ିଛି ଯେ ଗ୍ରାମର କିଛି ଲୋକ ଗତକାଲି ରାତ୍ରି ରେ ସଂଜପଡ଼ା ଗ୍ରାମର କିଛି ଗଜସାଥି ଭାଇ ମାନେ ହାତୀ ଉପଦ୍ରବ ଓ ହାତୀଙ୍କ ଆକ୍ରମଣରୁ ରକ୍ଷା ପାଇବା ପାଇଁ ରାତ୍ରି ପେଟ୍ରୋଲିଂ କରୁଥିଲେ ।ପେଟ୍ରୋଲିଂ ସମୟରେ ଦେଖିବାକୁ ପାଇଲେ ଯେ ବିଦ୍ୟାଳୟ ପରିସର ମଧ୍ୟରେ କିଛି ଯୁବକ ଓ ବିଦ୍ୟାଳୟ ର କିଛି ସହକର୍ମୀ ମଦ୍ୟ ପାନ କରି ଭୋଜି ଭାତ କରି ଖାଉଛନ୍ତି ।ବିଦ୍ୟାଳୟ ହେଉଛି ପବିତ୍ର ଗୃହ ଯେଉଁ ଠାରୁ କି ଛାତ୍ର ଛାତ୍ରୀ ଜୀବନ ଆଗାମୀ ଭବିଷ୍ୟତ ଜୀବନ ସୃଷ୍ଟି ହୋଇଥାଏ ।ବଡ଼ ପରିତାପର ବିଷୟ ଯେ ବିଦ୍ୟାଳୟ ପରି ଏକ ପବିତ୍ର ଗୃହ ଭିତରେ ଯେଉଁ ଭଳି ଭାବେ ବିଦ୍ୟାଳୟ ର କିଛି ସହକର୍ମୀ ଓ କିଛି ଅସାମାଜିକ ଯୁବକ ମଦ୍ୟ ପାନ କରି ବିଦ୍ୟାଳୟ ପରିସର ମଧ୍ୟରେ ରାତ୍ରି ରେ ଭୋଜି ଭାତ କରି ଆଡ୍ଡା ଜମାଇବା ଏକ ନିନ୍ଦନୀୟ ଘଟଣା।

# ପ୍ରସିଦ୍ଧ ବିଶ୍ୱକର୍ମା ପୂଜା ର ସୁରକ୍ଷା ଓ ଶାନ୍ତି ଶୃଙ୍ଖଳାର ବୈଠକ

ଅନୁଗୋଳ,(ମହାଭାରତ): ଗତକାଲି ନାଲକୋ ର ପ୍ରଶାସନିକ ଭବନ ଠାରେ ଆସନ୍ତା ୧୬ ରୁ ୨୩ ସେପ୍ଟେମ୍ବର ରେ ହେବାକୁ ଥିବା ପ୍ରସିଦ୍ଧ ବିଶ୍ୱକର୍ମା ପୂଜାରେ ସୁରକ୍ଷା, ଶାନ୍ତି ଶୃଙ୍ଖଳା ଓ ସଡ଼କ ସୁରକ୍ଷା ସମ୍ବନ୍ଧୀୟ ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି। ଉକ୍ତ ବୈଠକ ରେ ମୁଖ୍ୟ ଅତିଥି ଭାବେ ମାନବ ସମ୍ବଳ ମହା ପ୍ରବନ୍ଧକ ଶ୍ରୀ ଶୁଭେନ୍ଦୁ କୁମାର ନାୟକ ଙ୍କ ଅଧ୍ୟକ୍ଷତାରେ ଜିଲ୍ଲା ଆରକ୍ଷୀ ଅଧିକ୍ଷକ ଙ୍କ ପ୍ରତିନିଧି ତଥା ନାଲକୋନଗର ଥାନା ଅଧିକାରୀ ଶ୍ରୀ ଗଙ୍ଗାଧର ବେହେରା, ଶ୍ରୀ ଏସ୍ କେ ପାଢ଼ୀ, ସି ଆଇ ଏସ ଏଫ୍ ଅଧିକାରୀ ଶ୍ରୀ କେ ସି ମୁଣ୍ଡ, କେ ଏସ ଏସ ଏ ଅଧିକାରୀ ଶ୍ରୀ ପି କେ ସାହୁ , ଶ୍ରୀ ସୁଧାଂଶୁ ପତି ଓ ୱେଲଫେୟାର କମିଟିର ସଦସ୍ୟ ବୃନ୍ଦ ଉପସ୍ଥିତ ଥିଲେ। ଇଷ୍ଟେଟ ଓ ୱେଲ୍ ଫେୟାର ଅଧିକାରୀ ଶ୍ରୀ କେଦାର ସିଂହ ବୈଠକଟିକୁ ପରିଋଳନା କରିଥଲେ। ପ୍ରସିଦ୍ଧ ବିଶ୍ୱକର୍ମା ପୂଜା ଆସନ୍ତା ୧୬ତାରିଖ ଠାରୁ ଆରମ୍ଭ ହୋଇ ୨୨ପର୍ଯ୍ୟନ୍ତ ଋଲିବ ଓ ଭସାଣି ୨୩ ତାରିଖ ସଂଧ୍ୟା ୭ ଟା ମଧ୍ୟରେ ସରିବ ବୋଲି ବୈଠକ ରେ ନିଷ୍ପତି ନିଆଯାଇଛି ।ପଲ୍ଲୀଶ୍ରୀ ମେଳା ୧୫ ରୁ ୨୩ ପର୍ଯ୍ୟନ୍ତ ହେବା ସହ ସାଂସ୍କୃତିକ କାର୍ଯ୍ୟକ୍ରମ ଋଲିବାର ନିଷ୍ପତ୍ତି ହୋଇଛି। ସୁରକ୍ଷା,ଶାନ୍ତି, ଶୃଙ୍ଖଳା ପାଇଁ ବାହିନୀ ର ୩୦୦ , ସି ଆଇ ଏସ ଏଫ୍ ର ୬୦, ଘରୋଇ ସୁରକ୍ଷା ସଂସ୍ଥା ର ୮୦ ଜଣ କର୍ମଋରୀ ନିୟୋଜିତ ରହିବେୟ ସାଧା ପୋଷାକ ରେ ସୁରକ୍ଷା କର୍ମୀ ଓ ପର୍ଯ୍ୟାପ୍ତ ପରିମାଣ ର ସି ସି ଟିଭି ଦ୍ୱାରା ଅସାମାଜିକ ବ୍ୟକ୍ତି ଓ ଚୋର ଙ୍କ ପ୍ରତି କଡ଼ା ନଜର ରଖିବେ।

# ଉଦଳା ବିଜ୍ଞାପିତ ଅଞ୍ଚଳ ପରିଷଦ ତରଫରୁ ସ୍ୱାୟତ୍ତ ଶାସନ ଦିବସ

ଉଦଳା-(ମହାଭାରତ): ଉଦଳା ବିଜ୍ଞାପିତ ଅଞ୍ଚଳ ପରିଷଦ ତରଫରୁ ନିଖିଳ ଭାରତ ସ୍ୱୟତ୍ତ ଶାସନ ଦିବସ ମହାସମାରୋହରେ ପାଳିତ ହୋଇଯାଇଛି । ଉକ୍ତ କାର୍ଯ୍ୟକ୍ରମରେ ସର୍ବପ୍ରଥମେ ପ୍ରାତଃ ୫ ଘଟିକା ସମୟରେ ଉପଖଣ୍ଡ ସୂଚନା ଓ ଲୋକ ସମ୍ପର୍କ ବିଭାଗ ଆନୁକୂଲ୍ୟରେ ଏନ୍.ଏ.ସି. ଅଞ୍ଚଳରେ ଡ଼ାକବାଜି ଯନ୍ତ୍ର ଦ୍ୱାରା ରାମଧୂନ ପରିବେଷଣ କରାଯାଇଥିଲା । ତତ୍ପରେ ବିଭିନ୍ନ ବିଦ୍ୟାଳୟର ଛାତ୍ରଛାତ୍ରୀ ମାନେ ପ୍ରଭାତ ଭେରୀ ସଭାଯାତ୍ରାରେ ବାହାରି ବିଭିନ୍ନ ଧ୍ୱନି ମାନ ଦେଇ ଥାନା ଛକ ଉତ୍କଳମଣି ଗୋପବନ୍ଧୁଙ୍କ ପ୍ରତିମୂର୍ତ୍ତୀ ନିକଟରେ ଏକତ୍ରିତ ହେବା ପରେ ସକାଳ ଘ.୭.୩୦ମି. ସମୟରେ ଛାତ୍ରଛାତ୍ରୀଙ୍କ ଗହଣରେ ଏନ୍.ଏ.ସି. ଅଧକ୍ଷା ପ୍ରମିଳା ପଣ୍ଡା, ଉପାଧକ୍ଷା, ଲିଲି ଭୋଳ, ବିଭିନ୍ନ ୱାର୍ଡ କାଉନସିଲର, ଉପଖଣ୍ଡ ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ସରୋଜ କୁମାର ପ୍ରଧାନ, ବିଭିନ୍ନ ଗଣମାଧ୍ୟମ ପ୍ରତିନିଧି ଏବଂ ମାନ୍ୟଗଣ୍ୟ ବ୍ୟକ୍ତିଙ୍କ ଉପସ୍ଥିତିରେ ଗୋପବନ୍ଧୁଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟ ତଥା ଧୂପ ଦୀପ ଅର୍ପଣ କରିବା ପରେ ମଧୁବାବୁ ଏବଂ ବିର୍ସାମୁଣ୍ଡାଙ୍କ ପ୍ରତିମୂର୍ତ୍ତୀରେ ମାଲ୍ୟାର୍ପଣ ଆଦି କରାଯାଇଥିଲା ।

# ନ୍ୟାୟ ପାଇଁ ଜିଲ୍ଲା ଆରକ୍ଷୀ ଅଧିକ୍ଷକ ଙ୍କ ଦ୍ୱାରସ୍ଥ ହେଲେ ମହିଳା

ଅନୁଗୋଳ,(ମହାଭାରତ): ଖମାର ଥାନା ଅଧିକାରୀଙ୍କ ବିରୁଦ୍ଧରେ ଅନୁଗୋଳ ଏସ.ପି.ଙ୍କ ନିକଟରେ ଅଭିଯୋଗ କଲେ କୋଚିଆବେଡା ନିବାସୀ ମୃତକ ଅଜୟ ସେଠିଙ୍କ ସ୍ତ୍ରୀ ରଶ୍ମିତା ସେଠି । ସୂଚନା ଅନୁସାରେ ଗତ ମାସ ଅର୍ଥାତ ଜୁଲାଇ ୧୩ ତାରିଖ ରାତ୍ର ପ୍ରାୟ ଆଠ ଘଟିକା ସମୟରେ କୋଚିଆବେଡା ଗ୍ରାମର ଜଗନ୍ନାଥ ସଏ ଙ୍କ ପୁଅ ମଙ୍ଗଲ ସଏ ସେହି ଗ୍ରାମର ଅଜୟ ସେଠିଙ୍କୁ ଗାଡ଼ିରେ ହେଲ୍ପର ରହିବା ପାଇଁ ଘରୁ ଡାକି ନେଇଥିଲେ। କିନ୍ତୁ ଅଜୟ ସେଠିଙ୍କ ପରିବାର ତାପର ଦିନ ସକାଳୁ ଖବର ପାଇଲେ ଯେ ଅଜୟ ସେଠି ପଣତମୁଣ୍ଡା ପୋଲ ତଳେ ଅଚେତ ହୋଇ ପଡିଛି। ତୁରନ୍ତ ତାଙ୍କ ପରିବାର ଲୋକ ଉଦ୍ଧାର କରି ଖମାର ମେଡିକାଲରେ ଆଶୁ ଚିକିତ୍ସା କରି ଅନୁଗୋଳ ମେଡିକାଲ ନେଇଥିଲେ। ଅନୁଗୋଳ ଜିଲ୍ଲା ଚିକିତ୍ସାଳୟ ର ଡାକ୍ତର ତାଙ୍କୁ କଟକ ବଡ଼ ମେଡିକାଲ କୁ ରେଫର କରିଥିଲେ । କଟକ ବଡ଼ ମେଡିକାଲରେ ଅଜୟ ସେଠି ର ଚିକିତ୍ସା ଋଲିଥିବା ବେଳେ ଅଜୟ କହିଲେ କି, ଆଉ ବଂଚିବିନି, ମଙ୍ଗଲ ସଏ ମାରପିଟ କରି ପୋଲ ତଳେ ପକେଇ ଦେଇଥିଲା, ଯଦି ମୃତ୍ୟୁ ହୁଏ, ସେଥିପାଇଁ ମଙ୍ଗଲ ସଏ ଦାୟୀ ହେବ ।ଅଜୟ ସେଠି ଏହା କହି କିଛି ସମୟ ପରେ ମୃତ୍ୟୁ ବରଣ କଲେ । ଅନ୍ୟ ପକ୍ଷରେ ଉକ୍ତ ଘଟଣା ପରଠାରୁ ମଙ୍ଗଲ ସଏ ଫେରାର ଅଛି । ମୃତକ ଅଜୟ ସେଠିଙ୍କ ପରିବାର ଖମାର ଥାନାରେ ଲିଖିତ ଅଭିଯୋଗ କରିଥିଲେ ମଧ୍ୟ ଫଳ ଶୂନ । ଖମାର ଥାନା ଅଧିକାରୀ କହିଲେ କି ପୋଷ୍ଟ ମଟମ ରିପୋର୍ଟ ଆସୁ, ପୋଷ୍ଟ ମଟମ ରିପୋର୍ଟ କୁ ଅପେକ୍ଷା କରି ମୃତକ ଅଜୟ ଙ୍କ ପରିବାର ରହିଲେ । ରିପୋର୍ଟ ଆସିବାରୁ ଖମାର ଥାନା ଅଧିକାରୀ ଙ୍କୁ ଦେଲେ ସେ ତଦନ୍ତ କରାଯିବ କହି ଚୁପ୍ ରହିଲେ । ଏମିତି ହୋଇ ତିନି ଦିନ ବିତିଗଲା । ବାଧ ହୋଇ ମୃତକ ଅଜୟ ସେଠିଙ୍କ ସ୍ତ୍ରୀ ରଶ୍ମିତା ସେଠି ଓ ପରିବାର ଆଜି ଅନୁଗୋଳ ଏସ. ପି ଙ୍କୁ ଅଭିଯୋଗ କରିବାରୁ ଏସ ପି କହିଲେ କି ଦୁଇ ଦିନ ମଧ୍ୟରେ ଦୋଷୀ ବିରୁଦ୍ଧରେ କାର୍ଯ୍ୟାନୁଷ୍ଠାନ ନିଆଯିବ । ଯଦି ଦୁଇଦିନ ମଧ୍ୟରେ ନ୍ୟାୟ ନ ମିଳେ, ତାହେଲେ ଜିଲ୍ଲାପାଳଙ୍କ ଅଫିସରେ ଗୁହାରି କରିବୁ ବୋଲି ମୃତକଙ୍କ ମା ଗଣ ମାଧ୍ୟମ ସାମ୍ନାରେ ପ୍ରକାଶ କରିଛନ୍ତି ।

# ପାରଳାଖେମୁଣ୍ଡି ପୋର ପରିଷଦ ପକ୍ଷରୁ ନିଖିଳ ଭାରତ ସ୍ୱାୟତ୍ତ ଶାସନ ଦିନସ ୨୦୨୪ ପାଳିତ



ଗଜପତି(ମହାଭାରତ): ଗଜପତି ଜିଲ୍ଲା ସଦର ମହକୁମା ପାରଳାଖେମୁଣ୍ଡି ସ୍ଥିତ ପୋର ପରିଷଦ କାର୍ଯ୍ୟାଳୟରେ ପୋର ପରିଷଦ ପକ୍ଷରୁ ନିଖିଳ ଭାରତ ସ୍ୱୟତ୍ତ ଶାସନ ଦିବସ ୨୦୨୪ ପାଳିତ ହୋଇ ଯାଇଛି। ସକାଳୁ ସହରର ସମସ୍ତ ବରପୁତ୍ରମାନଙ୍କ ପ୍ରତିମର୍ତ୍ତିରେ ପୁଷ୍ପଲ୍ୟାର୍ପଣ କରାଯାଇ ଥିଲା। ପୋର ପରିଷଦରେ ଥିବା ମହାରାଜା ଶ୍ରୀ କୃଷ୍ଣଚନ୍ଦ୍ର ଗଜପତି ମହାରାଜାଙ୍କ ପ୍ରତିମୂର୍ତ୍ତିରେ ପୋର ପରିଷଦ ଅଧକ୍ଷା ନିର୍ମଳା ସେଠୀ ପୁଷ୍ପମାଲ୍ୟାର୍ପଣ କରିଥିଲେ। ମହାତ୍ମା ଗାନ୍ଧୀଙ୍କ ଫୋଟ ଚିତ୍ରରେ ପୁଷ୍ପଲ୍ୟାର୍ପଣ ପ୍ରଦାନ କରିଥିଲେ। ପରେ ପୋର ପରିଷଦ ଅଧକ୍ଷା ନିର୍ମଳା ସେଠୀଙ୍କ ଦ୍ୱାରା ଜାତୀୟ ପତାକା ଉତ୍ତୋଳନ କରାଯାଇଥିଲା। ପୋର ପରିଷଦ ଅଧକ୍ଷା ଜନସାଧାରଣଙ୍କୁ ଉଦବୋଧନ ଦେଇଥିଲେ। ପରେ ପୋର ପରିଷଦ କାର୍ଯ୍ୟ ନିର୍ବାହୀ ଅଧିକାରୀ ଗୌର ପଟ୍ଟନାୟକ ଜନ ସାଧାରଣଙ୍କୁ ଉଦବୋଧନ ପ୍ରଦାନ କରିଥିଲେ ।ଏହି କାର୍ଯ୍ୟକ୍ରମରେ ପୋର ପରିଷଦ ଉପାଧକ୍ଷ ଲେଙ୍କା ମଧୁଙ୍କ ସମେତ ମ୍ୟୁନିସିପାଲଟି ଇଂଜିନିୟର,କର୍ମଋରୀ ବୃନ୍ଦ, କାଉନସିଲର,ସ୍ୱଚ୍ଛସାଥି ସଫେଇ କର୍ମଋରୀ ଓ ଗଣମାଧମ ପ୍ରତିନିଧିମାନେ ଉପସ୍ଥିତ ଥିଲେୟସନ୍ଧ୍ୟା ସମୟରେ ସାଂସ୍କୃତିକ କାର୍ଯ୍ୟକ୍ରମ ରହିଛି।

# ୩୦ତମ ଗୁରୁ କେଳୁଚରଣ ମହାପାତ୍ର ସମ୍ମାନ ମହୋତ୍ସବ ୨୦୨୪

## କଳା କ୍ଷେତ୍ରକୁ ପରିପୂର୍ଣ୍ଣ କରିବାରେ ୩୦ ବର୍ଷ

ଭୁବନେଶ୍ୱର(ମହାଭାରତ) : ଶ୍ରୀ ଶ୍ରୀ ବିଶ୍ୱବିଦ୍ୟାଳୟର ଆନୁଷ୍ଠାନିକ ସହଯୋଗରେ କଳା କ୍ଷେତ୍ରରେ ଉତ୍କର୍ଷତା ପାଇଁ ଉତ୍ସର୍ଗୀକୃତ ତିନି ଦଶନ୍ଧିକୁ ପାଳନ କରି ସୃଜନ-ଗୁରୁ କେଳୁଚରଣ ମହାପାତ୍ର ଓଡ଼ିଶୀ ନୃତ୍ୟବାସା ପକ୍ଷରୁ ଏହାର ବାର୍ଷିକ ଶାସ୍ତ୍ରୀୟ ନୃତ୍ୟ ଓ ସଙ୍ଗୀତ ମହୋତ୍ସବର ଆୟୋଜନ କରାଯିବ। ଆସନ୍ତା ସେପ୍ଟେମ୍ବର ୫ରୁ ୧୧ ତାରିଖ ପର୍ଯ୍ୟନ୍ତ ରବିନ୍ଦ୍ର ମଣ୍ଡପଠାରେ ପ୍ରତିଦିନ ସନ୍ଧ୍ୟା ୭ଟାରେ, ଓଡିଶାର ଶାସ୍ତ୍ରୀୟ କ୍ୟାଲେଣ୍ଡରରେ ଏକ ଅଗ୍ରଗାମୀ ସାଂସ୍କୃତିକ କାର୍ଯ୍ୟକ୍ରମ, ୩୦ ତମ ଗୁରୁ କେଳୁଚରଣ ମହାପାତ୍ର (ଜିକେସିଏମ) ସମ୍ମାନ ମହୋତ୍ସବ ୨୦୨୪ ଅନୁଷ୍ଠିତ ହେବ। ନୃତ୍ୟ ଏବଂ ସଙ୍ଗୀତରେ ଆମର ଶାସ୍ତ୍ରୀୟ ପରମ୍ପରାଗୁଡ଼ିକ ବିଷୟରେ ସଚେତନତା ସୃଷ୍ଟି କରିବା ଏବଂ ବଜାୟ ରଖିବାର ଏକ ସ୍ୱତନ୍ତ୍ର ଲକ୍ଷ୍ୟ ସହିତ ଏହି ସମ୍ମାନ ମହୋତ୍ସବ ସବୁବେଳେ ଆୟୋଜିତ ହୋଇଆସୁଛି । ପ୍ରତିବର୍ଷ ୫ ଦିନ ପାଇଁ ପରିଚାଳିତ ହେଉଥିବା ଏହି ମହୋତ୍ସବକୁ ଚଳିତ ବର୍ଷ ପାଇଁ ୭ ଦିନ ପରିଚାଳନା କରାଯିବ । ୬ ଦିନ ପର୍ଯ୍ୟନ୍ତ ମନ୍ତ୍ରମୁଗ୍ଧକାରୀ ନୃତ୍ୟ ଓ ସଙ୍ଗୀତ ପ୍ରଦର୍ଶିତ ହେବା ପରେ ୭ମ ବା ଅନ୍ତିମ ଦିନରେ ଏହି ପ୍ରତିଷ୍ଠିତ ସମ୍ମାନ ପ୍ରଦାନ ସମାରୋହର ଆୟୋଜନ କରାଯିବ ଏବଂ ଗୁରୁ ରତିକାନ୍ତ ମହାପାତ୍ରଙ୍କ ପ୍ରଖ୍ୟାତ ଅନୁଷ୍ଠାନ ସୃଜନର ନୃତ୍ୟଶିଳ୍ପୀଙ୍କ ଦ୍ୱାରା ଓଡ଼ିଶୀ ନୃତ୍ୟ ପରିବେଶିତ ହେବ। ଏହା ସମ୍ପର୍କରେ ଗୁରୁ ରତିକାନ୍ତ ମହାପାତ୍ର କହିଛନ୍ତିଯେ, ଚଳିତ ବର୍ଷ ଭାରତ ଏବଂ ବିଶେଷ କରି ଓଡ଼ିଶାର ସମୃଦ୍ଧ ଏବଂ ବିବିଧ ସାଂସ୍କୃତିକ କ୍ଷେତ୍ରର ଚାରି ଜଣ ପ୍ରତିଷ୍ଠିତ ବ୍ୟକ୍ତିତ୍ୱଙ୍କୁ ଏହି ସମ୍ମାନ ପ୍ରଦାନ କରାଯିବ। ଗୁରୁ କେଳୁଚରଣ ମହାପାତ୍ର ସମ୍ମାନ




୨୦୨୪ରେ ଏକ ଲକ୍ଷ ଟଙ୍କାର ପୁରସ୍କାର ରାଶି ଏବଂ ମାନପତ୍ର ସାମିଲ ରହିଛି ଯାହାକୁ ଓଡିଶୀ ନୃତ୍ୟ କ୍ଷେତ୍ରରେ ନିଜର ଅପାର ଯୋଗଦାନ ପାଇଁ ଶ୍ରୀମତି କୁମ୍‌କୁମ ଲାଲ, ସଙ୍ଗୀତ ଓ ବାଦନ କ୍ଷେତ୍ରରେ ସେମାନଙ୍କ ଜୀବନବ୍ୟାପୀ ସଫଳତା ପାଇଁ ଗୁରୁ ଲକ୍ଷ୍ମୀକାନ୍ତ ପାଳିତ ଓ ଗୁରୁ ଧନେଶ୍ୱର ସ୍ୱାଇଁଙ୍କୁ ଏବଂ ଓଡିଆ ସିନେମା ଜଗତକୁ ତାଙ୍କର ଉଲ୍ଲେଖନୀୟ ଅବଦାନ ପାଇଁ ଶ୍ରୀ ଉତମ ମହାନ୍ତିଙ୍କୁ ଏହି ସମ୍ମାନ ପ୍ରଦାନ କରାଯିବ। ଏହାଛଡା ୨୫୦୦୦ ଟଙ୍କାର ନଗଦ ପୁରସ୍କାର ଓ ଏକ ମାନପତ୍ର ସହିତ ଶାସ୍ତ୍ରୀୟ ନୃତ୍ୟ ଓ ଓଡ଼ିଶୀ ସଙ୍ଗୀତ କ୍ଷେତ୍ରରେ ୪୦ ବର୍ଷରୁ କମ୍ ବୟସର ୪ ଜଣ ଅସାଧାରଣ ପ୍ରତିଭାବାନ କଳାକାରଙ୍କୁ ସେମାନଙ୍କ ଉଲ୍ଲେଖନୀୟ ପ୍ରଦର୍ଶନକୁ ସ୍ୱୀକୃତି ପ୍ରଦାନ କରିବା ପାଇଁ ଗୁରୁ କେଳୁଚରଣ ମହାପାତ୍ର ଯୁବ ପ୍ରତିଭା ସମ୍ମାନ୨୦୨୪ ପ୍ରଦାନ କରାଯିବ। ଓଡ଼ିଶୀ ନୃତ୍ୟ ପାଇଁ ପମ୍ପି ପାଲ୍ ଓ ରାଜନୀତା ମେହେରଙ୍କୁ ମଧ ଏହି ପୁରସ୍କାର ପ୍ରଦାନ କରାଯିବ ଏବଂ କୁଚିପୁଡି ନୃତ୍ୟ ପାଇଁ ଅଭିଜିତ୍ ଦାସ ଏବଂ ଓଡ଼ିଶୀ ସଙ୍ଗୀତ (ମର୍ଦ୍ଦଳ) ପାଇଁ ରୋହିତା ପ୍ରଧାନଙ୍କୁ ଏହି ସମ୍ମାନ ପ୍ରଦାନ କରାଯିବ। ପ୍ରଖ୍ୟାତ ଗାୟକ ଚନ୍ଦନ ଦାସଙ୍କ ଦ୍ୱାରା ଗଜଲ ଗାୟନ ସହିତ ଉଦ୍ଘାଟନୀ ସନ୍ଧ୍ୟା ଆରମ୍ଭ ହେବ। ଦ୍ୱିତୀୟ ଦିନରେ ଖ୍ୟାତନାମା ଭାରତନାଟ୍ୟମ୍ ପ୍ରଦର୍ଶକ ବୈଭବ ଆରେକର ଏବଂ ତାଙ୍କର ସଂଖ୍ୟା ଡ୍ୟାନ୍ସ କମ୍ପାନୀ କିମ୍ବଦନ୍ତୀ ଶିବାଜୀ ମହାରାଜଙ୍କ ଜୀବନ ଏବଂ ସମୟର କାହାଣୀ ପ୍ରତି ଏକ ଶ୍ରଦ୍ଧାଳି ଭାବେ ଶ୍ରୀମନ୍ତ ଯୋଗୀ ଉପସ୍ଥାପନ କରିବେ। ତୃତୀୟ ସନ୍ଧ୍ୟାରେ ପ୍ରସିଦ୍ଧ ଗାୟକ କଲାଇମାମଣି ଓଏସ୍ ଅରୁଣଙ୍କ ଦ୍ୱାରା ଏକ କାର୍‌ନାଟିକ୍ ଶାସ୍ତ୍ରୀୟ ସଙ୍ଗୀତ ପରିବେଶିତ ହେବ। ବିଶିଷ୍ଟ ସଙ୍ଗୀତଜ୍ଞ ଅମ୍ବି ଏବଂ ବିନ୍ଦୁ ସୁବ୍ରମଣ୍ୟମ୍‌ଙ୍କ ନେତୃତ୍ୱାଧୀନ ସୁବ୍ରାମାନିଆ ମ୍ୟୁଜିକାଲ ଫ୍ୟୁଜନର ଏକ ଆକର୍ଷଣୀୟ ସନ୍ଧ୍ୟାରେ ଦର୍ଶକଙ୍କୁ ବିମୋହିତ କରିବ। ପରବର୍ତୀ ସନ୍ଧ୍ୟାରେ ପ୍ରଖ୍ୟାତ ହିନ୍ଦୁସ୍ତାନୀ ବଂଶୀବାଦକ ରାକେଶ ଚୌରାସିଆ, ପ୍ରସିଦ୍ଧ ତବଲା ବାଦକ ଓଜାସ ଆଧିଆଙ୍କ ସହ ପ୍ରଦର୍ଶନ କରିବେ। ଷଷ୍ଠ ସନ୍ଧ୍ୟାରେ ପ୍ରତିଷ୍ଠିତ କଥକ ନୃତ୍ୟଶିଳ୍ପୀ କୋଲକାତାର ଅସିମ ବନ୍ଧୁ ଭଟ୍ଟାଚାର୍ଜୀ ଓ ତାଙ୍କ ନୃତ୍ୟ ଅନୁଷ୍ଠାନ ଉପାସନା ସେଂଟର ଫର ଡାନ୍ସ ପକ୍ଷରୁ ମୁନଷ୍ଟ୍ରକ ପରିବେଷଣ କରାଯିବ । ଯଥାକ୍ରମେ ମିଡିଆ ପାର୍ଟନର ଏବଂ ୱେବ୍ ପାର୍ଟନର ଅଛନ୍ତି ।

# ଅନଲାଇନ ସାର୍ଟିଫିକେଟ ଦେଲାନାହିଁ ବିଦ୍ୟାଳୟ, ପାଠପଢ଼ାରୁ ବଞ୍ଚିତ ଛାତ୍ର

## ଛାତ୍ରର ଭବିଷ୍ୟତକୁ ନେଇ ଚିନ୍ତାରେ ଅଭିବାବକ

ନବରଙ୍ଗପୁର(ମହାଭାରତ): ରାଜ୍ୟ ସରକାର ଛାତ୍ରଛାତ୍ରୀ ମାନଙ୍କ ପାଠପଢ଼ାକୁ ନେଇ ଶିକ୍ଷାକୁ ଅଧିକ ଗୁରୁତ୍ୱ ଦେଉଥିବା ବେଳେ ଏପଟେ ଏକ ଘରେଇ ବିଦ୍ୟାଳୟର ମନମୁଖୀ କାର୍ଯ୍ୟ ଯୋଗୁଁ ଛାତ୍ରଛାତ୍ରୀ ମାନେ ପାଠପଢ଼ାରୁ ବଞ୍ଚିତ ହେଉଥିବା ଅଭିଯୋଗ ହୋଇଛି। ନବରଙ୍ଗପୁର ଜିଲ୍ଲା ତେନ୍ତୁଳିଖୁଣ୍ଟି ବ୍ଲକ ଅଲଗୁମା ପଞ୍ଚାୟତ ଚିତ୍ରକୋଟ ଗ୍ରାମର ବାବୁନା ଖୁରାର ପୁଅ ସାଲିପ୍ ରାଜ୍ ଖୁରା ଗତ (୨୨-୨୦୨୩) ବର୍ଷରେ କୋରାପୁଟ ଜିଲ୍ଲା ସେମିଳିଗୁଡ଼ା ଏକ ଘରୋଇ ବିଦ୍ୟାଳୟ (ଭିକାଶ କନଭେଣ୍ଟ ସ୍କୁଲରେ) ଚତୁର୍ଥ ଶ୍ରେଣୀରେ ନାମ ଲେଖାଇଥିଲେ।



୨୨-୨୦୨୩ ବର୍ଷରେ ସାଲିପ୍ ରାଜ୍ ଖୁରା ଚତୁର୍ଥ ଶ୍ରେଣୀ ଉତ୍ତୀର୍ଣ୍ଣ ହୋଇ ପଞ୍ଚମ ଶ୍ରେଣୀକୁ ପାସ କରିଥିଲେ। କିନ୍ତୁ ବିଦ୍ୟାଳୟରେ ଠିକରେ ପାଠପଢ଼ା ନ ହେବା ଏବଂ ଛାତ୍ରାବାସରେ ରହିବା ଖାଇବା,ବିଦ୍ୟାଳୟର ଅବ୍ୟବସ୍ଥା ହେତୁ ସାଲିପ୍ ରାଜ୍ ଖୁରାଙ୍କୁ ଅଭିବାବକ ସେହି ବିଦ୍ୟାଳୟରୁ ସାର୍ଟିଫିକେଟ ଉଠାଇ ଅନ୍ୟତ୍ର ନବରଙ୍ଗପୁର (ଥିଓଡର ପବ୍ଲିକ୍ ସ୍କୁଲରେ) ନାମ ଲେଖାଇ ଥିଲେ। କିନ୍ତୁ ପୂର୍ବ ବିଦ୍ୟାଳୟ ସେମିଳିଗୁଡ଼ାର (ଭିକାଶ କନଭେଣ୍ଟ ସ୍କୁଲ) କର୍ତ୍ତୃପକ୍ଷ କେବଳ ହାତଲେଖା ସାର୍ଟିଫିକେଟ ଦେଇ ଅନଲାଇନ ସାର୍ଟିଫିକେଟ ଯେଉଁ ବିଦ୍ୟାଳୟରେ ଆପଣଙ୍କ ପିଲାକୁ ନାମ ଲେଖାଇବ ଆମେ ପଠେଇ ଦେବୁ କହି ଅନଲାଇନ ସାର୍ଟିଫିକେଟ ଦେଇନଥିଲେ। ଅନଲାଇନ ସାର୍ଟିଫିକେଟର (ପେନ୍)ନମ୍ବର ନଥିବାରୁ ଛାତ୍ରର କେବଳ ଅଫଲାଇନ ରେ ନାମ ଲେଖା ହୋଇ ପାରିଥିଲା କିନ୍ତୁ ଅନଲାଇନ ରେ ହୋଇପାରି ନଥିଲା। ଅନଲାଇନରେ ପୁଅର ନାମ ଲେଖାଇବାକୁ ନେଇ ଛାତ୍ରର ଅଭିବାବକ ବାରମ୍ବାର ସେମିଳିଗୁଡ଼ା (ବିକାଶ କନଭେଣ୍ଟ ସ୍କୁଲ)କୁ ଯାଇ ଅନଲାଇନ ସାର୍ଟିଫିକେଟ ଦେବାକୁ ବହୁତ ଅନୁରୋଧ କରିଥିଲେ କିନ୍ତୁ ବିଦ୍ୟାଳୟ କର୍ତ୍ତୃପକ୍ଷ ନ ଶୁଣି ଆମେ ସମୟ ଆସିଲେ ତମ ପୁଅ ପଢୁଥିବା ବିଦ୍ୟାଳୟରେ ପଠେଇ ଦେବୁ କହି ନାଲି ଆଖି ଦେଖାଇ ଭୋଗେଇ ଦେଇଥିବା ଅଭିଯୋଗ ହୋଇଛି। ବର୍ତ୍ତମାନ ସାଲିପ୍ ରାଜ୍ ଖୁରା ନବରଙ୍ଗପୁର ଥିଓଡର ପବ୍ଲିକ୍ ସ୍କୁଲରେ ଷଷ୍ଠ ଶ୍ରେଣୀକୁ ଗଲାଣି କିନ୍ତୁ ବର୍ତ୍ତମାନ ସୁଦ୍ଧା ବିଦ୍ୟାଳୟରେ ଅନଲାଇନରେ ନାମ ଲେଖା ହୋଇପାରୁନି । ତେବେ ସେମିଳିଗୁଡ଼ା ରେ ଥିବା ଘରେଇ ବିଦ୍ୟାଳୟ (ଭିକାଶ କନଭେଣ୍ଟ ସ୍କୁଲର) ମନମୁଖୀ କାର୍ଯ୍ୟ ବିରୁଦ୍ଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ସହ ସାଲିପ୍ ରାଜ୍ ଖୁରାକୁ ନବରଙ୍ଗପୁର ଥିଓଡ଼ର ପବ୍ଲିକ୍ ସ୍କୁଲରେ କେମିତି ଅନଲାଇନ ରେ ନାମ ଲେଖା ହୋଇପାରିବ ସେଥି ପ୍ରତି ଦୃଷ୍ଟି ଦେବାକୁ ରାଜ୍ୟ ସରକାର ଏବଂ ପ୍ରଶାସନ କୁ ଛାତ୍ରର ଅଭିବାବକ ମାନେ ଅନୁରୋଧ କରିଛନ୍ତି।

# ରାଇରଙ୍ଗପୁରରେ ୬୪ତମ ନିଖିଳ ଭାରତ ସ୍ୱାୟତ୍ତ ଶାସନ ଦିବସ ପାଳିତ

ରାଇରଙ୍ଗପୁର (ମହାଭାରତ):ବିକଶିତ ଭାରତ ପାଇଁ ସହରାଞ୍ଚଳର ବିକାଶ ଯେମିତି ଏକ ଅବିଚ୍ଛେଦ୍ୟ ଅଙ୍ଗ, ଗଣତାନ୍ତ୍ରିକ ଶାସନ ପଦ୍ଧତି ରେ ସ୍ୱୟତ୍ତ ଶାସନ ବ୍ୟବସ୍ଥା ହେଉଛି କ୍ଷମତା ବିକେନ୍ଦ୍ରୀକରଣର ଏକ ଅଭିନ୍ନ ସୋପାନ. ଏହି ଐତିହାସିକ ବ୍ୟବସ୍ଥାକୁ ସ୍ମରଣୀୟ ଓ ଜନଆଦୃତ କରିବା ତଥା ଆଗାମୀ ଦିନରେ ଏହାକୁ ଆହୁରି ସୁଦୃଢ଼ କରିବା ସହିତ ବିଭିନ୍ନ କ୍ଷେତ୍ର ରେ ରାଇରଙ୍ଗପୁର ସହରାଞ୍ଚଳ ବିକାଶକୁ ତରାନ୍ୱିତ କରିବା ଲକ୍ଷ୍ୟ ନେଇ ଆଜି ରାଇରଙ୍ଗପୁର ପୌରପାଳିକା ତରଫରୁ ୬୪ତମ ନିଖିଳ ଭାରତ ସ୍ୱାୟତ୍ତ ଶାସନ ଦିବସ-୨୦୨୪ ମହାସମାରୋହ ରେ ପାଳିତ ହୋଇଯାଇଛି। ଏହି ଅବସରରେ ସକାଳ ୭ ଘଟିକା ସମୟରେ ପୌରପାଳିକା କାର୍ଯ୍ୟାଳୟ ପରିସରରେ ପୌରପାଳିକା ର କାର୍ଯ୍ୟନିର୍ବାହୀ ଅଧିକାରୀ ଶ୍ରୀ ପିତାମ୍ବର ନାୟକ , ଉପାଧକ୍ଷା ଶ୍ରୀମତୀ ମମିତା ଚୌଧୁରୀ ଓ ଅନ୍ୟାନ୍ୟ ପାରିଷଦ ବୃନ୍ଦ ଏବଂ କର୍ମଋରୀ ଙ୍କ ଉପସ୍ଥିତି ରେ ପୌରପାଳିକା ଅଧକ୍ଷ ଶ୍ରୀ ଅଭିଷେକ ପଟ୍ଟନାୟକଙ୍କ ଦ୍ୱାରା ଜାତୀୟ ପତାକା ଉତ୍ତୋଳନ କରାଯାଇ ସମବେତ ଜାତୀୟ ସଂଗୀତ ଗାନ କରାଯାଇଥିଲା। ଏହାପରେ ସହରର ବିଭିନ୍ନ ସ୍ଥାନରେ ଅବସ୍ଥାପିତ ମହାପୁରୁଷ ମାନଙ୍କ ପ୍ରତିମୂର୍ତ୍ତି ରେ ଭକ୍ତିପୂତ ଶ୍ରଦ୍ଧାଞ୍ଜଳି ଜ୍ଞାପନ ପୂର୍ବକ ସାମୁହିକ ମାଲ୍ୟାର୍ପଣ କରାଯାଇଥିଲା। ଏହି ଉପଲକ୍ଷେ କଚେରୀ ପଡିଆ ଠାରେ ଆୟୋଜିତ ସମାରୋହ ଉତ୍ସବ ରେ ବିଭିନ୍ନ ବିଦ୍ୟାଳୟ ର ଛାତ୍ରଛାତ୍ରୀଙ୍କ ଦ୍ୱାରା ଅନୁଷ୍ଠିତ ସାମୁହିକ ପ୍ୟାରେଡ ରେ ମୟୁରଭଞ୍ଜ ର ମାନ୍ୟବର ଲୋକସଭା ସାଂସଦ ଶ୍ରୀଯୁକ୍ତ ନବ ଚରଣ ମାଝୀ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ଜାତୀୟ ପତାକା ଉତ୍ତୋଳନ କରି ମିଳିତ ପ୍ୟାରେଡ ରେ ଅଭିବାଦନ ଗ୍ରହଣ କରିଥିଲେ।

# ଆୟତ୍ତରେ ନାହିଁ ହିନ୍ଦୋଳ ଏନଏସି

**ହିନ୍ଦୋଳ,(ମହାଭାରତ) :** ଢେଙ୍କାନାଳ ଜିଲ୍ଲାର ହିନ୍ଦୋଳ ଏନ ଏ ସି ରେ ୧୨ବର୍ଷପରେ ପ୍ରଥମ ଥରପାଇଁ ସ୍ୱାୟତ୍ତଶାସନ ଦିବସ ପାଳନରେ ଦେଖା ଯାଇଛି ବ୍ୟତିକ୍ରମ। ଖବରରୁ ପ୍ରକାଶ ଗତ ୧୨ବର୍ଷ ଧରି ଅତି ଆଡମ୍ବରରେ ପାଳିତ ହୋଇଆସୁଥିଲା ହିନ୍ଦୋଳ ଏନଏସି ରେ ସ୍ୱାୟତ୍ତଶାସନ ଦିବସ, ଆମନ୍ତ୍ରିତ ହେଉଥିଲେ ସହରର ବୟୋଜ୍ୟେଷ୍ଠ, ବୁଦ୍ଧିଜୀବୀ,ବିଭିନ୍ନ କ୍ଷେତ୍ରରେ ଅବଦାନ ଥିବା ବ୍ୟକ୍ତିବିଶେଷ ଓ ମାନ୍ୟଗଣ୍ୟ ବ୍ୟକ୍ତିତ୍ୱ, ସାଧାରଣ ଜନତା ଏବଂ ସମ୍ବର୍ଦ୍ଧିତ ହେଉଥିଲେ ବିଶିଷ୍ଟ ବ୍ୟକ୍ତିବିଶେଷ। ମାତ୍ର ଏହିବର୍ଷ ସ୍ୱାୟତ୍ତଦିବସ ପାଳନ ହେଲା କେବଳ ନାମକୁମାତ୍ର ସମସ୍ତଙ୍କୁ ଉଧେଶ୍ୟମୂଳକ ଭାବରେ ବେଖାତିର କରି ଅଣଦେଖା କରି । ପାରିଷଦମାନେ ଅସନ୍ତୁଷ୍ଟ ହୋଇ କେହି ଯୋଗନଦେବାରୁ ଅଧ୍ୟକ୍ଷ ଓ ନିର୍ବାହୀ ଅଧିକାରୀ ଅଧ୍ୟକ୍ଷଙ୍କ ଦୁଇ ବିଶ୍ୱସ୍ଥ ଦୁଇଜଣ କାଉନସିଲର, କର୍ମଚାରୀ ମାନଙ୍କୁ ନେଇ କେବଳ ପୁଷ୍ପମାଲ୍ୟ ଅର୍ପଣ ଓ



ପତାକାଉତ୍ତୋଳନ କରି ସାରିଦେଲେ କାର୍ଯ୍ୟକ୍ରମ ଯାହା ସହରସାରା ଚର୍ଚ୍ଚାର କେନ୍ଦ୍ରବିନ୍ଦୁ ପାଲଟିଛି। ୧୪ଜଣ କାଉନସିଲର ଯୋଗଦେଇନଥିବାବେଳେ ସାଂସଦ, ବିଧାୟିକା କିମ୍ବା ସେମାନଙ୍କ ପ୍ରତିନିଧି, ସହରର କେହିବି ବିଶିଷ୍ଟ ବ୍ୟକ୍ତି, ଜନସାଧାରଣ ମଧ୍ୟ ଯୋଗଦେଇନଥିଲେ କିମ୍ବା କୌଣସି ସଂକ୍ଷସ୍କୃତିକ କାର୍ଯ୍ୟକ୍ରମ ମଧ୍ୟ ଆୟୋଜନ ହୋଇନଥିଲା ଏବଂ ସମ୍ପୂର୍ଣ୍ଣ ଫିକା ପଡିଯାଇଥିଲା ସ୍ୱାୟତ୍ତ ଶାସନ ଦିବସ । ନିର୍ବାଚନ ସମୟରେ ପରିଷଦର ବିନା ଅନୁମୋଦନରେ ନିର୍ବାଚନ ପାଇଁ ୧୭ଲକ୍ଷ ଖର୍ଚ୍ଚ, ନିର୍ଦ୍ଦିଷ୍ଟ ଗୋଟିଏ ୱାର୍ଡରେ ୧୭-୧୮ଲକ୍ଷ କାମ କରାଯାଇଥିବା ବେଳେ ଅନ୍ୟ କୌଣସି ୱାର୍ଡ ପାଇଁ ଟେଣ୍ଡର ନହେବା, କର୍ତ୍ତୃପକ୍ଷଙ୍କ ମନମୁଖୀ କାର୍ଯ୍ୟ, ଆୟ ବ୍ୟୟ ହିସାବ ନଦେବା ଏବଂ ୱାର୍ଡର ଆବଶ୍ୟକତା ଅନୁଯାଇ କାଉନସିଲରଙ୍କୁ ପ୍ରାଧାନ୍ୟ ନଦେବା ଓ ୱାର୍ଡ କାର୍ଯ୍ୟକୁ ବାରମ୍ବାର ଅଣଦେଖା କରାଯିବା,ପରିଷଦ ଅଗୋଚରରେ ମନମୁଖି କାର୍ଯ୍ୟ କରିବା ଏବଂ ନିୟମାନୁଯାୟୀ ମାସିକ ବୈଠକ ନକରିବା ଇତ୍ୟାଦି କାରଣ ପାଇଁ ଅସନ୍ତୁଷ୍ଟ ଉପାଧ୍ୟକ୍ଷାଙ୍କ ସମେତ ୧୪ଜଣ କାଉନସିଲର ଆଜିର କାର୍ଯ୍ୟକ୍ରମରେ ଯୋଗଦେଇନଥିଲେ ଏବଂ ଖୋଦ ଅଧ୍ୟକ୍ଷଙ୍କ ଅତି ଅନ୍ତରଙ୍ଗ ଦୁଇଜଣ କାଉନସିଲର ଅନୁପସ୍ଥିତ ରହିବା ଚର୍ଚ୍ଚାର କାରଣ ସହ ଯାହା କି ଏକ ଭିର୍ନ୍ନ ସଂକେତ ଦେବା ସହ ଆଗକୁ ହିନ୍ଦୋଳ ଏନଏସି ରାଜନୈତିକ ପାଣିପାଗକୁ ଗୋଳିଆ କରିଦେଇଛି ଯାହା କି ସହରସାରା ରାସ୍ତାଘାଟ, ବଜାର ଛକ ସବୁଠି ଚର୍ଚ୍ଚାର କେନ୍ଦ୍ରବିନ୍ଦୁ ପାଲଟିଛି। କାଉନସିଲର ମାନଙ୍କ ଗୋପନୀୟ ମତ ଅନୁଯାଇ ଅଧ୍ୟକ୍ଷ ନିର୍ଦ୍ଦିଷ୍ଟ ଜଣେ କାଉନସିଲର ଓ ଜୈନିକ ନିର୍ଦ୍ଦିଷ୍ଟ ପ୍ରଭାବଶାଳୀ କର୍ମୀଙ୍କ କଥାରେ ପରିଚାଳିତ ହୋଇ ସମସ୍ତ କାଉନସିଲରଙ୍କୁ ଅଣଦେଖାକୁ ନେଇ କାଉନସିଲର ମାନଙ୍କ ମଧ୍ୟରେ ବିସ୍ଫୋରକ ପରିସ୍ଥିତି ସୃଷ୍ଟି କରିଛି। ତେବେ ଏହିସବୁ ଘଟଣାବଳିକୁ ନେଇ ହିନ୍ଦୋଳ ଏନ ଏ ସି ର ଜନସାଧାରଣ, ବୁଦ୍ଧିଯିବି ମହଲରେ ତୀବ୍ର ଅସନ୍ତୋଷ ଦେଖାଦେଇଛି।

# ଆଶା ଆଶଙ୍କାରେ ୯୬ଛାତ୍ରଛାତ୍ରୀଙ୍କ ଭବିଷ୍ୟତ !

**ନୀଳଗିରି,(ମହାଭାରତ) :** ସାରା ଓଡ଼ିଶାରେ ସ୍କୁଲ ଗୁଡିକରେ ଶିକ୍ଷକଙ୍କ ଅଭାବ ଯୋଗୁଁ ଛାତ୍ରଛାତ୍ରୀ ମାନେ ପାଠ ପଢାରେ ଘୋର ପ୍ରତିବନ୍ଧକ ଦେଖାଦେଇଥିବାର ଚିତ୍ର ବିଭିନ୍ନ ଗଣମାଧ୍ୟମରେ ପ୍ରକାଶ ପାଉଥିବା ବେଳେ ଚଳିତ ବର୍ଷ ଛାତ୍ରଛାତ୍ରୀ ମାନେ କିଭଳି ପାଠ ପଢିବେ ଏବଂ ଅଧିକ ନମ୍ବର ରଖି ଚାକିରୀ କରି ନିଜ ଭବିଷ୍ୟତ ଗଢିବେ ତାହାକୁ ନେଇ ଚିନ୍ତାରେ ରହୁଛନ୍ତି ଛାତ୍ରଛାତ୍ରୀ ମାନେ। ସରକାର ଚାକିରୀ ପାଇଁ ଅଧିକ ପ୍ରତିଶତ ବିଜ୍ଞପ୍ତି ଜାରି କରୁଥିବା ବେଳେ ସ୍କୁଲ ମାନଙ୍କର ଶିକ୍ଷକ ଅଭାବ ପାଇଁ ପିଲା ମାନେ ସେଭଳି ଶିକ୍ଷା ପାଇ ପାରୁ ନଥିବାରୁ କମ୍ ନମ୍ବର ରଖି ପାସ କରୁଥିବାର ଅଭିଯୋଗ ଉଠିଛି। ତେବେ ଶିକ୍ଷାର ମାନଦଣ୍ଡକୁ ବୃଦ୍ଧି କରିବା ରାଜ୍ୟ ସରକାର ଦୃଷ୍ଟି ଦେବା ଜରୁରୀ ବୋଲି ବହୁ ଅଭିଭାବକ ମତ ଦେଇଛନ୍ତି। ଅଭଳି ଘଟଣା ଦେଖିବାକୁ ମିଳିଛି ନରଣପୁର ଉଚ୍ଚବିଦ୍ୟାଳୟର ଏକମାତ୍ର ଶିକ୍ଷକଙ୍କୁ ଅନ୍ୟ ବିଦ୍ୟାଳୟରେ ଅତିରିକ୍ତ ଦାୟିତ୍ୱ ଦିଆଯାଇଛି। ଏନେଇ ବିଦ୍ୟାଳୟର ଛାତ୍ରଛାତ୍ରୀ ମାନେ ବିଦ୍ୟାଳୟ ବାରଣ୍ଡାରେ ଧାରଣା ଦେବା ସହିତ ତୁରନ୍ତ ଅନ୍ୟ ଶିକ୍ଷକ ନିଯୁକ୍ତି ସହିତ ଏକମାତ୍ର ଶିକ୍ଷକଙ୍କ ଅତିରିକ୍ତ ଦାୟିତ୍ୱ ବାତିଲ କରିବାକୁ ଦାବୀ କରିଛନ୍ତି। ସୂଚନା ଅନୁଯାୟୀ ନୀଳଗିରି ବ୍ଲକ୍ ନରଣପୁର ଉଚ୍ଚବିଦ୍ୟାଳୟର ପ୍ରଧାନଶିକ୍ଷକ ଗୌରୀଶଙ୍କର ଶତପଥୀ ଅଗଷ୍ଟ ୩୧ ତାରିଖରେ ଅବସର ଗ୍ରହଣ କରିଥିବା ବେଳେ ସହକାରୀ ବିଜ୍ଞାନ ଶିକ୍ଷକ ଯଜ୍ଞେଶ୍ୱର ବେହେରା ଏକମାତ୍ର ଶିକ୍ଷକ ଭାବରେ ବିଦ୍ୟାଳୟର ତିନିଗୋଟି ଶ୍ରେଣୀରେ ଅଧ୍ୟୟନ କରୁଥିବା ୯୬ଜଣ ଛାତ୍ରଛାତ୍ରୀଙ୍କ ପାଠପଢା ସହିତ ହଷ୍ଟେଲ ଦାୟିତ୍ୱ ନିର୍ବାହ କରିଥାନ୍ତେ। ମାତ୍ର ପରିତାପର ବିଷୟ ବାଲେଶ୍ୱର ଜିଲ୍ଲା ଶିକ୍ଷାଧିକାରୀଙ୍କ କାର୍ଯ୍ୟାଳୟରୁ ପ୍ରକାଶ ପାଇଥିବା ନିର୍ଦ୍ଦେଶନାମା ଅନୁସାରେ ଶନିବାର ଅଗଷ୍ଟ ୩୧ ରେ ଶିକ୍ଷକ ଶ୍ରୀଯୁକ୍ତ ଶତପଥୀ ଅବସର ଗ୍ରହଣ କରୁଥିବାରୁ ତାଙ୍କ ସ୍ଥାନରେ ଶ୍ରୀ ବେହେରାଙ୍କୁ ପ୍ରଧାନଶିକ୍ଷକ ଦାୟିତ୍ୱ ଗ୍ରହଣ କରିବା ସଙ୍ଗେ ସଙ୍ଗେ ଜଡିଦା ରାଧାମାଧବ ଜୀଉ ହାଇସ୍କୁଲର ଅତିରିକ୍ତ ଦାୟିତ୍ୱ ଦିଆଯାଇଛି। ଶନିବାର ସକାଳୁଆ ସ୍କୁଲ ଥିବାରୁ ଛାତ୍ରଛାତ୍ରୀ ମାନେ ଶିକ୍ଷକ ଶ୍ରୀ ବେହେରା ବିଦ୍ୟାଳୟରେ ଉପସ୍ଥାନ ପକାଇ ଜଡ଼ିଦା ରାଧାମାଧବ ଜୀଉ ବିଦ୍ୟାଳୟକୁ ଯୋଗଦେବାକୁ ଯାଇଥିବା ଖବର ପ୍ରଚାରିତ ହେବା ପରେ ଅଭିଭାବକ ସମେତ ପରିଚାଳନା କମିଟି ସଦସ୍ୟ ବିଦ୍ୟାଳୟରେ ପହଞ୍ଚିଥିଲେ। ଇତି ମଧ୍ୟରେ ବିଦ୍ୟାଳୟର ଛାତ୍ରଛାତ୍ରୀ ମାନେ କ୍ଲାସରୁମ୍ ବାହାରେ ଧାରଣାରେ ବସି ରହିଥିଲେ। ବିଦ୍ୟାଳୟରେ ଶିକ୍ଷାଦାନ ବାଧାପ୍ରାପ୍ତ ହୋଇଥିବାରୁ ଶିକ୍ଷକଙ୍କ ଅନ୍ୟତ୍ର ଅତିରିକ୍ତ ନିଯୁକ୍ତି ବାତିଲ କରିବା ସହିତ ନୂତନ ଶିକ୍ଷକ ନିଯୁକ୍ତି କରିବାକୁ ଅଡି ବସିଥିଲେ। ଏଥିସହିତ ହଷ୍ଟେଲରେ ରହି ପାଠ ପଢୁଥିବା ୪୦ଜଣ ଛାତ୍ରଙ୍କ ଦାୟିତ୍ୱ ଉକ୍ତ ଶିକ୍ଷକ ଜଣକ ନେଉଥିବାରୁ ତାଙ୍କର ଏଭଳି ନିଯୁକ୍ତି ବାତିଲ କରିବାକୁ ବାଲେଶ୍ୱର ଜିଲ୍ଲାପାଳଙ୍କ ସମେତ ଜିଲ୍ଲା ଶିକ୍ଷାଧିକାରୀଙ୍କୁ ଅନୁରୋଧ କରିଛନ୍ତି। ତେବେ ଘଟଣାରେ ପରିଚାଳନା କମିଟିର ସଦସ୍ୟଙ୍କ ହସ୍ତକ୍ଷେପ ପରେ ଛାତ୍ରଛାତ୍ରୀ ମାନେ ଧାରଣାରୁ ଉଠିଯାଇଥିବା ଜଣାଯାଇଛି।

## ସାମାଜିକ ଗଣମାଧ୍ୟମ ଗାଳି ଗୁଲଜ ଘଟଣା

# ଟିଟୁ ଖଇତାନଙ୍କୁ ଗିରଫ ଦାବି

**କଣ୍ଟାବାଞ୍ଜି,(ମହାଭାରତ) :** କଣ୍ଟାବାଞ୍ଜି ସହର ର ଟିଟୁ ଖଇତାନ ନାମକ ଜଣେ ଯୁବକ ସାମାଜିକ ଗଣମାଧ୍ୟମ ଫେସବୁକ ରେ ଏସସି.ଏସଟି ବର୍ଗ ଲୋକ ଙ୍କୁ ଅସଭ୍ୟ ଭାଷା କରି ଗାଳିଗୁଲଜ କରିଥିବା ନେଇ କଣ୍ଟାବାଞ୍ଜି ଥାନା ଅଧିକାରୀଣୀ ରଶ୍ମିତା ବେହେରା ଙ୍କୁ କଣ୍ଟାବାଞ୍ଜି ସହର ଏସସି.ଏସିଟି ବର୍ଗ ଯୁବକ ମାନେ ଲିଖିତ ଅଭିଯୋଗ କରିଥିଲେ। ଉକ୍ତ ଯୁବକଙ୍କ ବିରୋଧ ମାମଲ ରୁଜୁ ହୋଇଥିବା ମଧ୍ୟ ଜଣା ପଡ଼ିଛି । କିନ୍ତୁ ବର୍ତ୍ତମାନ ଯାଏ ଟିଟୁ ଖଇତାନ ଙ୍କ ବିରୋଧ କଣ୍ଟାବାଞ୍ଜି ପୋଲିସ ପ୍ରଶାସନ କାର୍ଯ୍ୟାନୁଷ୍ଠାନ ଗ୍ରହଣ ନ କରିଥିବା ଦେଖା ଦେଇଛି । ଏବେ ଏହି ଘଟଣା କୁ ନେଇ ବଲାଙ୍ଗିର ଜିଲ୍ଲା ସାରା ଏସସି.ଏସଟି ବର୍ଗ ସଂଗଠନ ମାନେ ଅସନ୍ତୋଷ ପ୍ରକାଶ କରିଛନ୍ତି । ସେହି ପରି ଏସସି.ଏସଟି ମିଳିତ କ୍ରିୟାନୁଷ୍ଠାନ କମିଟି ର ଆବାହକ ଗିରିରାଜ ସିଂ ମାଝି ଶନିବାର ଦିନ ଏକ ଟୁଇଟ କରି ଓଡିଶା ସରକାରଙ୍କ ପୋଲିସ ପ୍ରଶାସନ ଓ ବଲାଙ୍ଗୀର ଜିଲ୍ଲା ପ୍ରଶାସନ ଉକ୍ତ ଟିଟୁ ଖଇତାନ ଙ୍କ ବିରୋଧ ରେ ତୁରନ୍ତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରନ୍ତୁ ନ ଚେତ ଏସସି.ଏସଟି ମିଳିତ କ୍ରିୟାନୁଷ୍ଠାନ କମିଟି ରାଜ ରାସ୍ତା କୁ ଓହ୍ଲାଇବେ ବୋଲି ସେ କଡା ଚେତାବନୀ ଦେଇଛନ୍ତି । ଆଗକୁ ପୋଲିସ ପ୍ରଶାସନ ଏହି ଘଟଣା। ଉପରେ କଣ ପଦକ୍ଷେପ ନେଉଛି ନା ନାହିଁ ଦେଖିବାକୁ ରହିଲା।

# ନ୍ଏସି କାର୍ଯ୍ୟାଳୟର ସ୍ଥାନିୟ ଗଣମାଧ୍ୟମ ପ୍ରତିନିଧିଙ୍କୁ ଉପେକ୍ଷା

**ଦଶପଲ୍ଲା,(ମହାଭାରତ) :** ଓଡିଶାରେ ପୂର୍ବ ସରକାର ସାମ୍ବାଦିକଙ୍କୁ ବିଧାସଭା ମନା, ଗଣମାଧ୍ୟମକୁ ତଥ୍ୟଦେବା ମନାକରିଥିବା ବେଳେ ମୋହନ ସରକାରଙ୍କ ସାମ୍ବାଦିକଙ୍କୁ ସବୁ ଖୋଲାକରିଛନ୍ତି। କିନ୍ତୁ ଦଶପଲ୍ଲା ଏନ୍ ଏ ସି କାର୍ଯ୍ୟାଳୟରେ ସାମ୍ବାଦିକଙ୍କୁ ପ୍ରତ୍ୟେକ କ୍ଷେତ୍ରରେ ଉପେକ୍ଷା କରାଯାଉଛି। ଜୟ ଜୟକାର କରିବା ସମୟ ଆସିଲେ ସ୍ଥାନିୟ ଗଣମାଧ୍ୟମ ପ୍ରତିନିଧିଙ୍କୁ ଚିଠି କରିଡାକୁଥିବା ବେଳେ କାର୍ଯ୍ୟାଳୟ ଅଧିନରେ ହେଉଥିବା ଟେଣ୍ଡର ନୋଟିସ୍ ହେଉକିମ୍ବା ସ୍ୱୟ ଶାସନ ଦିବସରେ ବିଜ୍ଞାପନକୁ ଅଞ୍ଚଳ ସାମ୍ବାଦିକଙ୍କୁ ବାଦ୍ କରାଜାଉଛି। ଦଶପଲ୍ଲା ଅଞ୍ଚଳର ଖବର ପ୍ରକାଶ ପାଉଥିବା ପାଠକମାନଙ୍କ ପାଖରେ ପହଞ୍ଚାଉ ଥିବା ଗଣମାଧ୍ୟମ ପ୍ରତିନିଧିଙ୍କୁ ଏହି କ୍ଷେତ୍ରରେ ଉପେକ୍ଷା କରାଜାଉଛି।ଯେଉଁଖବର କାଗଜ ଦଶପଲ୍ଲା ଅଞ୍ଚଳର ଖବର ପ୍ରକାଶିତ ହେଉନାହିଁ, ପ୍ରତିନିଧିନାହାଁନ୍ତି ସେହି ଗଣମାଧ୍ୟମକୁ ବିଜ୍ଞାପନ ଦିଆଜାଉଛି,ଦଶପଲ୍ଲା ଏନ୍ ଏ ସି କାର୍ଯ୍ୟାଳୟର ବାବୁମାନେ ବହୁ ଥିଲାବାଲାଙ୍କୁ କେନ୍ଦ୍ର ସରକାରଙ୍କ ରାସନକାର୍ଡ, ସ୍ୱଚ୍ଛ ଭାରତ ଯୋଜନାରେ ପାଇଖାନା, ପ୍ରଧାନମନ୍ତ୍ରୀ ଆବାସ,ବାର୍ଦ୍ଧକ୍ୟ ଭତ୍ତା ବାଣ୍ଟିବାକୁ ଭଳି ଦୁର୍ନୀତିର ଖବର ସ୍ଥାନିୟ ପ୍ରତିନିଧି ପ୍ରକାଶିତ କରୁଥିବାର ଭୟରେନା କାହାସ୍ୱାର୍ଥ ପାଇଁ ଦଶପଲ୍ଲାର ସାମ୍ବାଦିକଙ୍କୁ ଉପେକ୍ଷା କରାଜାଉଛି ଏହା ଦଶପଲ୍ଲାରେ ବିଭିନ୍ନ ମହଲରେ ଚର୍ଚ୍ଚାହେଉଛି। ସି ବି ଆଇ ଏସ୍ ପି କାର୍ଯ୍ୟାଳୟର ତା ୦୯।୦୫।୨୦୧୮ରିଖ ପତ୍ରସଂଖ୍ୟା-୩୪୦ ଅନୁଯାଇ ଦଶପଲ୍ଲା ଏନ୍ ଏ ସି ଅଧିନସ୍ଥ ଆରମ୍ଭରୁ ସମସ୍ତ ବିଭାଗରରେ ଉଚ୍ଚ ସ୍ତରିୟ ତଦନ୍ତ କରାଗଲେ ବହୁ ରହସ୍ୟ ପଦାକୁ ଆସନ୍ତା, ସରକାରଙ୍କ ଯୋଜନାରୁ ବାଦ୍ ପଡିଥିବା ବହୁ ଯୋଗ୍ୟ ହିତାଧିକାରୀ ତଦନ୍ତ ପାଇଁ ଆସାବାନ୍ଧିଅଛନ୍ତି। ବିଭିନ୍ନ କାର୍ଯ୍ୟାଳୟର ଆଗରେ କୁଢକୁଢ ଅଳିଆ ପଡିଥିବାବେଳେ ସ୍ୱୟ ଶାସନ ଦିବସ କରି ବାହାବାହା ନେଉଛନ୍ତି ବାବୁମାନେ।

# ନିଖିଳ ଭାରତ ସ୍ୱାୟତ୍ତ ଶାସନ ଦିବସ ପାଳିତ

**ଆସିକା,(ମହାଭାରତ) :** ନିଖିଳ ଭାରତ ସ୍ୱାୟତ୍ତ ଶାସନ ଦିବସ ଆସିକା ବିଜ୍ଞାପିତ ଅଞ୍ଚଳ ପରିଷଦ ଠାରେ ପାଳିତ ହୋଇଯାଇଛି । ଏହି ଅବସରରେ ବିଜ୍ଞାପିତ ଅଞ୍ଚଳ ପରିଷଦ ପକ୍ଷରୁ ପ୍ରଭାତରେ ସମୟରେ ରାମଧୂନ ପରିବେଷଣ କରାଯାଇଥିଲା ଏହାପରେ ବିଜ୍ଞାପିତ ଅଞ୍ଚଳ ପରିଷଦ କାର୍ଯ୍ୟାଳୟ ପଛ ପାର୍ଶ୍ୱରେ ବିଜ୍ଞାପିତ ଅଞ୍ଚଳ ପରିଷଦ ଅଧକ୍ଷା ବିନେତା ସ୍ୱାଇଁ ଜାତୀୟ ପତାକା ଉତ୍ତୋଳନ କରିଥିଲେ । ଏହାପରେ ଅଧକ୍ଷା ବିନେତା ସ୍ୱାଇଁ, ବରିଷ୍ଠ ସମାଜ ସେବୀ ସତ୍ୟନାରାୟଣ ସ୍ୱାଇଁ, କାର୍ଯ୍ୟନିର୍ବାହୀ ଅଧିକାରୀ ଲୋକନାଥ ବେଢ଼ଙ୍କ ଦ୍ୱାରା ମସଜିଦ ସମ୍ମୁଖରେ ଥିବା ମହାତ୍ମାଗାନ୍ଧୀ ଙ୍କପ୍ରତିମୂର୍ତ୍ତି, ଆସିକା କୋର୍ଟ ପରିସରରେ ମଧୁବାବୁଙ୍କ ପ୍ରତିମୂର୍ତ୍ତି, ହରିହର ଉଚ୍ଚବିଦ୍ୟାଳୟ ଠାରେ ସ୍ଥାପିତ ପଞ୍ଚଶଖାଙ୍କ ପ୍ରତିମୂର୍ତ୍ତି, ଆସିକା ବିଜୁ ପଟ୍ଟନାୟକ ଛକ ସ୍ଥିତ ବିଜୁ ପଟ୍ଟନାୟକଙ୍କ ପ୍ରତିମୂର୍ତ୍ତି ଆସିକା ତାଲୁକା ଛକ ସ୍ଥିତ ସହିଦ ଉମାକାନ୍ତ ପଟ୍ଟନାୟକଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପ ମାଲ୍ୟ ଅର୍ପଣ କରି ସାରିବା ପରେ ଆସିକା ବ୍ଲକ ସମ୍ମିଳନୀ କକ୍ଷରେ ଭାଚୁଆଲ ମାଡରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କର କର କମଳ ରେ ସ୍ୱୟଂ ଶାସିତ ଦିବସ ଅବସରରେ ବିଭିନ୍ନ ପ୍ରକଳ୍ପ ର ଉନ୍ନତି ପାଇଁ ୩୦ ଟି ଜିଲ୍ଲା ରେ ୧୧୫୧ କୋଟି ଟଙ୍କା ର ୪୮୧ ଟି ବିଭିନ୍ନ ଉନ୍ନତି ମୂଳକ ପ୍ରକଳ୍ପ ର ଶିଳାନ୍ୟାସ ଓ ଲୋକାର୍ପଣ କାର୍ଯ୍ୟର ସିଧାପ୍ରସାରଣ କାର୍ଯ୍ୟକ୍ରମ ରେଆସିକା ବିଜ୍ଞାପିତ ଅଞ୍ଚଳ ପରିଷଦ ଅଧକ୍ଷା ବିନେତା ସ୍ୱାଇଁ, ଉପାଧକ୍ଷା ଜୟନ୍ତୀ ବିଷୋୟୀ,କାଉନସିଲର ସରୋଜ ଭଞ୍ଜ, ରାଘବ ସିୟଙ୍କ ସମେତ ବହୁ କାଉନସିଲର ଯୋଗାଦେଇଥିଲେ । ସନ୍ଧ୍ୟା ସମୟରେ ସ୍ୱାୟତ୍ତ ଶାସନ ଦିବସ ଅବସରରେ ଏକ ସଭା କାର୍ଯ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ଲୋକନାଥ ବେଢ଼ ଙ୍କ ଅଧକ୍ଷତାରେ କାର୍ଯ୍ୟାଳୟ ପରିସରରେ ଅନୁଷ୍ଠିତ ହୋଇଯାଇଛି । ଏହି ଅବସରରେ ମୁଖ୍ୟ ଅତିଥିଭାବେ ଆସିକା ବିଧାୟକ ସରୋଜ କୁମାର ପାଢ଼ୀ ଯୋଗ ଦେଇ ପ୍ରଦୀପ ପ୍ରଜ୍ୱଳନ କରି ସଭାକାର୍ଯ୍ୟ ଆରମ୍ଭ କରିଥିଲା ବେଳେ ଅନ୍ୟ ଉପସ୍ଥିତ ଅତିଥି ମାନଙ୍କ ମଧ୍ୟରେ ଆସିକା ବିଜ୍ଞାପିତ ଅଞ୍ଚଳ ପରିଷଦ ଅଧକ୍ଷା ବିନେତା ସ୍ୱାଇଁ, ବରିଷ୍ଠ ସମାଜ ସେବୀ ସତ୍ୟନାରାୟଣ ସ୍ୱାଇଁ, ଆସିକା ତହସିଲଦାର ପ୍ରିୟଙ୍କା ପ୍ରିୟଦର୍ଶିନୀ, ଆସିକା ଉପଖଣ୍ଡ ପୋଲିସ ଅଧିକାରୀ ସଞ୍ଜୟ କୁମାର ମହାପାତ୍ର, ଆସିକା ଥାନା ଅଧିକାରୀ ରାଜେନ୍ଦ୍ର ନାରାୟଣ ପଟ୍ଟନାୟକ, ବିଧାୟକ ପ୍ରତିନିଧି ସଂନ୍ଦୀପ କୁମାର ପାଢ଼ୀ ଉପସ୍ଥିତ ରହିଥିଲେ କବି ରତ୍ନାକର ସିୟ ମଞ୍ଚ ପରିଚାଳନା କରିଥିଲେ । ରାଜ୍ୟ



ସରକାର ଙ୍କ ବିଭିନ୍ନ ଉନ୍ନତି ମୂଳକ କାର୍ଯ୍ୟ ଉପରେ ଆଲୋକପାତ କରିଥିଲେ ଅଧକ୍ଷା ନିଜ ବକ୍ତବ୍ୟରେ ଆସିକା ଅଞ୍ଚଳ ବାସୀଙ୍କ ସକାଶେ ଏକ ସ୍ୱଚ୍ଛ ଏବଂ ସୁସ୍ଥ ପରିବେଶ ପ୍ରଦାନ କରିବାକୁ ସଂକଳ୍ପ ବଦ୍ଧବୋଲି ଉଦବୋଧନ ଦେଇଥିଲେ । ଆଜିକାର ଏହି ଅବସରରେ ଅଧକ୍ଷାଙ୍କ ନିଜସ୍ୱ ଖର୍ଚ୍ଚରୁ ମାଟ୍ରିକ ପରୀକ୍ଷାରେ ବିଦ୍ୟାଳୟ ସ୍ତରରେ ସର୍ବୋଚ୍ଚ ଅଙ୍କରଖି କୃତିତ୍ୱ ଅର୍ଜନ କରିଥିବା ୬ ଜଣ ଛାତ୍ର ଛାତ୍ରୀ ଙ୍କୁ ଜଣକୁ ୧୧ ହଜାର ଲେଖାଏଁ ମାଧୁରୀ ସ୍ୱାଇଁ ଛାତ୍ର ବୃତ୍ତି ରେ ପୁରସ୍କୃତ କରାଯାଇଥିଲା ତତ ସହିତ ଯୁକ୍ତ ଦୁଇ ର କୃତି ଛାତ୍ର ଛାତ୍ରୀ, ଆସିକା ଥାନା, ଜଙ୍ଗଲ ବିଭାଗ, ସ୍ୱାସ୍ଥ୍ୟ ବିଭାଗ, ଶିକ୍ଷା ବିଭାଗ, ପରିମଳ ବିଭାଗ କର୍ମଚାରୀ ଙ୍କୁ ସମ୍ମାନିତ କରାଯାଇଥିଲା । ୱାର୍ଡ ନମ୍ବର ୧୬କାଉନସିଲର ରାଘବସିଅଙ୍କୁ ପ୍ରକୃତି ପ୍ରେମୀ ଭାବେ ସମ୍ମାନିତ କରାଯାଇଥିଲା। ପରିଶେଷରେ ବିଭିନ୍ନ ବିଦ୍ୟାଳୟ ଛାତ୍ର ଛାତ୍ରୀ ମାନଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା ।

# ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ରୋଗୀଙ୍କୁ ଫଳ ବଣ୍ଟନ

**ପାଟଣା,(ମହାଭାରତ) :** ଶନିବାର ବିଶ୍ୱ ଭ୍ରାତୃତ୍ୱ ଦିବ୍ୟାତ୍ମା ପରିଷଦ କ୍ଷିତିଜ୍ୟୋତିଃ ଆଶ୍ରମ ଘଟଗାଁ ଶାଖା ତରଫରୁ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ କେନ୍ଦୁଝରରେ ଚିକିତ୍ସିତ ହେଉଥିବା ରୋଗୀ ମାନଙ୍କୁ ଫଳ ବଣ୍ଟନ କରାଯାଇଛି ।ଏଥିରେ ଜିଲ୍ଲା ଉପମୁଖ୍ୟ ଚିକିତ୍ସାଧିକାରୀ ଡାକ୍ତର ଅସୀମ କୁମାର ଦେ ଓ ପ୍ରାଧ୍ୟାପକ ଡକ୍ଟର ବିମ୍ବାଧର ବେହେରା, ଶିଶୁ ମଙ୍ଗଳ କମିଟି କେନ୍ଦୁଝର ଅଧ୍ୟକ୍ଷ ଡକ୍ଟର ବିଭୁତି ଭୂଷଣ ଦାଶ, ଭାଗବତ ଟୁଙ୍ଗି ପ୍ରଚାର ସମିତି ଜିଲ୍ଲା ସଭାପତି ମନୋଜ କୁମାର ଦାଶ, ବିଶିଷ୍ଟ ସମାଜସେବୀ ସଂଜୀବ କୁମାରସାହୁ, ଗୋପବନ୍ଧୁ ସେବା କେନ୍ଦ୍ର କେନ୍ଦୁଝରର ବୈଶାଳୀ ପ୍ରିୟ ଦର୍ଶିନୀ ଏବଂ ଶିଶୁ ମଙ୍ଗଳ କମିଟି ସଦସ୍ୟା ରାଜଶ୍ରୀ



ଆଶ୍ରମର କେନ୍ଦ୍ର ସଂଗଠକ ବାବା ଚରମାନନ୍ଦ ଦାସ ଓ କେନ୍ଦ୍ର ପରିଚାଳକ ଅର୍ଜୁନ ଚରଣ ମହାନ୍ତ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ ଗୋପବନ୍ଧୁ ସେବା କେନ୍ଦ୍ର କେନ୍ଦୁଝରର ଉପାଧ୍ୟାୟ, ବରିଷ୍ଠ ସାମ୍ବାଦିକ ନରେଶ ପଟ୍ଟନାୟକ ସମ୍ମାନିତ ଅତିଥି ରୂପେ ଯୋଗ ଦେଇ ରୋଗୀ ମାନଙ୍କୁ ସେଓ, କମଳା, ନାଶପାତି, ଅଙ୍ଗୁର, ଡାଳିମ୍ବ ଓ କଦଳୀ ଇତ୍ୟାଦି ପ୍ରଦାନ କରିଥିଲେ ! କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ କ୍ଷିତିଜ୍ୟୋତିଃ ସ୍ମିତା କୁଅଁର, ପ୍ରଣତି ବଳ,ତାପସ ପଣ୍ଡା, ତରଣୀ ପଲେଇ, ଦୀପକ ଦେହୁରୀ, ସଞ୍ଜୟ ପଲେଇ, ରାହାସ ଗିରି, ସରୋଜ ମହାନ୍ତ,ଦଶରଥ ମହାରଣା, ନୀତିଶ ମହାନ୍ତ, ଅମୃତ ଅନୁଭବ, ହେମାନନ୍ଦ ମହାନ୍ତ ଏବଂ କ୍ଷୀରୋଦ ମହାନ୍ତ ।

# ଭିଜିଲାନ୍ସ ଜାଲରେ କନିଷ୍ଠ ଯନ୍ତ୍ରୀ

## ଧରାପଡିବା ପରେ ଅସୁସ୍ଥ ହୋଇ ମେଡିକାଲରେ ଭର୍ତ୍ତି

**ରାୟଗଡ଼ା,(ମହାଭାରତ) :** ଜିଲ୍ଲା କାଶୀପୁର ବ୍ଲକ କନିଷ୍ଠ ଯନ୍ତ୍ରୀ ପୂର୍ଣ୍ଣଚନ୍ଦ୍ର ଚୌଧୁରୀ ଭିଜିଲାନ୍ସ ଜାଲରେ ପଡ଼ିଛନ୍ତି । ରାୟଗଡ଼ା ସହରର ନିଜ ଘରେ ମନରେଗା ମେଟଙ୍କ ଠାରୁ ୨୫ ହଜାର ଟଙ୍କା ଲାଞ୍ଚ ନେବାବେଳେ ଧରିଲା ଭିଜିଲାନ୍ସ। ସୂଚନାଯୋଗ୍ୟ ଯେ, ଯନ୍ତ୍ରୀ ଜଣଙ୍କ ମାଣ୍ଡିବିସିର ମନରେଗା ମେଟଙ୍କ ଠାରୁ ୨୫ ହଜାର ଟଙ୍କା ଲାଞ୍ଚ ନେବାବେଳେ



ଶନିବାକ ସନ୍ଧ୍ୟାରେ ତାଙ୍କୁ ଧରିଛି ଭିଜିଲାନ୍ସ ଟିମ୍ । ରାୟଗଡ଼ା ସହରର ରାଣୀଗୁଡା ସ୍ଥିତ ଘରେ ଟଙ୍କା ସହିତ ଭିଜିଲାନ୍ସ ଧରିବା ପରେ ଯନ୍ତ୍ରୀ ପୂର୍ଣ୍ଣଚନ୍ଦ୍ର ଚୌଧୁରୀ ଅସୁସ୍ଥ ହୋଇ ପଡିଥିଲେ । ତୁରନ୍ତ ତାଙ୍କୁ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରିଥିଲେ ଭିଜିଲାନ୍ସ କର୍ତ୍ତୃପକ୍ଷ । ଭିଜିଲାନ୍ସ ଅତିରିକ୍ତ ଏସପି ଓ ଇନ୍ସପେକ୍ଟର ତରୁଲତା ବେହେରା ଘଟଣାର ତଦନ୍ତ କରୁଛନ୍ତି । ସେ ସୁସ୍ଥ ହେବା ପରେ ଅଧିକ ତଦନ୍ତ କରିବ ଭିଜିଲାନ୍ସ ।

# ସଇଁତଲାରେ ବିଜେଡିର ଜନ ସଚେତନତା ସଭା



**ଟିଟିଲାଗଡ,(ମହାଭାରତ) :** ବଲାଙ୍ଗୀର ଜିଲ୍ଲା ସଇଁତଲା ବ୍ଲକ କାର୍ଯ୍ୟାଳୟ ସମ୍ମୁଖରେ ବିଜୁ ଜନତା ଦଳ ତରଫରୁ ଜନ ଜାଗରଣ ପ୍ରତିସଭା ଆୟେ ଯୋଜିତ ହୋଇଛି। ବ୍ଲକ ବିଜେଡି ସଭାପତି ଟୁନୁ ରାଜପଲିଆଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ମୋହା ହନ ସରକାରଙ୍କ ବୈମାତୃକ ମନୋଭାବକୁ ।ବକୁ ନେଇ ବିଜୁ ଜନତା ଦଳର ନେତାମାନେ ଅସନ୍ତୋଷ ପ୍ରକାଶ କରିଥିଲେ ଥିଲେ। ଏପରିକି ସର ଘରକାର ନିର୍ବାଚନ ସମୟରେ ଦେଇଥିବ ଦେଇଥ?ିବା ଭତ୍ତା ଟଙ୍କା ବୃଦ୍ଧି କରାଯିବ, ୩୦୦ ୟୁନିଟ ବିଦୁ ବିଦ୍ୟୁତ ସେବାରୁ ଆରମ୍ଭ କରି ବିଭିନ୍ନ କ୍ଷେତ୍ରରେ ଲୋକମାନଙ୍କୁ ଭୁଆଁ ଭୁଆଁବୁଲାଇ ଭୋଟ ଭୋଟ ହାତେଇଛି ବୋଲି ପ୍ର ପ୍ରତିବାଦ ସଭାରେ ଅତି ଅତିଥିମାନେ ସମାଲୋଚନା କରିଥିଲେ। ଏହି ପ୍ରତିବାଦ ସଭାରେ ପୂର୍ବତନ ମନ୍ତ୍ରୀ ତଥା ବରିଷ୍ଠ ବିଜେଡି ନେତା ସୁରେନ୍ଦ୍ର ସିଂ ଭୋଇ ମୁଖ୍ୟ ଅତିଥି ଭାବେ ଯୋଗଦାନ କରି ବିଜେପି ସରକାରଙ୍କୁ କଡ଼ା ସମାଲୋଚନା କରିବା ସହ ଆଗାମୀ ଦିନରେ ବିଜେପି କର୍ମୀମାନଙ୍କୁ ବ୍ଲକ ତଥା ଗାଁକୁ ମନା ବୋଲି ଉପସ୍ଥିତ କର୍ମୀମାନଙ୍କୁ ସଚେତନତା ରହିବା ପାଇଁ ପରାମର୍ଶ ଦେଇଥିଲେ। ସଭାରେ ବ୍ଲକ ଉପାଧ୍ୟକ୍ଷ ଗୁଣସାଗର ମାଝୀ, ଜିଲ୍ଲା ପରିଷଦ ସଦସ୍ୟ ହିମାଞ୍ଚଳ ବୁଡ଼େକ, ପ୍ରମୋଦ ଭୋଇ, ପୂର୍ବତନ ସରପଞ୍ଚ ଉତ୍ତମ ପଟେଲ, ପୂର୍ବତନ ସମିତି ସଭ୍ୟ ସୁବାଷ ବୁଡ଼େକ, ଧରପଗଡ଼ ପୂର୍ବତନ ସରପଞ୍ଚ ଡ଼ିକି କୁଅର ସମିତି ସଭ୍ୟା ଅମ୍ରିତା ଦୀପ, ସରୋଜିନୀ ବିଭାର, ଶଶୀ ମହାଲିଙ୍ଗ, ଗୀତାଞ୍ଜଳି ଖଣ୍ଡଗିରି, ଶୋଭା ଧରୁଆ, ବନିତା ସାହୁ, ମାମି ରଣା, ଦହି ଭୋଇ, ଆରତୀ ସେଠ, ମହିଳା ସଭାନେତ୍ରୀ ଦୀପାଞ୍ଜଳି ବାରିକ, ସମିତି ସଭ୍ୟ ରାକେଶ ନାୟକ ଯୁବ ସଂଗଠକ ଅମିତ ରଥ, ଆଲୋକ ବୁଡ଼େକ, ସୁବ୍ରତ ବେହେରା, ସରପଞ୍ଚ ଗଜପତି ସାହୁ, ସରପଞ୍ଚ ପ୍ରତିନିଧି ପ୍ରଦୀପ ବାଗ, ଚମ୍ପୁ ସେଠ, ବ୍ଲକ ଯୁବ ବିଜେଡି ଭୈରବ ସାହୁ, ଦିଲୀପ ରାଜପଲିଆ, ବଜରଙ୍ଗ ଜୈନଙ୍କ ସମେତ ବହୁ ଦଳୀୟ କର୍ମକର୍ତ୍ତାମାନେ ସାମିଲ ଥିଲେ। ଆଇନ ଶୃଙ୍ଖଳାକୁ ଦୃଷ୍ଟି ରଖି ସଇଁତଲା ଆଇଆଇସି ସୁଶାନ୍ତ କୁମାର ବଢ଼େଇଙ୍କ ତତ୍ତ୍ୱବଧାନରେ ପିଏସଆଇ ରାଜେଶ ବେହେରା, ବଡ଼ମାଳ ଫାଣ୍ଡି ଅଧିକାରୀ ହରେକୃଷ୍ଣ ମାଝୀ, ବେଲଗାଁ ଫାଣ୍ଡି ଅଧିକାରୀ ଜୀବର୍ଦ୍ଧନ ମେହେର, ଏଏସଆଇ ଥବିର ମହାରଣା, ଟାଉନ ହାବିଲଦାର ଭୁବନେଶ୍ୱର ଭୋଇଙ୍କ ସମେତ ପୋଲିସ ବାହିନୀ ଉପସ୍ଥିତ ଥିଲେ।

# ଗୋପବନ୍ଧୁ ସ୍ୱାସ୍ଥ୍ୟ ବୀମାର ପୁନଃ କାର୍ଯ୍ୟ କ୍ଷେମ କରିବା ନେଇ ମୁଖ୍ୟମନ୍ତ୍ରୀ ଓଡିଶାଙ୍କୁ ସ୍ମାରକ ପତ୍ର ପ୍ରଦାନ

**ରାୟଗଡ,(ମହାଭାରତ) :** ଉତ୍କଳ ମିଡ଼ିଆ ସାମ୍ବାଦିକ ସଙ୍ଘ, ରାୟଗଡ ଜିଲ୍ଲା ତରଫରୁ ମାନ୍ୟବର ମୁଖ୍ୟମନ୍ତ୍ରୀ ଓଡିଶା ଶ୍ରୀଯୁକ୍ତ ମହୋନ ଚରଣ ମାଝୀଙ୍କ ଉଦେଶ୍ୟରେ ରାଜ୍ୟରେ କାର୍ଯ୍ୟରତ ସାମ୍ବାଦିକ ମାନଙ୍କ ବିଭିନ୍ନ ସମସ୍ୟା ନେଇ ୭ ଦଫା ସମ୍ବଳିତ ଏକ ସ୍ମାରକ ପତ୍ର ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ଶ୍ରୀ ବସନ୍ତ କୁମାର ପ୍ରଧାନଙ୍କୁ ପ୍ରଦାନ କରାଯାଇଛି। ପୂର୍ବ ବିଜେଡି ସରକାରଙ୍କ ସମୟରେ କାର୍ଯ୍ୟରତ ସାମ୍ବାଦିକ ଓ ସେମାନଙ୍କ ପରିବାର ସଦସ୍ୟଙ୍କୁ ଗୋପବନ୍ଧୁ ସ୍ୱାସ୍ଥ୍ୟ ବୀମା ଯୋଜନାରେ ସାମିଲ କରି ପ୍ରଥମେ ୨ ଲକ୍ଷ ଟଙ୍କାର ବୀମାରଶି ପ୍ରଦାନ କରିଥିଲେ ଏବଂ ପରେ ୨ ଲକ୍ଷ ଟଙ୍କାରୁ ୫ ଲକ୍ଷ ଟଙ୍କାକୁ ବୃଦ୍ଧି କରିଥିଲେ । ଯାହାଦ୍ୱାରା କାର୍ଯ୍ୟରତ ସାମ୍ବାଦିକ ଏହି ବୀମା ଯୋଜନାରେ ଉପକୃତ ହୋଇପାରୁଥିଲେ । ବର୍ତ୍ତମାନ ଉକ୍ତ ବୀମାର ଅବଧି ଚଳିତ ମାସ ୩୧ ତାରିଖ ପର୍ଯ୍ୟନ୍ତ ରହିଚି । ୩୧



ତାରିଖ ପରେ ଉକ୍ତ ବୀମା କାର୍ଡ଼ ମାଧ୍ୟମରେ ସ୍ୱାସ୍ଥ୍ୟ ସେବାରୁ ବଞ୍ଚିତ ହେବେ କାର୍ଯ୍ୟରତ ସମ୍ବାଦିକ ମାନେ । ଉକ୍ତ ବୀମା ପୁନଃ କାର୍ଯ୍ୟ କ୍ଷେମ କରିବା ନେଇ ନୂତନ ସରକାରଙ୍କ ନିକଟରୁ ସୂଚନା ପ୍ରଦାନ କରାଯାଇ ନାହିଁ । ଏହି ପରିପ୍ରେକ୍ଷୀରେ ଉତ୍କଳ ମିଡ଼ିଆ ସାମ୍ବାଦିକ ସଙ୍ଘ, ରାୟଗଡ ଜିଲ୍ଲା ତରଫରୁ ମାନ୍ୟବର ମୁଖ୍ୟମନ୍ତ୍ରୀଙ୍କ ଉଦେଶ୍ୟରେ ୭ ଦଫା ସମ୍ବଳିତ ଏକ ଦାବୀ ପତ୍ର ପ୍ରଦାନ କରାଯାଇଛି । ଉକ୍ତ ଦାବୀପତ୍ରରେ ଗୋପବନ୍ଧୁ ସ୍ୱାସ୍ଥ୍ୟ ବୀମା ଯୋଜନାକୁ ପୁନଃ କାର୍ଯ୍ୟ କ୍ଷେମ କରାଇବା, ସ୍ୱାସ୍ଥ୍ୟ ବୀମା ରାଶିକୁ ୫ ଲକ୍ଷ ଟଙ୍କାରୁ ୧୦ ଲକ୍ଷ ଟଙ୍କାରେ ବୃଦ୍ଧିକରିବା ସହ ସେହି ଯୋଜନାରେ ପିତା ଓ ମାତାଙ୍କୁ ଅନ୍ତର୍ଭୁକ୍ତ କରିବା, କାର୍ଯ୍ୟରତ ସାମ୍ବାଦିକ ମାନଙ୍କ ଯାତ୍ରା ନିମନ୍ତେ ବସ ଓ ରେଳବାଇ ପାସର ବ୍ୟବସ୍ଥା, ସାମ୍ବାଦିକ ମାନଙ୍କ ଅବସର ପରେ ଜୀବନ ବ୍ୟାପି ପେନସନର ବ୍ୟବସ୍ଥା କରିବା, କାର୍ଯ୍ୟରତ ସାମ୍ବାଦିକ ମାନେ ଖବର ସଂଗ୍ରହ ସମୟରେ ଓ ଖବର ପରିବେଷଣ ପରେ ସେମାନଙ୍କ ଉପରେ ଆକ୍ରୋଶ ମୂଳକ ଭାବେ ହେଉଥିବା ଆକ୍ରମଣ ଉପରେ ସୁରକ୍ଷା ଦେବା ସହ ସୁରକ୍ଷା ଆଇନ ପ୍ରଣୟନ କରିବା, ଓ କାର୍ଯ୍ୟରତ ସାମ୍ବାଦିକ ମାନଙ୍କୁ ବାସଗୃହ ପାଇଁ ଜମି ପ୍ରଦାନ କରିବା ସହ ବାସଗୃହ ଯୋଗାଇ ଦେବା ନେଇ ଉକ୍ତ ସ୍ମାରକ ପତ୍ରରେ ଉଲ୍ଲେଖ ରହିଚି । ସାମ୍ବାଦିକ ମାନଙ୍କ ହେଉଥିବା ସମସ୍ତ ସମସ୍ୟାର ଗରୁତର ସହ ବିଚାର କରି କାର୍ଯ୍ୟ କ୍ଷେମ କରିବେ ବୋଲି ଅନୁରୋଧ କରୁଛୁ । ଉତ୍କଳ ମିଡ଼ିଆ ସାମ୍ବାଦିକ ସଙ୍ଘ, ରାୟଗଡ ଜିଲ୍ଲାର ସଭାପତି ଶ୍ରୀ ଦୟାନନ୍ଦ ଖାଡ଼ଙ୍ଗାଙ୍କ ନେତୃତ୍ୱରେ ସମ୍ପାଦକ ଶ୍ରୀ ମନୋଜ କୁମାର ସାହୁ, ଉପଦେଷ୍ଟା ଶ୍ରୀ ସରୋଜ କୁମାର ସାହୁ, ସଭ୍ୟ ଶ୍ରୀ କେ. କ୍ରିଷ୍ଣା ମୂର୍ତ୍ତି ଓ ହରି ନାରାୟଣ ଦାଶ ପ୍ରମୁଖ ଉପସ୍ଥିତ ଥିଲେ ।

# ଆଧୁନିକ କ୍ରିକେଟର ଶ୍ରେଷ୍ଠ ଫିଲ୍ଡର ଜାଡେଜା





**ନୂଆଦିଲ୍ଲୀ,୩୧।୮:** ନିଜର ଖେଳ ସମୟରେ ସମସ୍ତଙ୍କୁ ଫିଲ୍ଡିଂ ମାଧ୍ୟମରେ ଚକିତ କରିଥିବା ଜଣ୍ଟି ରୋଡ୍ସ ଏବେ ପ୍ରୋ କ୍ରିକେଟ ଲିଗର ବ୍ରାଣ୍ଡ ଆମ୍ବାସାଡାର। ଯେତେବେଳେ ବି କ୍ରିକେଟରେ ଫିଲ୍ଡିଂ କଥା ଆସେ ସେତେବେଳେ ସମସ୍ତେ ଜଣ୍ଟି ରୋଡ୍ସଙ୍କ ନାଁ ହିଁ ନିଅନ୍ତି। ଦୀର୍ଘ ଦିନ ହେଲା ରୋଡ୍ସ କ୍ରିକେଟରୁ ଅବସର ନେଇ ସାରିଛନ୍ତି। ହେଲେ ଏବେ ସେ ଆଧୁନିକ କ୍ରିକେଟର ସର୍ବଶ୍ରେଷ୍ଠ ଫିଲ୍ଡରଙ୍କ ନାଁ ଘୋଷଣା କରିଛନ୍ତି।

ଆଧୁନିକ କ୍ରିକେଟରେ ସମସ୍ତେ ଫିଲ୍ଡିଂକୁ ଗୁରୁତ୍ୱ ଦେଉଛନ୍ତି। ଫିଲ୍ଡିଂର ସ୍ତର ମଧ୍ୟ ବଢ଼ିଛି। ସବୁ ଦଳ ସ୍ୱତନ୍ତ୍ର ଭାବେ ଫିଲ୍ଡିଂ କୋଚମାନଙ୍କୁ ବି ନିଯୁକ୍ତି କରୁଛନ୍ତି। ହେଲେ ମର୍ଡନ କ୍ରିକେଟର ସର୍ବଶ୍ରେଷ୍ଠ ଫିଲ୍ଡର ହେଉଛନ୍ତି ଟିମ ଇଣ୍ଡିଆର ରବୀନ୍ଦ୍ର ଜାଡେଜା ବୋଲି ରୋଡ୍ସ କହିଛନ୍ତି।

ଚଳିତ ବର୍ଷ ଜୁନ ମାସରେ ଭାରତ ବାର୍ବଡସରେ ଟି-୨୦ ବିଶ୍ୱକପ ଜିତିଥିଲା। ବିଶ୍ୱକପ ଜିତିବା ପରେ ଜଡେଜା, ବିରାଟ କୋହଲି ଓ ରୋହିତ ଶର୍ମା ଅନ୍ତର୍ଜାତୀୟ ଟି-୨୦ରୁ ଅବସର ନେଇଛନ୍ତି। ଟି-୨୦ ବିଶ୍ୱକପ ପରେ ବିରାଟ ଓ ରୋହିତ ଶ୍ରୀଲଙ୍କା ବିପକ୍ଷ ଦିନିକିଆରେ ନଜର ଆସିଥିଲେ। ହେଲେ ଜାଡେଜାଙ୍କୁ ବିଶ୍ରାମ ଦିଆଯାଇଥିଲା। ସେ ଖୁବଶୀଘ୍ର ଦିନିକିଆ ଓ ଟେଷ୍ଟ ଟିମକୁ କମବ୍ୟାକ କରିବେ।

ଜଣ୍ଟି ରୋଡ୍ସ କହିଛନ୍ତି, ଦୁଇ ଜଣ ଖେଳାଳିଙ୍କ ଫିଲ୍ଡିଂ ମୋତେ ସବୁବେଳେ ପ୍ରଭାବିତ କରି ଆସିଛି। ଜଣେ ହେଲେ ସୁରେଶ ରାଇନା ଓ ଆଉ ଜଣେ ହେଲେ ରବୀନ୍ଦ୍ର ଜାଡେଜା। ଉଭୟ ଭାରତର ବେଷ୍ଟ ଫିଲ୍ଡର। କିନ୍ତୁ ମୁଁ ଯେତେବେଳେ ଆଧୁନିକ କ୍ରିକେଟର ଶ୍ରେଷ୍ଠ ଫିଲ୍ଡରଙ୍କ କଥା କହୁଛି ସେତେବେଳେ ଜଣଙ୍କ ନାଁ ଆସୁଛି। ଆଉ ସେ ହେଉଛନ୍ତି ନିଶ୍ଚିତ ଭାବେ ରବୀନ୍ଦ୍ର ଜାଡେଜା। ଆପଣମାନେ ତାଙ୍କୁ ସାର୍ ଜାଡେଜା ଭାବେ ଜାଣିଛନ୍ତି।

ପ୍ରୋ କ୍ରିକେଟ ଲିଗ ଟ୍ରଫି ଓ ଜର୍ସି ଉନ୍ମୋଚନ କାର୍ଯ୍ୟକ୍ରମରେ ଯୋଗ ଦେଇଥିବା ରୋଡ୍ସ ଏପରି ନିଜର ମତ ରଖିଛନ୍ତି। ସେ କହିଛନ୍ତି ଯେ ମୁଁ ତାଙ୍କୁ (ଜାଡେଜା) କାହିଁକି ଶ୍ରେଷ୍ଠ ଫିଲ୍ଡର ମାନ୍ୟତା ଦେଲି ? ଏହାର କାରଣ ହେଲା ସେ ଯେକୌଣସି ସ୍ଥାନରେ ଫିଲ୍ଡିଂ କରିବାକୁ ସକ୍ଷମ। ଆପଣ ତାଙ୍କୁ ମିଡ ୱିକେଟ, ଲଗ ଅନ କିମ୍ବା ଶର୍ଟ କଭରରେ ଫିଲ୍ଡିଂ କରିବାକୁ କହିଲେ, ସେ ଜଲୱା ଦେଖାଇବାକୁ ସକ୍ଷମ। ସେ ଏତେ ଫାଷ୍ଟ ଯେ ତାଙ୍କ ପାଖକୁ ବଲ ଗଲେ ବ୍ୟାଟର ରନ ନେବାକୁ ଡରନ୍ତି। କ୍ୟାଚିଂ ଓ ଥ୍ରୋଇଂ ଅପେକ୍ଷା ଆପଣ କେତେ ଶୀଘ୍ର ବଲ ପାଖକୁ ଯାଉଛନ୍ତି, ତାହା ଗୁରୁତ୍ୱପୂର୍ଣ୍ଣ। ଏହି କ୍ଷେତ୍ରରେ ଜାଡେଜା ହେଉଛନ୍ତି ଶ୍ରେଷ୍ଠ।

# ଆହତ ହେଲେ ସୂର୍ଯ୍ୟକୁମାର



**ନୂଆଦିଲ୍ଲୀ,୩୧।୮:** ବୁଚି ବାବୁ ଇନଭିଟେସନାଲ ଟୁର୍ନାମେ ରେ ଭାରତର ଟି-୨୦ ଅଧିନାୟକ ସୂର୍ଯ୍ୟକୁମାର ଯାଦବ ଆହତ ହୋଇଛନ୍ତି। ତାଙ୍କ ଡାହାଣ ହାତରେ ଆଘାତ ଲାଗିବା ପରେ ସେ ବାଂଲାଦେଶ ସିରିଜ୍ ଖେଳିବେ କି ନାହିଁ, ସେନେଇ ଦ୍ୱନ୍ଦ୍ୱ ଉପୁଜିଛି। ବାଂଲାଦେଶ ଗସ୍ତ ପୂର୍ବରୁ ସୂର୍ଯ୍ୟକୁମାର ଆହତ ହେବା ଟିମ୍ ଇଣ୍ଡିଆକୁ ବଡ଼ ଝଟକା ଦେଇଛି। ସେପ୍ଟେମ୍ବର ୧୯ରୁ ଆରମ୍ଭ ହେବାକୁ ଥିବା ବାଂଲାଦେଶ ସିରିଜରେ ଭାରତକୁ ଉଭୟ ଟେଷ୍ଟ ଏବଂ ଟି-୨୦ ସିରିଜ୍ ଖେଳିବାକୁ ପଡିବ। କୁହାଯାଉଛି ଯେ, କୋଏମ୍ବାଟୁରରେ ବୁଚି ବାବୁ ଇନଭିଟେସନାଲ ଟୁର୍ନାମେ ଚାଲିଥିବା ବେଳେ ମୁମ୍ବାଇ ଏବଂ ତାମିଲନାଡୁ କ୍ରିକେଟ୍ ଆସୋସିଏସନ୍ ଏକାଦଶ ମଧ୍ୟରେ ମ୍ୟାଚ୍ ଖେଳାଯାଉଥିଲା। ମ୍ୟାଚରେ ଫିଲ୍ଡିଂ କରୁଥିବାବେଳେ ସୂର୍ଯ୍ୟକୁମାର ଯାଦବ ଆହତ ହୋଇଥିଲେ। ଏହି ମ୍ୟାଚରେ ସୂର୍ଯ୍ୟ ୩୮ଟି ବଲ ପର୍ଯ୍ୟନ୍ତ ପଡ଼ିଆରେ ରହିପାରିଥିଲେ। ହେଲେ ପରେ ସେ ଆହତ ହେବାରୁ ପଡ଼ିଆ ବାହରକୁ ଆସିଥିଲେ। ଏହି ଆଘାତ ପରେ ସୂର୍ଯ୍ୟ ଦୁଲିପ୍ ଟ୍ରଫି ଖେଳିବା କି ନାହିଁ ସେନେଇ ମଧ୍ୟ ପ୍ରଶ୍ନ ଉଠିଛି। ଦୁଲିପ୍ ଟ୍ରଫି ୫ସେପ୍ଟେମ୍ବରରୁ ଆରମ୍ଭ ହେବ। ତେବେ ସୂର୍ଯ୍ୟଙ୍କ ଆଘାତ କେତେ ଗୁରୁତର ଏବଂ ସେ କେବେ ସୁସ୍ଥ ହୋଇ ଫେରିବେ ସେ ସମ୍ପର୍କରେ କେଣସି ସୂଚନା ଗ୍ରହଣ କରାଯାଇ ନାହିଁ। ଶ୍ରୀଲଙ୍କା ଗସ୍ତରୁ ସୂର୍ଯ୍ୟଙ୍କୁ ଟିମ୍ ଇଣ୍ଡିଆର ଟି-୨୦ ଅଧିନାୟକ କରାଯାଇଥିଲା। ଅକ୍ଟୋବର ୬ରୁ ବାଂଲାଦେଶ ବିପକ୍ଷ ଟି-୨୦ ସିରିଜ ପାଇଁ ସୂର୍ଯ୍ୟ ଉପଲବ୍ଧ ହେବ କି ନାହିଁ ସେ ସମ୍ପର୍କରେ କେଣସି ସୂଚନା ମିଳିପାରିନାହିଁ।

# ଅଣ୍ଡର ୧୯ ଭାରତୀୟ ଟିମରେ ରାହୁଲ ଦ୍ରାଭିଡଙ୍କ ପୁଅ





**ପ୍ୟାରିସ,୩୧।୮:** ଭାରତୀୟ ଟିମର ପୂର୍ବତନ ଅଧିନାୟକ ଓ ମୁଖ୍ୟକୋଚ ରାହୁଲ ଦ୍ରାଭିଡଙ୍କ ପୁଅ ସମିତଙ୍କୁ ମିଳିଛି ବଡ଼ ସଫଳତା। ସେ ଅଣ୍ଡର ୧୯ ଭାରତୀୟ ଟିମରେ ପ୍ରଥମଥର ପାଇଁ ସୁଯୋଗ ପାଇଛନ୍ତି। ଅଷ୍ଟ୍ରେଲିଆ ବିପକ୍ଷ ଦିନିକିଆ ଓ ୪ ଦିନିଆ ଟେଷ୍ଟ ମ୍ୟାଚ୍ ଖେଳିବା ପାଇଁ ତାଙ୍କୁ ଭାରତୀୟ ଅଣ୍ଡର ୧୯ ଟିମରେ ସୁଯୋଗ ମିଳିଛି।

ଅଷ୍ଟ୍ରେଲିଆ ବିପକ୍ଷ ଦିନିକିଆରେ ଭାରତୀୟ ଅଣ୍ଡର ୧୯ର କ୍ୟାପଟେନ ଭାବେ ଉତ୍ତର ପ୍ରଦେଶର ମହମ୍ମଦ ଅମାନଙ୍କୁ ଚୟନ କରାଯାଇଛି। ତାଙ୍କ ନେତୃତ୍ୱରେ ଭାରତ ପୁଡୁଚେରୀରେ ଆସନ୍ତା ୨୧, ୨୩ ଓ ୨୬ ତାରିଖରେ ୩ଟି ଦିନିକିଆ ମ୍ୟାଚ୍ ଖେଳିବ। ଦିନିକିଆ ସିରିଜ ପରେ ୨ଟି ୪ ଦିନିଆ ଟେଷ୍ଟ ମ୍ୟାଚ୍ ଅନୁଷ୍ଠିତ ହେବ। ଚେନ୍ନାଇରେ ଦୁଇ ଦଳ ସେପ୍ଟେମ୍ବର ୩୦ ଓ ଅକ୍ଟୋବର ୭ରେ ଦୁଇଟି ମ୍ୟାଚ୍ ଖେଳିବେ। ୪ ଦିନିଆ ଟେଷ୍ଟରେ ଭାରତୀୟ ଟିମର କମାଣ ମଧ୍ୟପ୍ରଦେଶର ସୋହମ ପାଥୱର୍ଦ୍ଧନ ଧରିବେ। ଉଭୟ ଟେଷ୍ଟ ଓ ଦିନିକିଆ ଟିମରେ ସମିତ ଦ୍ରାଭିଡ ଅଲରାଉଣ୍ଡର ଭାବେ ସୁଯୋଗ ପାଇଛନ୍ତି। ପେସ୍ ବୋଲିଂ ଅଲରାଉଣ୍ଡର ଭାବେ ଜଣାଶୁଣା ସମିତ ଏବେ ବେଙ୍ଗାଲୁରୁରେ ଚାଲିଥିବା କେଏସ୍ସିଏ ମହାରାଜା ଟି-୨୦ ଟ୍ରଫିରେ ମହୀଶୂର ୱାରିୟର୍ସ ପାଇଁ ଖେଳୁଛନ୍ତି। ତେବେ ଏହି ଟ୍ରଫିରେ ସମିତ ଏଯାଏ ବୋଲିଂ କରିବାର ସୁଯୋଗ ପାଇ ନାହାନ୍ତି। ସେହିପରି ବ୍ୟାଟିଂରେ ମଧ୍ୟ ତାଙ୍କର ଯାଦୁ ଦେଖିବାକୁ ମିଳିନାହିଁ। ୭ଟି ଇନିଂସରେ ତାଙ୍କ ସର୍ବୋଚ୍ଚ ସ୍କୋର ମାତ୍ର ୩୩ ରହିଛି। ଏହାପୂର୍ବରୁ କିନ୍ତୁ କୋଚ ବେହାର ଟ୍ରଫିରେ ସମିତ ନିଜର ଯାଦୁ ଦେଖାଇଥିଲେ। କର୍ଣ୍ଣାଟକାକୁ ଏହି ଟୁର୍ଣ୍ଣାମେଣ୍ଟରେ ପ୍ରଥମଥର ବିଜୟ ଭେଟି ଦେବାରେ ସମିତ ଗୁରୁତ୍ୱପୂର୍ଣ୍ଣ ଭୂମିକା ତୁଲାଇ ଥିଲେ। ୮ଟି ମ୍ୟାଚରେ ୧୮ ବର୍ଷୀୟ ସମିତ ୩୬୨ ରନ କରିବା ସହ ୧୬ଟି ୱିକେଟ ଦଖଲ କରିଥଲେ। ଏହି ପ୍ରଦର୍ଶନ ଯୋଗୁ ତାଙ୍କୁ ପ୍ରଥମଥର ପାଇଁ ଭାରତୀୟ ଅଣ୍ଡର ୧୯ ଟିମରେ ସୁଯୋଗ ମିଳିଛି।

# ଭାରତ ପାଇଁ ଆଉ ଗୋଟିଏ ପଦକ ଜିତିଲେ ରୁବିନା



**ପ୍ୟାରିସ,୩୧।୮:** ପ୍ୟାରିସ ପାରା ଅଲିମ୍ପିକ୍ସରେ ଶୁଟିଂରୁ ପଦକ ଆସିବାରେ ଲାଗିଛି। ଆଜି ଭାରତ ପାଇଁ ୧୦ ମିଟର ଏୟାର ପିସ୍ତଲ (ଏସ୍ଏଚ୍ ୧)ରେ ପଦକ ଜିତିଛନ୍ତି ରୁବିନା ଫ୍ରାନ୍ସିସ। ସେ ଏହି ଇଭେଣ୍ଟରେ ଦେଶ ପାଇଁ ବ୍ରୋଞ୍ଜ ପଦକ କବଜା କରିଛନ୍ତି। ଏଥିସହ ଶୁଟିଂରେ ଭାରତର ପଦକ ସଂଖ୍ୟା ୪ ଓ ମୋଟ ଉପରେ ପାରା ଅଲିମ୍ପିକ୍ସରେ ପଦକ ସଂଖ୍ୟା ୫କୁ ବୃଦ୍ଧି ପାଇଛି।

ରୁବିନା ୧୦ ମିଟର ଏୟାର ପିସ୍ତଲ (ଏସଏଚ୍ ୧)ରେ ଆରମ୍ଭରୁ ଦମ ଦେଖାଇ ଦ୍ୱିତୀୟ ସ୍ଥାନରେ ରହିଥିଲେ। କିନ୍ତୁ ମଧ୍ୟ ଭାଗରେ କିଛି ଶଟ ସେ ଠିକ ଭାବେ ଲକ୍ଷ୍ୟ ଭେଦ କରି ପାରି ନଥିଲେ। ଏଥିଯୋଗୁ ତାଙ୍କୁ ୪ର୍ଥ ସ୍ଥାନକୁ ଖସିବାକୁ ପଡ଼ିଥିଲା। ତେବେ ସେ ପୁଣି କମବ୍ୟାକ କରି ନିଜ ଲୟକୁ ଫେରିଥିଲେ। ଏଥିସହ ମୋଟ ୨୧୧.୧ ସ୍କୋର କରି ଭାରତ ପାଇଁ ବ୍ରୋଞ୍ଜ ପଦକ ହାତେଇଛନ୍ତି। ସେ ପିସ୍ତଲ ଇଭେଣ୍ଟରେ ଭାରତର ପ୍ରଥମ ପାରା ଶୁଟର ଭାବେ ଅଲିମ୍ପିକ୍ସରେ ପଦକ ଜିତିବାକୁ ସକ୍ଷମ ହୋଇଛନ୍ତି।

୨୫ ବର୍ଷୀୟ ରୁବିନାଙ୍କ ପୂର୍ବରୁ ଶୁଟିଂରେ ଅବନୀ ଲେଖାର ଓ ମୋନା ଅଗ୍ରୱାଲ ଯଥାକ୍ରମେ ସ୍ୱର୍ଣ୍ଣ ଓ ବ୍ରୋଞ୍ଜ ବିଜୟୀ ହୋଇଥିଲେ। ଉଭୟ ଆଥଲେଟ ମହିଳା ୧୦ ମିଟର ଏୟାର ରାଇଫଲ ଏସଏସ୧ ପ୍ରତିଯୋଗିତାରେ ପଦକ ହାସଲ କରିଥିଲେ। ସେହିପରି ମନୀଷ ନରୱାଲ ପୁରୁଷ ୧୦ ମିଟର ଏୟାର ପିସ୍ତଲ ଏସଏସ୧ ରାଇଫଲ ପ୍ରତିଯୋଗିତାରେ ରୌପ୍ୟ ପଦକ ହାସଲ।

# ୬ ବଲରେ ୬ ଛକା ମାରିଲେ ପ୍ରିୟାଂଶ



**ମୁମ୍ବାଇ,୩୧।୮:** ଟିମ ଇଣ୍ଡିଆର ପୂର୍ବତନ ଅଲରାଉଣ୍ଡର ଯୁବରାଜ ସିଂହ ଭଳି ଚମକିଛନ୍ତି ଆଉ ଜଣେ ଯୁବ ଭାରତୀୟ। ସେ ମଧ୍ୟ ଯୁବରାଜଙ୍କ ଭଳି ୬ ବଲରେ ମାରିଛନ୍ତି ୬ ଛକା। କେବଳ ସେ ୬ ବଲରେ ୬ ଛକା ମାରି ନାହାନ୍ତି, ବରଂ ଶତକ ମଧ୍ୟ ହାସଲ କରିଛନ୍ତି। ଯୁବ ଭାରତୀୟ ଷ୍ଟାର ଜଣଙ୍କ ହେଲେ ପ୍ରିୟାଂଶ ଆର୍ଯ୍ୟ। ସେ ୬ ବଲରେ ଛକା ମାରିବା ବେଳର ଭିଡିଓ ମଧ୍ୟ ସାମ୍ନାକୁ ଆସିଛି।

ବର୍ତ୍ତମାନ ଦିଲ୍ଲୀ ପ୍ରିମିୟର ଟି-୨୦ ଲିଗ ଚାଲିଛି। ଏହି ଲିଗରେ ଯୁବ ଭାରତୀୟଙ୍କ ଜଲୱା ଦେଖିବାକୁ ମିଳୁଛି। କିନ୍ତୁ ଦକ୍ଷିଣ ଦିଲ୍ଲୀ ସୁପରଷ୍ଟାରଜ ଓ ଉତ୍ତର ଦିଲ୍ଲୀ ଷ୍ଟ୍ରାଇକର୍ସ ମଧ୍ୟରେ ଖେଳା ଯାଇଥିବା ମ୍ୟାଚ୍ ଅନେକ ଆଶ୍ଚର୍ଯ୍ୟଜନକ ଘଟଣା ଘଟିଛି। ଦକ୍ଷିଣ ଦିଲ୍ଲୀ ୨୦ ଓଭରରେ ୫ ୱିକେଟ ହରାଇ ବିଶାଳ ୩୦୮ ରନ କରିଥିଲା। ଏହା ଟି-୨୦ କ୍ରିକେଟରେ ସର୍ବୋଚ୍ଚ ଦଳଗତ ସ୍କୋର। କିନ୍ତୁ ଏହା ରେକର୍ଡ ବୁକକୁ ଯିବ କି ନାହିଁ, ସେକଥା ଜଣାନାହିଁ। ଆଜି ଯାଏ ଟି-୨୦ରେ ସର୍ବୋଚ୍ଚ ଦଳ ଗତ ସ୍କୋର ହେଉଛି ୨୮୭/୩। ୨୦୨୪ ଆଇପିଏଲରେ ଆରସିବି ବିପକ୍ଷରେ ହାଇଦ୍ରାବାଦ ଏପରି ସ୍କୋର କରିଥିଲା। ଟି-୨୦ ଅନ୍ତର୍ଜାତୀୟରେ ସର୍ବୋଚ୍ଚ ସ୍କୋର ନେପାଳ ନାଁରେ ରହିଛି। ଦଳ ମଙ୍ଗୋଲିଆ ବିପକ୍ଷରେ ୩ ୱିକେଟ ହରାଇ ୩୧୪ ରନ କରିଥିଲା। ମ୍ୟାଚ୍ କଥା ବିଚାରକୁ ନେଲେ ଦିଲ୍ଲୀ ସୁପର ଲିଗରେ ଉକ୍ତ ମ୍ୟାଚରେ କେବଳ ଚୌକା ଓ ଛକା ବର୍ଷା ଦେଖିବାକୁ ମିଳିଛି। ୬ ଛକା ମାରିଥିବା ପ୍ରିୟାଂଶ ଆର୍ଯ୍ୟ ୫୦ ବଲରେ ଅପରାଜିତ ୧୨୦ ରନର ଇନିଂସ ଖେଳିଛନ୍ତି। ସେହିପରି ଆଇପିଏଲରେ ଲକ୍ଷ୍ନୌ ପାଇଁ ଖେଳୁଥିବା ଆୟୁଷ ବଦୋନି ୫୫ ବଲରେ ଅପରାଜିତ ୧୬୫ ରନ କରିଛନ୍ତି। ୧୨ ତମ ଓଭରରେ ବାମହାତୀ ବ୍ୟାଟର ପ୍ରିୟାଂଶ ଉତ୍ତର ଦିଲ୍ଲୀର ଜଣେ ବାମହାତୀ ସ୍ପିନରଙ୍କୁ ୬ ବଲରେ ୬ ଛକା ମାରି ନିଜ ଦକ୍ଷତାର ପରିଚୟ ଦେଇଥିଲେ। ଏହାପରେ ମ୍ୟାଚ୍ର ୧୫ତମ ଓଭରରେ ସେ ଟୁର୍ଣ୍ଣାମେଣ୍ଟରେ ନିଜର ଦ୍ୱିତୀୟ ଶତକ ହାସଲ କରିଥିଲେ। ଘରୋଇ ଟି-୨୦ରେ ପ୍ରିୟାଂଶଙ୍କ ପୂର୍ବରୁ ୨୦୧୭ରେ ରସ୍ ହ୍ୱାଟଲେ, ୨୦୧୮ରେ ହଜରତତୁଲ୍ଲା ଜଜାଇ ଓ ୨୦୨୦ରେ ଲିଓ କାର୍ଟର ଏପରି ୬ ବଲରେ ୬ ଛକା ମାରିଥିଲେ। ଅନ୍ତର୍ଜାତୀୟ କ୍ରିକେଟରେ ଯୁବରାଜ ସିଂହ, କାଏରନ ପୋଲାର୍ଡ ଓ ଦିପେନ୍ଦର ସିଂହ ଅଇରୀ (ଦୁଇ ଥର) ଏପରି ରେକର୍ଡ କରିଛନ୍ତି।

# ମୁମ୍ବାଇ ଇଣ୍ଡିଆନ୍ସର ହାତ ଛାଡ଼ିବେ ନାହିଁ ରୋହିତ



**ମୁମ୍ବାଇ,୩୧।୮:** ଆସନ୍ତା ବର୍ଷ ଆଇପିଏଲ୍ ୨୦୨୫ ଆୟୋଜିତ ହେବ, କିନ୍ତୁ ଏହାପୂର୍ବରୁ ସମସ୍ତେ ଉତ୍ସାହର ସହିତ ମେଗା ନିଲାମକୁ ଅପେକ୍ଷା କରିଛନ୍ତି। ମେଗା ନିଲାମରେ ବହୁ ସଂଖ୍ୟକ ଖେଳାଳି ଅଂଶଗ୍ରହଣ କରିବେ ବିଶେଷକରି ନିଲାମ ପୂର୍ବରୁ ରୋହିତ ଶର୍ମା ଚର୍ଚ୍ଚାର କେନ୍ଦ୍ର ପାଲଟିଛନ୍ତି। କାରଣ ମୁମ୍ବାଇ ଇଣ୍ଡିଆନ୍ସ ତାଙ୍କୁ ମୁକ୍ତ କରିପାରେ ବୋଲି ଚର୍ଚ୍ଚା ଜୋର ଧରିଥିଲା। କିନ୍ତୁ ବର୍ତ୍ତମାନ ସୋସିଆଲ ମିଡିଆରେ ଦାବି କରାଯାଉଛି ଯେ ଏମଆଇ ଫ୍ରାଞ୍ଚାଇଜ ଏହାର ପୁରୁଣା ଅଧିନାୟକଙ୍କୁ ରଖିବା ପାଇଁ ସ୍ଥିର କରିସାରିଛି।

ସୋସିଆଲ ମିଡିଆରେ ଦାବି କରାଯାଉଛି ଯେ ମୁମ୍ବାଇ ଇଣ୍ଡିଆନ୍ସ ଆସନ୍ତା ସିଜିନରେ ରୋହିତ ଶର୍ମାଙ୍କୁ ନିଜ ସହ ରଖିପାରେ ଏହା ମଧ୍ୟ କୁହାଯାଇଥିଲା ଯେ 'ହିଟମ୍ୟାନ୍' ରୋହିତ ଶର୍ମା ଯାହା ଚାହୁଁଛନ୍ତି ତାହା ଗ୍ରହଣ କରିବାକୁ ଏମଆଇ ମ୍ୟାନେଜମେଣ୍ଟ ପ୍ରସ୍ତୁତ ଅଛି। ତେବେ ତାଙ୍କୁ ପୁନର୍ବାର ଅଧିନାୟକ କରାଯିବ କି ନାହିଁ ତାହା ସ୍ଥିର ହୋଇନାହିଁ। ଯଦି ଆମେ ଆଇପିଏଲ୍ ୨୦୨୪ ବାବଦରେ କହିବୁ, ତେବେ ମୁମ୍ବାଇ ଇଣ୍ଡିଆନ୍ସ ରୋହିତ ଶର୍ମାଙ୍କୁ ଅଧିନାୟକତ୍ୱରୁ ହଟାଇ ହାର୍ଦ୍ଦିକ ପାଣ୍ଡ୍ୟାଙ୍କୁ ନୂତନ ଅଧିନାୟକ ଭାବରେ ନିଯୁକ୍ତ କରିଥିଲା। ଆଉ ହାର୍ଦ୍ଦିକଙ୍କ ଅଧିନାୟକତ୍ୱରେ ମଧ୍ୟ ମୁମ୍ବାଇ ବହୁତ ଭଲ ପ୍ରଦର୍ଶନ କରିପାରି ନଥିଲା, ଯେଉଁ କାରଣରୁ ଦଳ ପଏ ଟେବୁଲରେ ଶେଷ ସ୍ଥାନରେ ରହିଥିଲା। ରବିଚନ୍ଦ୍ରନ୍ ଅଶ୍ୱିନ୍ ନିକଟରେ ରୋହିତ ଶର୍ମା ମୁମ୍ବାଇ ଇଣ୍ଡିଆନ୍ସରେ ରହିବେ ନା ଦଳ ଛାଡିବେ ସେନେଇ ଏକ ବଡ଼ ବିବୃତ୍ତି ଦେଇଥିଲେ। ସେ କହିଥିଲେ ଯେ ବଡ଼ ଖେଳାଳିଙ୍କ କ୍ୟାରିଅରରେ ଏକ ପର୍ଯ୍ୟାୟ ଆସିଥାଏ ଯେତେବେଳେ ଟଙ୍କା ସେମାନଙ୍କ ପାଇଁ ଅଧିକ ଗୁରୁତ୍ୱପୂର୍ଣ୍ଣ ନୁହେଁ ସେମାନେ କେବଳ ଭଲ ପରିବେଶରେ କ୍ରିକେଟ୍ ଖେଳିବାକୁ ଚାହାନ୍ତି।

## ଟିପିସିଓଡିଏଲ୍ ପକ୍ଷରୁ ଏମଡିଏଜିର ଶୁଭାରମ୍ଭ

**ଭୁବନେଶ୍ୱର, ୩୧।୮:** ଟାଟା ପାୱାର ଓ ଓଡ଼ିଶା ସରକାରଙ୍କ ଏକ ଯୌଥ ଉଦ୍ୟୋଗ ଟିପି ସେଣ୍ଟ୍ରାଲ ଓଡ଼ିଶା ଡିଷ୍ଟ୍ରିବ୍ୟୁସନ୍ ଲିମିଟେଡ୍ (ଟିପିସିଓଡିଏଲ୍) ପକ୍ଷରୁ ବିଦ୍ୟୁତ୍ ଚୋରିକୁ ରୋକିବା ପାଇଁ ନିକଟରେ ମିଟର ଡାଟା ଆନାଲିସିସ୍ ଗ୍ରୁପ୍ (ଏମଡିଏଜି) ଗଠନ କରାଯାଇଛି। ଏହି ସ୍ୱତନ୍ତ୍ର ଦଳରେ ଅଭିଜ୍ଞ କର୍ମଚାରୀ ରହିଛନ୍ତି ଯେଉଁମାନେ କମ୍ପାନୀ ଦ୍ୱାରା ବିକଶିତ ସଫ୍ଟୱେୟାର୍ ବ୍ୟବହାର କରି ଗ୍ରାହକଙ୍କ ବିଦ୍ୟୁତ ମିଟର ତଥ୍ୟକୁ ବିଶ୍ଳେଷଣ କରୁଛନ୍ତି।

ଗ୍ରାହକଙ୍କ ମିଟର ର ପ୍ରାଥମିକ କାର୍ଯ୍ୟ ହେଉଛି ବିଲିଂ ଏବଂ ଶୁଳ୍କ ଆଦାୟ ଉଦ୍ଦେଶ୍ୟରେ ଉପଭୋକ୍ତା ର ବିଦ୍ୟୁତ୍ ବ୍ୟବହାର ତଥ୍ୟ କୁ ରେକର୍ଡ କରିବା। ତେବେ ମିଟରରେ ଆହୁରି କିଛି ଗୁରୁତ୍ୱପୂର୍ଣ୍ଣ ତଥ୍ୟ ମଧ୍ୟ ସଂଗ୍ରହ କରାଯାଇଥାଏ ଯାହାକୁ କେବଳ ବିଲିଂ ପାଇଁ ନୁହେଁ ବରଂ ଗ୍ରାହକ ସ୍ତରରେ ଯୋଗାଣର ଗୁଣବତ୍ତା, ବିଦ୍ୟୁତ୍ ସ୍ଥାପନର ଗୁଣବତ୍ତା, ମିଟରର ଗୁଣବତ୍ତା, ବିଦ୍ୟୁତ ଚୋରି ଏବଂ ବୈଷୟିକ କ୍ଷତି ଆକଳନ କରିବା ପାଇଁ ମଧ୍ୟ ବ୍ୟବହାର କରାଯାଇପାରିବ।

ଏମଡିଏଜି ଗ୍ରୁପର ମୁଖ୍ୟ ଭୂମିକା ହେଉଛି ବିଦ୍ୟୁତ ଚୋରିର ସମ୍ଭାବ୍ୟ ମାମଲାଗୁଡ଼ିକୁ ଚିହ୍ନଟ କରିବା, ଯାହା ବର୍ତ୍ତମାନ କମ୍ପାନୀ ପାଇଁ ଏକ ବଡ ଚ୍ୟାଲେଞ୍ଜ। ମିଟର ଡାଟାକୁ ବିଶ୍ଳେଷଣ କରି ଏହି ଗ୍ରୁପ୍ ଲିଡ ସୃଷ୍ଟି କରିପାରିବ ଯାହା ଟିପିସିଓଡିଏଲକୁ ବିଦ୍ୟୁତ୍ ଚୋରି ବିରୋଧୀ ଚଢ଼ାଉ କରିବାରେ ସାହାଯ୍ୟ କରିବ। ଏହାର ପ୍ରଭାବରେ ମିଟର ହେରଫେର କିମ୍ବା ବେଆଇନ ସଂଯୋଗ ଭଳି ଅସାଧୁ ଅଭ୍ୟାସ ଯୋଗୁଁ ହେଉଥିବା ବାଣିଜ୍ୟିକ କ୍ଷତି ମଧ୍ୟ ହ୍ରାସ ପାଇବ। ଏହି ଗ୍ରୁପ୍ ଏବେ ଅଧିକ ବିଦ୍ୟୁତ ବ୍ୟବହାର କରୁଥିବା ଗ୍ରାହକଙ୍କ ତଥ୍ୟ ବିଶ୍ଳେଷଣକୁ ପ୍ରାଥମିକତା ଦେଉଥିବା ବେଳେ ଆଗାମୀ ଦିନରେ କମ୍ ବିଦ୍ୟୁତ୍ ଉପଯୋଗ କରୁଥିବା ଗ୍ରାହକଙ୍କୁ ମଧ୍ୟ ଏଥିରେ ସାମିଲ କରିବାକୁ ଯୋଜନା ରହିଛି।

## ଟୟୋଟା କିର୍ଲୋସ୍କର ବ୍ୟାଙ୍କ ଅଫ ଇଣ୍ଡିଆ ସହିତ ମିଳିତ ହେଲା

**ଭୁବନେଶ୍ୱର, ୩୧।୮:** ଗ୍ରାହକଙ୍କ ଅଭିଜ୍ଞତାକୁ ବଢ଼ାଇବା ଏବଂ ଅଭିନବ ସମାଧାନ ମାଧ୍ୟମରେ କାର ମାଲିକାନା ଅଭିଜ୍ଞତାକୁ ଶୃଙ୍ଖଳିତ କରିବା ପାଇଁ ଟୟୋଟା କିର୍ଲୋସ୍କର ମୋଟର (ଟିକେଏମ)ୟୁନିୟନ ବ୍ୟାଙ୍କ ଅଫ ଇଣ୍ଡିଆ ସହିତ ଏକ ସ୍ମାରକପତ୍ର (ଏମଓୟୁ) ସ୍ୱାକ୍ଷର କରିବାକୁ ଘୋଷଣା କରିଛି। ଗ୍ରାହକଙ୍କ ବିକାଶଶୀଳ ଆବଶ୍ୟକତାକୁ ପୂରଣ କରିବା ଏବଂ ଟୟୋଟା ଯାନଗୁଡ଼ିକୁ ପୂର୍ବାପେକ୍ଷା ଅଧିକ ସୁଗମ କରିବା ପାଇଁ ଅଭିନବ ତଥା ଆକର୍ଷଣୀୟ ସମାଧାନ ପ୍ରଦାନ କରିବାକୁ ସହଭାଗୀତା ଲକ୍ଷ୍ୟ ରଖିଛି।

ସହଭାଗୀତା ଗ୍ରାହକଙ୍କୁ ବ୍ୟକ୍ତିଗତ ବ୍ୟବହାର ପାଇଁ କିଣାଯାଇଥିବା ଯେକୌଣସି ଟୟୋଟା ଯାନର ଅନ-ରୋଡ ମୂଲ୍ୟରେ ୯୦% ପର୍ଯ୍ୟନ୍ତ ଆର୍ଥିକ ଉପଭୋଗ କରିବାକୁ ଅନୁମତି ଦେବ, ସେମାନଙ୍କୁ କ ଲକ୍ଷ୍ଣ ଶସି ଜବରଦଖଲ କିମ୍ବା ପାର୍ଟ-ପେମେଂଟ ଦେୟରୁ ମୁକ୍ତ କରିବ। ବେସରକାରୀ ଯାନ ପାଇଁ ୟୁନିଅନ ଭେଇକିଲ ସ୍କିମ ଅନ୍ତର୍ଗତ ଆର୍ଥିକ ବିକଳ୍ପଗୁଡିକ ଗ୍ରାହକଙ୍କୁ ୮୪ ମାସ ପର୍ଯ୍ୟନ୍ତ ନମନୀୟ କାର୍ଯ୍ୟକାଳ ଚୟନ କରିବାରେ ସାହାଯ୍ୟ କରିବ ଏବଂ ବର୍ତମାନ ପ୍ରତିଯୋଗିତାମୂଳକ ସୁଧ ହାର ସହିତ ବାର୍ଷିକ ୮.୮୦% ରୁ ଆରମ୍ଭ ହେବ। ବାଣିଜ୍ୟିକ ଯାନ ପାଇଁ ୟୁନିଅନ ପରିବହନ ସ୍କିମ ଅନ୍ତର୍ଗତ ଆର୍ଥିକ ବିକଳ୍ପ ଗ୍ରାହକଙ୍କୁ ପ୍ରତିଯୋଗିତାମୂଳକ ହାର ସହିତ ୬୦ ମାସ ପର୍ଯ୍ୟନ୍ତ ଫ୍ଲେକ୍ସିବୁଏଲ୍ କାର୍ଯ୍ୟକାଳ ବାଛିବାରେ ସାହାଯ୍ୟ କରିବ। ୟୁନିଅନ ବ୍ୟାଙ୍କର ବ୍ୟାପକ ନେଟୱାର୍କ ସମସ୍ତ ଟୟୋଟା ଗ୍ରାହକଙ୍କୁ ଦେଶବ୍ୟାପୀ ଆର୍ଥିକ ବିକଳ୍ପ ପାଇଁ ସହଜ ସୁବିଧା ପ୍ରଦାନ କରିବ।

## ଭୁବନେଶ୍ୱରରେ ନିଜର ଶାଖା ବିସ୍ତାର କଲା ଫାୟାରନେଟ୍

**ଭୁବନେଶ୍ୱର, ୩୧।୮:** ଅଗ୍ନି ନିରାପତା ଶିଳ୍ପର ପ୍ରମୁଖ ଅଗ୍ରଣୀ ସଂସ୍ଥା ଫାୟାରନେଟ୍ ଓଡ଼ିଶାର ଭୁବନେଶ୍ୱରରେ ଏହାର ନୂତନ ଶାଖା କାର୍ଯ୍ୟାଳୟ ଖୋଲିବା ନେଇ ଘୋଷଣା କରି ଉତ୍ସାହିତ। ପ୍ରତିଷ୍ଠାତା ସୁଧାଂଶୁ ପଣ୍ଡା, ନିର୍ଦ୍ଦେଶକ ପ୍ରତୀକ ବର୍ମା ଓ ରୋହିତ ମହାପାତ୍ରଙ୍କ ନେତୃତ୍ୱରେ ଏହି ସମ୍ପ୍ରସାରଣ ଏକ ଗୁରୁତ୍ୱପୂର୍ଣ୍ଣ ମାଇଲଖୁଣ୍ଟ୍ ଭାବେ ପରିଗଣିତ ହୋଇଥିବା ବେଳେ ଫାୟାରନେଟ୍ ଏହାର ଅସାଧାରଣ ଅଗ୍ନି ନିରାପତା ଓ ସମାଧାନକୁ ଓଡ଼ିଶାର ହୃଦୟରେ ପହଂଚାଇଛି। ଦ୍ୱିତୀୟ ମହଲା, ପ୍ଲଟ୍ ନଂ ୨୨୭, ଷ୍ଟ୍ରିଟ୍ ନଂ ୭୯୦, ଜୁଡିଓର ବିପରୀତ ଦିଗରେ, ରୁପାଲି ଛକ, ସହିଦ ନଗର, ଭୁବନେଶ୍ୱର, ଜିଲ୍ଲା-ଖୋର୍ଦ୍ଧା, ଓଡ଼ିଶା, ପିନ୍ ୭୫୧୦୦୭ ଏହି ନୂତନ କାର୍ଯ୍ୟାଳୟ ଦ୍ରୁତ ବିକାଶଶୀଳ ଏହି ସହରରେ ଜୀବନ ଓ ସମ୍ପତିର ସୁରକ୍ଷା ପାଇଁ ଆମର ଲକ୍ଷ୍ୟ।

ଫାୟାରନେଟ୍ର ନେତୃତ୍ୱର ସାମୂହିକ ଦୃଷ୍ଟିକୋଣ ରୁ ଭୁବନେଶ୍ୱରରେ ସମ୍ପ୍ରସାରଣ ପରିଚାଳିତ ହୋଇଛି । ଓଡ଼ିଶା ସହ ଗଭୀର ସମ୍ପର୍କ ରଖିଥିବା ପ୍ରତିଷ୍ଠାତା ସୁଧାଂଶୁ ପଣ୍ଡା ଅଗ୍ନି ନିରାପତାର ସର୍ବୋଚ୍ଚ ମାନଦଣ୍ଡରୁ ଭୁବନେଶ୍ୱର ଯେପରି ଉପକୃତ ହୁଅନ୍ତି, ସେଥିପ୍ରତି ସମର୍ପିତ। ଶ୍ରୀଯୁକ୍ତ ପଣ୍ଡା କହିଛନ୍ତି ଯେ, "ଫାୟାରନେଟ୍ ଜରିଆରେ ଆମେ କେବଳ ଅତ୍ୟାଧୁନିକ ଅଗ୍ନି ନିରାପତା ସମାଧାନ ଆଣିନାହୁଁ ବରଂ ଏହାର ରକ୍ଷଣାବେକ୍ଷଣ ଓ ସେବା ପ୍ରତି ଦୃଢ଼ ପ୍ରତିବଦ୍ଧତା ମଧ୍ୟ ଆଣିଛୁ। ଅଗ୍ନିନିର୍ବାପକ ପ୍ରକଳ୍ପ ପାଇଁ ଆମର ୩ ରୁ ୬ ବର୍ଷର ରକ୍ଷଣାବେକ୍ଷଣ ଯୋଜନା, ଆମର ସମସ୍ତ ଖୁଚୁରା ଗ୍ରାହକଙ୍କ ପାଇଁ ମାଗଣା ମାସିକ ସେବା ସହିତ, ସୁରକ୍ଷା ଏବଂ ସଚେତନତାର ସଂସ୍କୃତି ସୃଷ୍ଟି କରିବା ପାଇଁ ପ୍ରସ୍ତୁତ କରାଯାଇଛି ଯାହା ଭୁବନେଶ୍ୱର ବାସିନ୍ଦାଙ୍କ କଲ୍ୟାଣ ପାଇଁ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ।"

## ୟୁଏଇ ଯାତ୍ରୀଙ୍କ ପାଇଁ କୋଟାକ କରିଛି ଫାଲକନ ଫରେକ୍ସ କାର୍ଡ

**ଭୁବନେଶ୍ୱର, ୩୧।୮:** କୋଟାକ ମହିନ୍ଦ୍ରା ବ୍ୟାଙ୍କ ଲିମିଟେଡ ଆଜି କୋଟାକ ଫାଲକନ କାର୍ଡ ଉନ୍ମୋଚନ କରିଛି – ସଂଯୁକ୍ତ ଆରବ ଏମିରେଟ୍ସକୁ (ୟୁଏଇ) ଯାଉଥିବା ବର୍ଦ୍ଧିତ ସଂଖ୍ୟକ ଭାରତୀୟଙ୍କ ପାଇଁ ଏକକ ମୁଦ୍ରା ପ୍ରିପେଡ ଫରେକ୍ସ କାର୍ଡ। ସୁରକ୍ଷା, ସୁବିଧା ଏବଂ ୨୦,୦୦୦ ଟଙ୍କା ପର୍ଯ୍ୟନ୍ତ କ୍ରମବର୍ଦ୍ଧିଷ୍ଣୁ ସଂଚୟ ଯାଚୁଥିବା କୋଟାକ ଫାଲକନ କାର୍ଡର ୟୁଏସ୍ପି ଭାରତୀୟ ଅଭିଳାଷୀଙ୍କ ପାଇଁ ଲାଭଦାୟକ ଅଟେ।

ୟୁଏଇରେ ପୈଠ ପାଇଁ କୋଟାକ ଫାଲକନ କାର୍ଡ ବ୍ୟବହାର କରୁଥିବା ଯାତ୍ରୀମାନେ ୧୦୦+ ପର୍ଯ୍ୟଟନ ସ୍ଥଳୀ, ଦୁଃସାହସିକ କ୍ରୀଡା, କିଣାକିଣି, ଭୋଜନ ଏବଂ ଅନନ୍ୟ ଅଭିଜ୍ଞତାରେ ତତ୍କାଳ ରିହାତି ପାଇବେ। ନିଃଶୁଳ୍କ ବୀମା ଢାଙ୍କୁଣୀ, ୨୪x୭ ପୁନଃ-ଲୋଡ ସେବା, ତତ୍କାଳ ଫେରସ୍ତ ଏବଂ ହଇରାଣ ମୁକ୍ତ କାର୍ଡ ବଦଳାଇବା ଆଦି ଅତିରିକ୍ତ ଲାଭ ଅନ୍ତର୍ଭୁକ୍ତ।

ମୁମ୍ବାଇର ଗ୍ଲୋବାଲ ଫନ୍ଟେକ୍ ଫେଷ୍ଟରେ ରୋହିତ ଭାସିନ, ଅଧକ୍ଷ – ହେଡ ଏଫ୍ଲୁଏଣ୍ଟ, ଏନଆରଆଇ, ବିଜନେଓ ବ୍ୟାଙ୍କିଙ୍ଗ ଏବଂ ମୁଖ୍ୟ ବିପଣନ ଅଫିସର, କୋଟାକ ମହିନ୍ଦ୍ରା ବ୍ୟାଙ୍କ; ମୁଜାଫର ହମିଦ, ସିଇଓ, ମେର୍କ୍ୟୁରୀ ପେମେଣ୍ଟ ସର୍ଭିସ; ଏବଂ ଏନ୍ପିସିଆଇ ର ମାନ୍ୟଗଣ୍ୟ ବ୍ୟକ୍ତିଙ୍କ ଦ୍ୱାରା କୋଟାକ ଫାଲକନ କାର୍ଡ ଉନ୍ମୋଚିତ ହୋଇଥିଲା। ୟୁଏଇ ଆଧୁନିକତା ଏବଂ ବିଳାସର ଏକ ଉତ୍କୃଷ୍ଟ ମିଶ୍ରଣକୁ ପ୍ରତିନିଧିତ୍ୱ କରେ। ଏକ ସମନ୍ୱିତ ଆର୍ଥିକ ଏବଂ ଡିଜିଟାଲ ଦେୟ ପ୍ରଣାଳୀ ସହିତ ଏହା ଭାରତର ତୃତୀୟ ବୃହତମ ବାଣିଜ୍ୟିକ ଭାଗିଦାରୀ ଅଟେ।

Printed & Published by Biswajit Samanta on behalf of Kusuma Samanta printed at Niyati Publication (P) Ltd., 166-B MANCHESWAR INDUSTRIAL ESTATE, BHUBANESWAR-751010 & Published From LP-115, PRASANTI VIHAR, HOUSING BOARD COLONY BHUBANESWAR-751 024. Tele: (0674)2546981 Fax: (0674)2546982
Mob.: 9937028982, 7847944970, 7008420927 , Email : odishamahabharata@gmail.com, orissamahabharat@rediffmail.com Editor: SURJIT KUMAR DHAL ସମ୍ପାଦକ: ସୁରଜିତ୍ କୁମାର ଧଳ